# ଜଣେ ବନ୍ଦୀ

…ଏଠାରେ ପୁନର୍ବାର, ପ୍ରଭୁ ଯୀଶୁଙ୍କ ନାମରେ, ଏବଂ ସେହି ମହାନ ଏବଂ ଶକ୍ତିଶାଳୀ କାର୍ଯ୍ୟଗୁଡ଼ିକ ବିଷୟରେ ଶୁଣିବା, ଯାହାକି ତୁମେ ପୂର୍ବରୁ କରିଅଛ । ଏବଂ ବର୍ତ୍ତମାନ ଆମେ ଆଶା ସହିତ ଛିଡା ହୋଇଅଛୁ, ଆମର ବିଶ୍ୱାସକୁ ଉଠାଅ ଏବଂ ଆମକୁ ଅଭିଷେକ କର, ଯେପରିକି ଆମେ ଏହା ବିଶ୍ୱାସ କରୁ ଯେ ଆଜି ରାତିରେ ଯାହା ମଗା ଯାଇଅଛି ତାହା ପ୍ରଦାନ କରାଯିବ । ତୁମେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣକୁ ଓ ସମସ୍ତଙ୍କୁ ଜାଣ, ସେହି ସମସ୍ତ କିଛି ଯାହା ସେମାନେ ଅନୁରୋଧ କରିଛନ୍ତି । ଏବଂ ଆମେ ସେମାନଙ୍କ ପାଇଁ ପ୍ରାର୍ଥନା କରୁ, ବିଶେଷ କରି, ପ୍ରଭୁ, ଯେଉଁମାନେକି ମୃତ୍ୟୁର ନିକଟତର ଅଟନ୍ତି । ସେମାନଙ୍କ ପ୍ରାଣକୁ ଶାନ୍ତି ଆଣି ଦିଅ ଯଦି ଏହା ସେମାନଙ୍କ ପାଖରେ ପୂର୍ବରୁ ନାହିଁ । ସେମାନଙ୍କ ଶରୀରକୁ ଆରୋଗ୍ୟତା ଆଣି ଦିଅ । ପ୍ରଭୁ, ଏହା ପ୍ରଦାନ କର ।

2 ଆମର ଏକତ୍ର ହେବା ବିଷୟକୁ ଆଶୀର୍ବାଦ କର । ପ୍ରଭୁ, ଆମେ—ଆମେ ପ୍ରାର୍ଥନା କରୁ, ଏହି ବୁଧବାର ରାତିର ପ୍ରାର୍ଥନା ସଭାରେ, ଯେ, ଯେତେବେଳେକି ଆମେ ଏକତ୍ର ହୋଇଅଛୁ, ଏହା ଜାଣି ଯେ ଯେଉଁଠାରେ ଦୁଇ କିମ୍ବା ଅଧିକ ଏକାଠି ହୁଅନ୍ତି, ତୁମେ ଆମ ସହିତରେ ରହିବ । ଆଉ ପ୍ରଭୁ, ଆମେ ତୁମକୁ ମାଗୁଛୁ, ଆଜି ରାତିରେ ଆମକୁ ତୁମର ବାକ୍ୟ ପ୍ରଦାନ କର । ପ୍ରଭୁ, ଆମ ସହିତ କଥା କୁହ, ଏବଂ ଆମର ହୃଦୟଗୁଡିକୁ, ଅଦ୍ଭୁତ ଭାବେ ଉତ୍ତପ୍ତ କର, ଯେପରିକି ଆମେ ଜାଣିବୁ ଯେ ସେହି ମହାନ ସମୟ ପାଇଁ ଆମେ ନିଜକୁ କିପରି ଭାବରେ ଶୃଙ୍ଖଳିତ କରିବୁ ଯାହା ଆଗକୁ ରହିଅଛି, ଯେତେବେଳେକି ଆମେ ବିଶ୍ୱାସ କରୁ ଯେ ଆମେ ପ୍ରଭୁଙ୍କ ଆଗମନର ନିକଟବର୍ତ୍ତି ହେଉଅଛୁ ।

3 ବର୍ତ୍ତମାନ ଆମେ ଲୋକମାନଙ୍କ ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ ଯେ ସେମାନେ ନିଜ ପ୍ରତି ପ୍ରିୟ ସେହି ବିଶ୍ୱାସକୁ ପାଇବାକୁ ଆରମ୍ଭ କରିଛନ୍ତି, ଏବଂ ବିଶ୍ୱାସର ଅର୍ଥ କଅଣ ତାହା ଜାଣୁଛନ୍ତି । ଏବଂ ଏହା ଜାଣି, ଏପରିକି ଆଗରେ ହେବାକୁ ଥିବା ସେବାଗୁଡିକ ପାଇଁ ତୁମକୁ ଧନ୍ୟବାଦ ଦେଉଛୁ, ଏହା ବିଶ୍ୱାସ କରି ଯେ ତୁମେ କିଛି କରିବାକୁ ଯାଉଅଛ । ପ୍ରଭୁ, ସେହି ପୁରାତନ ଦିନଗୁଡିକ ପରି, ଆମେ ଆଶା ସହିତରେ ଅପେକ୍ଷା କରୁଅଛୁ, ଏହା ବିଶ୍ୱାସ କରି ଯେ ସେହି ସମୟ ସନ୍ନିକଟ ଅଟେ ଯେତେବେଳେ ତୁମେ ସ୍ୱର୍ଗର ସେହି ଝରକାଗୁଡିକୁ କେବଳ ଉଠାଇବାକୁ ଯାଉଛ ଏବଂ ସେହି ପ୍ରତିଜ୍ଞା ସବୁକୁ ଢ଼ାଳିବାକୁ ଯାଉଛ ଯାହାକି ପରମେଶ୍ୱର ଏହି ଶେଷ ଦିନରେ ପ୍ରତିଜ୍ଞା କରିଛନ୍ତି ।

4 ପ୍ରଭୁ, ବର୍ତ୍ତମାନ ଆମେ ତୁମକୁ ମାଗୁଛୁ, ଯେ—ଯେ ତୁମେ ରାଷ୍ଟ୍ରଗୁଡିକର ଚାରିଆଡେ, ସମସ୍ତଙ୍କ ସହିତରେ ରହିବ, ଯେପରିକି ଆଜି ଆମେ ଶୁଣୁଛୁ ଯେ ଅନେକେ ଚାରିଆଡ଼େ, ସବୁଆଡେ, ଯେଉଁମାନେକି ଆବଶ୍ୟକତାରେ ଅଛନ୍ତି । ପ୍ରଭୁ, ସେମାନଙ୍କର ଅନୁରୋଧଗୁଡିକୁ

ସେମାନଙ୍କୁ ପ୍ରଦାନ କର । ଏବଂ ଆମେ ପରମେଶ୍ୱରଙ୍କ ସେହି ମହାନ ହାତକୁ—କୁ ସମସ୍ତ ଜଗତରେ ସେହି ଲୋକମାନଙ୍କ ମଧ୍ୟରେ ବୁଲୁଥିବାର ଦେଖିବା ପାଇଁ ପ୍ରାର୍ଥନା କରୁ ଯେଉଁମାନେକି ଏହି ମହାନ ବିଷୟ ପାଇଁ ଅନାଇ ରହିଛନ୍ତି ।

5 ଆମମାନଙ୍କୁ ଆମର ପାପ ନିମନ୍ତେ କ୍ଷମା କର । ହେ ପ୍ରଭୁ, ତୁମ୍ଭର ଆତ୍ମା ଓ ତୁମ୍ଭର ବାକ୍ୟ ଦ୍ୱାରା, ଆମ୍ଭମାନଙ୍କୁ ତାଡନା ଦିଅ, ଯେପରିକି ଆମ୍ଭେମାନେ, ଆଜ୍ଞାକାରୀ ସେବକମାନଙ୍କ ସଦୃଶ, ପରମେଶ୍ୱରଙ୍କ ଇଚ୍ଛାରେ ଆଜ୍ଞାକାରୀ ସେବକ ନିମନ୍ତେ ଅନୁଶାସିତ ହୋଇପାରୁ । ଆସନ୍ତୁ ଆମେମାନେ ମନେ ପକାଇବା, ଏବଂ ଆମର ହୃଦୟଗୁଡିକରେ ଏହା ଭାବିବାକୁ ଚେଷ୍ଟା କରିବା, ଯାହା ସେହି ପ୍ରାରମ୍ଭିକ ଖ୍ରୀଷ୍ଟିଆନମାନେ କରିଥିଲେ । ଆମେ କେଉଁ ଧରଣର ଲୋକମାନଙ୍କୁ ଭେଟିବା ଯେତେବେଳେ ଆମେ ସେମାନଙ୍କୁ ସାକ୍ଷାତ କରିବା ଯେଉଁମାନେକି ବ୍ୟକ୍ତିଗତ ଭାବରେ ଆପଣଙ୍କ ସହିତ ସମ୍ପର୍କରେ ରହିଥିଲେ । ସେମାନଙ୍କର ଚେହେରାଗୁଡିକ କିପରି ନିଶ୍ଚିତ ଭାବରେ ବିଶ୍ୱାସ ଏବଂ ଆନନ୍ଦର ସହିତ ଆଲୋକିତ ହୋଇଥିବ । ସେମାନଙ୍କର ଜୀବନଗୁଡିକ କିପରି ନିଶ୍ଚିତ ଭାବରେ ପରମେଶ୍ୱରଙ୍କ ଜୀବନ୍ତ ବାକ୍ୟ ହୋଇଥିବ, ଯେପରିକି "ସମସ୍ତ ଲୋକଙ୍କ ଦ୍ୱାରା ପଠିତ ଲିଖିତ ପତ୍ରସ୍ୱରୂପ" ଥିଲା ଯେତେବେଳେ ସେମାନେ ଭିତରକୁ ଏବଂ ଲୋକମାନଙ୍କ ମଧ୍ୟକୁ ଯାଇଥିଲେ । ପରମେଶ୍ୱର, ଏହାକୁ ଆଉ ଥରେ ପ୍ରଦାନ କର ।

6 ଆମର ଜୀବନଗୁଡିକୁ ତୁମ ପ୍ରତି ଏତେ ସମର୍ପିତ ହେଉ, ଯେ ପବିତ୍ରଆତ୍ମା ଆମମାନଙ୍କ ମାଧ୍ୟମରେ ନିଜକୁ ସଜୀବ ରଖିବେ, ଏବଂ ହେ ପ୍ରଭୁ, ଆମମାନଙ୍କ ମଧ୍ୟ ଦେଇ କଥା କହିବେ । ଏପରି ହେଉ ଯେ ଆମେମାନେ ନିଜ ମନରେ, ଏହା ମନେରଖୁ, ଯେତେବେଳେକି ଆମେ ରାସ୍ତାରେ ଚାଲୁ ଏବଂ ଜଗତ ସହିତ ମିଳିତ ହେଉ, ଯେ ଆମମାନଙ୍କୁ ସେମାନଙ୍କ ପରି ହେବାର ନାହିଁ । ଏବଂ ହେ ପ୍ରଭୁ, ଆମ୍ଭେମାନେ ପୃଥକ ହୋଇ, ପୃଥିବୀ ଉପରେ ସେମାନଙ୍କୁ ସେମାନଙ୍କର ଉପଯୁକ୍ତ ସ୍ଥାନ ଦେଉ । ଆମେ ଅନ୍ୟ ଏକ ଜଗତର ପ୍ରତିନିଧି ବୋଲି ଜାଣି, ଆମେ ପଛ ସ୍ଥାନ ଗ୍ରହଣ କରୁ । ପ୍ରଭୁ, ଆମର ଏକ ରାଜ୍ୟ ଅଛି ଯାହାକି କ୍ଷମତାକୁ ଆସୁଅଛି । ଏବଂ ଆମର ମହାନ ରାଜା ଶୀଘ୍ର ଆଗମନ କରିବେ ଏବଂ ତାଙ୍କ ଅଧୀନରେ ଥିବା ସମସ୍ତ ରାଜ୍ୟଗୁଡିକୁ ଅଧିକାର କରିନେବେ । ଆଉ ସେ ଶାସନ କରିବେ ଓ ରାଜତ୍ୱ କରିବେ, ତାହାଙ୍କ ସହିତ ଏଠାରେ ପୃଥିବୀରେ, ସହସ୍ର ବର୍ଷ, ଏବଂ ତାହାଙ୍କ ସହିତ ଚିରଦିନ ରହିବେ ।

7 ଏହାକୁ ଦୃଷ୍ଟିରେ ରଖି, ପ୍ରଭୁ, ବର୍ତ୍ତମାନ ଆମେ ଆମର ପ୍ରାର୍ଥନାର ଉତ୍ତରକୁ ଅପେକ୍ଷା କରୁଛୁ । ଆମେ ଆମର ସ୍ୱୀକୃତି ପ୍ରତି ଅନାଇ ରହୁଛୁ । ଯଦି ଆମେ କିଛି କରିଛୁ, କିଛି କହିଛୁ, କିମ୍ବା କିଛି ଭାବିଛୁ, ଯାହାକି ତୁମର ମହାନ ଇଚ୍ଛାର ବିପରୀତରେ ଅଟେ, ତେବେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଆମକୁ ପରିଷ୍କାର କରି ଦେଉ ।

8 ଆମକୁ କଢେଇ ନିଅ, ପ୍ରଭୁ, ଯେପରିକି ସେ ଭଉଣୀ ସେହି ବିଷୟରେ କହିଲେ ଯେ ଆଜି ରାତିରେ, ସେ ଏବଂ ତାଙ୍କର ସ୍ୱାମୀ ଶିକାଗୋକୁ ଯିବା ରାସ୍ତାରେ ଅଛନ୍ତି । ପ୍ରଭୁ ପରମେଶ୍ୱର, ସେମାନଙ୍କୁ କଢେଇ ନେଇ, ସେହି ସ୍ଥାନକୁ ନେଇ ଯାଅ ଯେଉଁଠାରେକି ତୁମେ ସେମାନଙ୍କୁ

ବ୍ୟବହାର କରି ପାରିବ, ଯେପରିକି ସେମାନେ ଅନ୍ଧକାରରେ ଦରାଣ୍ଡି ହେଉଥିବା ଅନ୍ୟମାନଙ୍କ ପାଇଁ ଆଲୋକର ମଶାଲ ହୋଇପାରନ୍ତି, ଯେଉଁମାନେକି ଆମର ପ୍ରଭୁ ଯୀଶୁଙ୍କୁ ଜାଣନ୍ତି ନାହିଁ। ବର୍ତ୍ତମାନ ଆମେ ଏହି ସେବାକୁ ତୁମ ନିକଟରେ ସମର୍ପଣ କରୁଛୁ, ଏବଂ ତୁମର ସଂଶୋଧନର ବାକ୍ୟ ଶୁଣିବାର ଅପେକ୍ଷାରେ ରହୁଛୁ, ଯେପରିକି ଆମେ ଏହା ଜାଣିପାରୁ ଯେ ଏହି ମହାନ ଘଟିକା ପାଇଁ କିପରି ପ୍ରସ୍ତୁତ ହେବାକୁ ଅଛି, ଯୀଶୁଙ୍କ ନାମରେ ଆମେ ଏହାକୁ ମାଗୁଛୁ। ଆମେନ୍।

[ଟେପରେ ଖାଲି ସ୍ଥାନ। ଭାଇ ନେଭିଲ ମନ୍ତବ୍ୟ ଦିଅନ୍ତି—ସମ୍ପା।]

ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଭାଇ, ଧନ୍ୟବାଦ।

9 ମୁଁ ଏହି ବିଷୟରେ ଟିକିଏ ଅପ୍ରତ୍ୟାଶିତ ଥିଲି। ମୁଁ, ଏଠାରେ ଘରେ ଥିବାରୁ, ମୁଁ ଭାବିଲି ଯେ ଯଦି ମୋତେ ପ୍ରକୃତରେ, ଜରୁରୀକାଳୀନ ପରିସ୍ଥିତିରେ, କୌଣସି ସ୍ଥାନକୁ ଯିବାକୁ ନ ପଡ଼େ, ତେବେ ମୋତେ ବହୁତ ଖରାପ ଲାଗିବ, ଯେ ମୁଁ ଘରେ ବସି ରହିଛି ଏବଂ ପ୍ରାର୍ଥନା ସଭାକୁ ଯାଉ ନାହିଁ। ଏବଂ ମୁଁ ଏକ ପ୍ରକାର, ଅପ୍ରତ୍ୟାଶିତ ଭାବେ, ନିଜକୁ, ଏପରିକି ମୋ ପରିବାର ନିକଟରେ ମଧ୍ୟ ନ ଜଣାଇ ପଳାଇ ଆସିଲି। ମୁଁ ବର୍ତ୍ତମାନ ହିଁ ଆସିଅଛି, ଏବଂ ସଙ୍ଗେ ସଙ୍ଗେ ଘରୁ ବାହାରି ଗଲି। ଆଉ ତେଣୁକରି ମୁଁ କହିଲି, "ମୁଁ ପ୍ରାର୍ଥନା ସଭାକୁ ଯାଉଅଛି।" ଏବଂ ତାଙ୍କ ପାଖରେ ପ୍ରସ୍ତୁତ ହୋଇ ଆସିବାକୁ ସୁଦ୍ଧା ସମୟ ନ ଥିଲା, ତେଣୁ ସେ ଜାଣିଲେ ନାହିଁ ଯେ ମୁଁ ଆସୁଅଛି।

10 ଏଣୁ ମୁଁ ଏଠାରେ ସେହି ଭଉଣୀର ସାକ୍ଷ୍ୟ ଶୁଣି ଖୁସି ଅଟେ, ସେହି ଭାଇ, ଯାହାକି ଦକ୍ଷିଣ କାରୋଲାଇନା କିମ୍ବା ଉତ୍ତର କାରୋଲାଇନାରେ, ଅବା କୌଣସି ସ୍ଥାନରେ ସେହି ଆଲୋକ ବିଷୟରେ ସାକ୍ଷ୍ୟ ଶୁଣି ଖୁସି ଅଟେ। ଗ୍ରୀନଭିଲେ, ଏହା ତାହା ଥିଲା କି? [ଜଣେ ଭଉଣୀ କୁହନ୍ତି, "ନା। ଦକ୍ଷିଣ ପାଇନ୍ସ।"—ସମ୍ପା।] ଦକ୍ଷିଣ ପାଇନ୍ସ। ହଁ।

11 ଭାଇ ଲି ୱେୟଲେ ଠିକ୍ ଆଜି ଏଠାରେ ଥିଲେ। ଆଜି ଏଠାରେ ବାପ୍ତିସ୍ମ ସେବାରେ, ମୁଁ, ତାଙ୍କୁ ବାପ୍ତିସ୍ମ ଦେଲି। ଭାଇ ଲି ୱେୟଲେ, ଆପଣ ଜାଣନ୍ତି, ସେଠାରେ ଥିବା ସେବକମାନଙ୍କ ମଧ୍ୟରୁ ଜଣେ, ଭାଇ ପାର୍କର ଥୋମାସ୍। ସେଠାରେ ଏକ…

12 ମୋର ମନେ ଅଛି—ସେହି ସମୟର କଥା, ଏକ ଭଉଣୀ ଛାୟା ଦ୍ୱାରା ଆବୃତ ହୋଇଥିଲେ। ଏହା ଏକ ବଡ଼ ନିଶ୍ଚିତକରଣ ଥିଲା, ଭଉଣୀ, ପ୍ରତି ଯାହାକି…ପବିତ୍ରଆତ୍ମା ବେଳେବେଳେ ଆମକୁ ଆଗକୁ ଯାଇ ଆମର ବିଶ୍ୱାସକୁ ପରୀକ୍ଷା କରିବା ପାଇଁ ଦିଅନ୍ତି, ଏହା ଦେଖିବାକୁ ଯେ କଅଣ…ଏବଂ ଅନ୍ୟମାନଙ୍କର ବିଶ୍ୱାସକୁ ପରୀକ୍ଷା କରିବାକୁ। ଯେତେବେଳେ ଆପଣ ସିଧାସଳଖ କିଛି ବିଷୟକୁ ଦେଖୁଥାନ୍ତି, ଏବଂ କିଛି ଦେଖନ୍ତି, ଆଉ ଏହାକୁ କୁହନ୍ତି; ଅନ୍ୟମାନେ ଅନାନ୍ତି ଏବଂ ତାହା ଦେଖନ୍ତି ନାହିଁ, ସେମାନେ କୁହନ୍ତି ଯେ ଏହା ତ ସେଠାରେ ନାହିଁ। ବୁଝିଲେ? କିନ୍ତୁ ଏହା ସେଠାରେ ଅଛି।

13 ତେବେ, ପାଉଲଙ୍କ ଉପରେ ଆଲୋକ ଝୁଲୁଥିବାର କେହି ଦେଖି ପାରି ନ ଥିଲେ, କିନ୍ତୁ ଏହା ସେଠାରେ ଥିଲା। କେହିହେଲେ ସେହି କପୋତକୁ, ସ୍ୱର୍ଗରୁ ସେହି ଆଲୋକରେ, ଏକ

ରୂପରେ, ଓହ୍ଲାଇ ଆସିବା ଏବଂ ଯୀଶୁଙ୍କ ଉପରେ ଅବତରଣ କରୁଥିବାର ଦେଖି ନ ଥିଲେ, ମାତ୍ର କେବଳ ଯୋହନ ଦେଖିଥିଲେ । କିନ୍ତୁ ଏହା ସେଠାରେ ଥିଲା । ବୁଝିଲେ?

14 ଆଉ ତେଣୁକରି, ତେବେ, ପରେ ଯେତେବେଳେ ମୁଁ ଲୋକମାନଙ୍କୁ ଏହି ଆଲୋକ ଏକ ଅଗ୍ନିସ୍ତମ୍ଭ ରୂପରେ ହୋଇଥିବା ବିଷୟରେ କହୁଥିଲି, କେହିହେଲେ ଏହାକୁ ବିଶ୍ୱାସ କରିବାକୁ ଚାହିଁ ନ ଥିଲେ । କିନ୍ତୁ ବର୍ତ୍ତମାନ କ୍ୟାମେରାର ଯାନ୍ତ୍ରିକ ଆଖି ତାହାକୁ ଚିହ୍ନିତ କରିଛି ।

ତେବେ କହିପାରିବା ଯେ ସେହି ମନ୍ଦ ଆତ୍ମାଟି ଅନ୍ଧକାର ଅଟେ ।

15 ଏହା ଆମମାନଙ୍କର ଜୀବନ ପରି ଅଟେ, ଆମେମାନେ ଛାଇ ଅଟୁ । ଏବଂ ଆମେ, ଯଦି ଆମେ ଏକ ଆଲୋକ, ଆମେ ଅଟୁ, ଯଦି ଆମର ଜୀବନ ଏହି ଦିନର ଆଲୋକ ସହିତ ମେଳ ଖାଏ, ତାହାହେଲେ ଆମେ ଆଲୋକରେ ଗମନାଗମନ କରୁଅଛୁ ।

16 ଏହା ଠିକ୍ ସେପରି ଅଟେ ଯେପରିକି ଆପଣ ବାହାରକୁ ଦେଖନ୍ତି ଏବଂ କୁହନ୍ତି, "ମୁଁ ସୂର୍ଯ୍ୟକୁ ଦେଖୁଛି," ଦିନ ସମୟରେ । ଆପଣ—ଆପଣ ସୂର୍ଯ୍ୟର ଛାଇକୁ ଦେଖନ୍ତି । ଏହା ସୂର୍ଯ୍ୟର ଏକ ପ୍ରତିବିମ୍ବ ଅଟେ । ଏହା ନିଜେ, ସେହି ସୂର୍ଯ୍ୟ ନୁହେଁ, କିନ୍ତୁ ଏହା ପ୍ରମାଣ କରେ ଯେ ଏକ ସୂର୍ଯ୍ୟ ଅଛି । ଏକ ସୂର୍ଯ୍ୟ ଅଛି ବୋଲି ଏହା ପ୍ରମାଣ କରେ ।

17 ଏବଂ ବର୍ତ୍ତମାନ ଯେତେବେଳେ ମୁଁ ଦେଖେ, ଯେପରିକି ଆପଣମାନେ ସେଠାରେ ବସିଛନ୍ତି, ପଙ୍ଖାଗୁଡିକୁ ବ୍ୟବହାର କରୁଛନ୍ତି, କଥାବାର୍ତ୍ତା କରୁଛନ୍ତି, ଏହାର ଅର୍ଥ ଆପଣ ବଞ୍ଚିଛନ୍ତି, କିନ୍ତୁ ଏହା ତ କେବଳ ଜୀବନର ଏକ ଛାଇ ଅଟେ ।

18 କାରଣ, ଛାଇ କରିବା ପାଇଁ ହେଲେ, ଯେକୌଣସି ବିଷୟରେ ଅନ୍ଧକାର ରହିବାକୁ ଥାଏ । ବୁଝିଲେ? କାରଣ, ଏକ ଛାଇ କରିବା ପାଇଁ, ଏକ ଛାୟାକୁ କେତେକ ମାତ୍ରାରେ ଅନ୍ଧକାର ଏବଂ କେତେକ ମାତ୍ରାରେ ଆଲୋକ ଧାରଣ କରିବାକୁ ପଡ଼େ । ଏବଂ ଏହା ସଂପୂର୍ଣ୍ଣ ଅନ୍ଧକାର ହୋଇପାରେ ନାହିଁ, ଏବଂ ଏହା ସଂପୂର୍ଣ୍ଣ ଆଲୁଅ ହୋଇପାରେ ନାହିଁ । ଯଦି ଏହା ଅନ୍ଧାର ଅଟେ, ତେବେ ଏହା ପ୍ରକୃତ ଅନ୍ଧକାର ଅଟେ । ଯଦି ଏହା ଆଲୁଅ ଅଟେ, ତେବେ କୌଣସି ଛାଇ ନ ଥାଏ, ଛାଇ ତିଆରି କରିବା ପାଇଁ କିଛି ନ ଥାଏ । କିନ୍ତୁ ଯଦି ଏହା ଅନ୍ଧାର ଏବଂ ଆଲୋକ ମିଶ୍ରିତ ହୋଇଛି, ତେବେ ଏହା ଏକ ଛାୟା ସୃଷ୍ଟି କରେ ।

19 ତେଣୁ ଆମେ ପ୍ରକୃତରେ ଆଲୋକର ଛାୟା ଅଟୁଁ । ବର୍ତ୍ତମାନ ଆପଣ କୌଣସି ଏକ ସ୍ଥାନରୁ ଗୋଟିଏ ଜୀବନକୁ ପ୍ରତିନିଧିତ କରୁଛନ୍ତି । ଯଦି ଆପଣ ଅଟନ୍ତି, ଏବଂ ଖ୍ରୀଷ୍ଟିଆନ ଅଟନ୍ତି, ଏହା ଏକ ଛାୟା ହୋଇଥିବାରୁ, ଏହା କେବଳ ପ୍ରମାଣ କରେ ଯେ ସେଠାରେ ଏକ ଜୀବନ ଅଛି ଯେଉଁଠାରେ ଆପଣ ମରନ୍ତି ନାହିଁ, କାରଣ ଏହି ଜୀବନରେ ମୃତ୍ୟୁ ଅଛି । ବୁଝିଲେ? କିନ୍ତୁ ଏହା ଏକ ଛାୟା ଅଟେ, କାରଣ ଆପଣ ଜୀବିତ ଅଟନ୍ତି, ଦେଖିବା, ଭାବିବା, ଚଲାବୁଲା କରିବା, ଏବଂ କଥାବାର୍ତ୍ତା କରିବାର, ଏବଂ ଶରୀରର ପାଞ୍ଚ ଇନ୍ଦ୍ରିୟ ଥିବା ଯୋଗ୍ୟତା ବିଶିଷ୍ଟ ଚଳ-ପ୍ରଚଳନ କରୁଥିବା ଜୀବ ଅଟନ୍ତି । କିନ୍ତୁ ତଥାପି ଆପଣ ଜାଣନ୍ତି, ସେମାନେ, ସେମାନେ ମରୁଛନ୍ତି । ଏବଂ ବହୁତ ସମସ୍ୟାମାନ ଅଛି । ଆପଣ ଜାଣନ୍ତି, ଏହା କେବଳ ହୋଇପାରେ...

ଏହା ଏକ ପ୍ରତିବିମ୍ବନ ଅଟେ, ଦେଖନ୍ତୁ, ଯେ ସେଠାରେ ଜୀବନ ଏବଂ ମୃତ୍ୟୁ ଏକତ୍ର ମିଶ୍ରିତ ଅଟେ।

20 ଶାରୀରିକତାକୁ ମୃତ୍ୟୁବରଣ କରିବାକୁ ଅଛି। କିନ୍ତୁ ଯଦି ଆପଣ ନିଜର ମର୍ତ୍ତ୍ୟ ଜୀବନ ଦ୍ୱାରା, ସ୍ୱର୍ଗର ଆଲୋକକୁ ପ୍ରତିବିମ୍ବିତ କରୁଛନ୍ତି, ତାହାହେଲେ ଆପଣ ସେହି ଅନନ୍ତ ଜୀବନ, ଅର୍ଥାତ୍ ପରମେଶ୍ୱରଙ୍କୁ ପ୍ରତିବିମ୍ବିତ କରୁଛନ୍ତି। ତାପରେ ଯେତେବେଳେ ଆପଣ ମରନ୍ତି, ଆପଣ ସେହି ଆଲୋକକୁ ଯିବା ବ୍ୟତୀତ ଆଉ ଅନ୍ୟ କିଛି ହୋଇପାରନ୍ତି ନାହିଁ, କାରଣ ତାହା ହିଁ ଅଟେ ଯାହା ଆପଣ ପ୍ରତିବିମ୍ବିତ କରିଅଛନ୍ତି।

21 ଯଦି ଆପଣ ଅନ୍ଧକାର ଜଗତର ଅଟନ୍ତି, ଆପଣ ତାହାହିଁ ପ୍ରତିବିମ୍ବିତ କରନ୍ତି, ଏବଂ ଆପଣ କରିପାରନ୍ତି, ଅନ୍ଧକାର ବ୍ୟତୀତ ଅନ୍ୟ ମାର୍ଗକୁ ଯାଇପାରନ୍ତି ନାହିଁ। ବୁଝିଲେ? ଏଣୁ ଆମେ ଏକ ପ୍ରତିବିମ୍ବରେ ଅଛୁ। ତେଣୁ, ଆମେ ଦେଖୁ ଯେ ଯେତେ ନିଶ୍ଚିତ ଭାବରେ ପବିତ୍ରଆତ୍ମା ଆଲୋକ ଏବଂ ଜୀବନକୁ ପ୍ରତିବିମ୍ବିତ କରନ୍ତି, ସେହିପରି ମୃତ୍ୟୁ ଅନ୍ଧକାରକୁ ପ୍ରତିବିମ୍ବିତ କରେ।

22 ଏବଂ ଏଠାରେ ସେମାନେ ଉଭୟେ ଅଛନ୍ତି। ଆସନ୍ତାକା-...ଏହି ସପ୍ତାହ ଶେଷ ସୁଦ୍ଧା, ବୋଧହୁଏ ରବିବାର ସୁଦ୍ଧା, ଆମେମାନେ ସେହି ଛୋଟ ଫଟୋଚିତ୍ରଟିକୁ ଏକ ବଡ଼ ଆକାରକୁ କରୁଅଛୁ, ଯେପରିକି ଏହାକୁ ସୂଚନାବୋର୍ଡରେ ରଖାଯାଇପାରେ।

23 ଯେଉଁଠାରେ, *ଆପଣଙ୍କର* ଫଟୋଚିତ୍ର ସୂଚନାବୋର୍ଡରେ ଝୁଲି ରହିଥାଏ। ମୁଁ ଜାଣେ ନାହିଁ ଯେ ଆପଣ ତାହା ପ୍ରତି ଧ୍ୟାନ ଦେଲେ, କି ନାହିଁ। ଆଉ ତାପରେ...

ଏବଂ ପ୍ରାୟଃ ଏକ ସପ୍ତାହ ପୂର୍ବରେ, ଜାମାଇକାରେ—ରେ, ଯେଉଁଠାରେ ମୁଁ ପ୍ରଚାର କାର୍ଯ୍ୟ କରୁଥିଲି...ଆମେ ସମଗ୍ର ବିଶ୍ୱକୁ ଟେପ୍ ପଠାଇଥାଉ। ଏବଂ *ସେହି ସପ୍ତ ମୁଦ୍ରା* ଯାଇଅଛି...ଜାମାଇକାର ଆଭ୍ୟନ୍ତରୀଣ ଅଞ୍ଚଳଗୁଡିକୁ ଯାଇଅଛି, ଆଭ୍ୟନ୍ତରିଣ ସ୍ଥାନଗୁଡିକୁ। ଏବଂ ଏହା ବ୍ଲୁ ମାଉଣ୍ଟେନ୍ ପଛରେ, ଅତ୍ୟନ୍ତ ପ୍ରାଚୀନ ଆଦିମ ଭାବରେ ଜୀବନ ରହିଛି। ଏବଂ ଏଠିକାର ଅଧିବାସୀ, ବେଳେବେଳେ, ସେମାନଙ୍କର ପାଖରେ ଏକ—ଏକ ଟେପ୍ ରେକର୍ଡର୍ ଥାଏ ଯାହା ଆମେ ସେମାନଙ୍କ ପାଇଁ ଆଣି ଦେଇଥାଉ, ଯାହାକି ଆପଣଙ୍କୁ କରିବାକୁ ପଡ଼େ—ପଡ଼େ, ପୁରୁଣାକାଳର ଭିକ୍ଟ୍ରୋଲା ପରି, ଏହାକୁ ଘୁରାଇବାକୁ ପଡିଥାଏ, ଏବଂ ତା'ପରେ ଏହାକୁ ସେପରି—ସେପରି ବାଜିବା ପାଇଁ ଛାଡି ଦିଆଯାଏ। ତା'ପରେ, ପ୍ରତି କିଛି ମିନିଟରେ, କାହାରିକୁ ଏହାକୁ ଘୁରାଇବାକୁ ପଡିଥାଏ।

24 ଏହି ଗୋଷ୍ଠୀ ପାଖରେ ଏକ—ଏକ ଛୋଟିଆ...ଏକ ବ୍ୟାଟେରୀ ଥିଲା, ଛଅ-ଭୋଲ୍ଟର ବ୍ୟାଟେରୀ, କିମ୍ବା ଅନ୍ୟକିଛି ଗୋଟାଏ, ଟେପ୍ ରେକର୍ଡର୍ ବଜାଇବା ପାଇଁ। ଏବଂ ସେମାନେ—ସେମାନେ ସମସ୍ତେ ଏକାଠି ମିଶି ବସିଥିଲେ, ଯେପରିକି ତାହା ଆଜି ରାତି ଏଠାରେ ଅଟେ, ଓ ମୁଁ ବିଶ୍ୱାସ କରେ, ସେହି *ମୁଦ୍ରାଗୁଡିକ* ବିଷୟରେ ଶୁଣୁଥିଲେ। ଏବଂ ଯେତେବେଳେ ମୁଁ କହୁଥିଲି, ସେମାନେ ଲକ୍ଷ୍ୟ କଲେ, ଯେ ସେହି କୋଠରୀ ଭିତରକୁ, ସେହି ସମାନ ଅଗ୍ନିସ୍ତମ୍ଭ ଆସିଲା, ଓ ତାହା ଉପରେ ଘୁରି ବୁଲିଲା ଯେଉଁଠାରେ ସେହି ଟେପ୍ ରେକର୍ଡର୍

ଥିଲା ଏବଂ ତାହାର ଉପରେ ସ୍ଥିର ହୋଇ ରହିଗଲା। ଏବଂ ସେମାନେ ଯାଇ ଏକ କ୍ୟାମେରା ଆଣିଲେ ଏବଂ ଏହାର ଫଟୋଚିତ୍ର ଉଠାଇଲେ। ଏବଂ ଠିକ୍ ସେହି ସମାନ ଜଣ, ସେଠାରେ ତାହା ଅଟେ, ଠିକ ଏହା ଉପରେ ଝୁଲି ରହିଛି। ତେବେ ଆମେ ଏହାର ଫୋଟୋଚିତ୍ରକୁ ବଡ଼ କରୁଅଛୁ, ଯେପରିକି ଆମେ ଏହାକୁ ସେଠାରେ ଥିବା ସେହି—ସେହି ସୂଚନା ବୋର୍ଡ ଉପରେ ଲଗାଇପାରୁ, ଯାହାକୁ ଆପଣ ଦେଖି ପାରିବେ।

25 ପରମେଶ୍ୱରଙ୍କ ଅନୁଗ୍ରହ ପାଇଁ ଆମେ ଅତ୍ୟଧିକ କୃତଜ୍ଞ ଅଟୁ ଯାହାକି ଆମ ମଧ୍ୟକୁ ଅଣା ଯାଇଅଛି...ଏହି ଦିନରେ ଆମକୁ ତାହାଙ୍କ ଉପସ୍ଥିତିରେ ଆଣି ଦେଇଅଛି। ତେବେ ଆମେ ଅନେକ ବିଷୟ ପାଇଁ କୃତଜ୍ଞ ଅଟୁ।

26 ତେବେ ମୁଁ ଭାବିଲି ଯେ ମୁଁ ଏଠାରେ ଅନାଇବି ଏବଂ ଦେଖିବି ଯଦି ମୁଁ କିଛି, କିଛି ଲେଖାଗୁଡ଼ିକ କିମ୍ବା ସେହିପରି କିଛି ପାଇପାରିବି, ଏପରି ଅନ୍ୟ କିଛି ଯାହା ବିଷୟରେ ମୁଁ କହିଥିଲି। କିମ୍ବା, ଆମକୁ ଏକ—ଏକ ପ୍ରକାରର କୌଣସି କିଛି ମିଳିବ...ଯାହାବି ହେଉ, ମୁଁ ଏଠାରେ ଏକ ପୁସ୍ତକରେ, କିଛି ପାଠ ଲେଖି ରଖିଛି। ଯଦି ମୁଁ ଗୋଟିଏ ପାଇ ପାରିବି, ହୋଇପାରେ ଯେ ପ୍ରଭୁ ମୋତେ କିଛି ବିଷୟ ଉପରେ କହିବା ପାଇଁ କିଛି ବିଷୟ ପ୍ରଦାନ କରିବେ, ଯେତେବେଳେକି ଆମେ ପ୍ରାର୍ଥନା କରୁ।

ତେବେ, ଆମେମାନେ ରବିବାର ପାଇଁ ଆଶା କରୁଛୁ।

27 ମୁଁ ବାର୍ତ୍ତାଗୁଡ଼ିକରେ କହି ଆସୁଛି। ଏବଂ, ରବିବାର, ଆପଣମାନଙ୍କୁ ଏହି ବାର୍ତ୍ତାଗୁଡ଼ିକ, "ତୁମ୍ଭେ ମୋ ନିକଟରେ କାହିଁକି କ୍ରନ୍ଦନ କରୁଅଛ? ଲୋକମାନଙ୍କୁ କୁହ ଓ ଆଗେଇ ଯାଅ" ଉପରେ ଏକ ଦୀର୍ଘ ସମୟ ଧରି ଏଠାରେ ରଖିଅଛି।

28 ତେବେ, ରବିବାର ହେଉଛି ଆରୋଗ୍ୟ ସେବାର ଦିନ ଯେଉଁଠାରେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରାଯିବ। ବର୍ତ୍ତମାନ, ଆପଣମାନେ ରୋଗୀମାନଙ୍କ ପାଖକୁ ଯାଆନ୍ତୁ, ଏବଂ କିଛି ଗୋଟାଏ କାରଣ ରହିଥାଏ ଯେ ସେହି ରୋଗୀମାନେ, ଯେତେବେଳେ ଆମେ ସେମାନଙ୍କ ପାଇଁ ପ୍ରାର୍ଥନା କରୁ, ଯଦି ସେମାନେ ସୁସ୍ଥ ନ ହୁଅନ୍ତି। ଏବଂ ମୁଁ ଚାହେଁ, ଯଦି ପ୍ରଭୁଙ୍କ ଇଚ୍ଛା ହୁଏ, ରବିବାର ସକାଳେ ମଧ୍ୟ, ଏକ କ୍ଷୁଦ୍ର ଉପଦେଶ ଦେବା ପାଇଁ। ତେଣୁ, ମୁଁ ଏକ ଆରୋଗ୍ୟ ସେବା କରିବାକୁ ଯାଉଛି, ଏବଂ ସମସ୍ତ ଲୋକଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଛି। ଏବଂ ପ୍ରାୟଃ ଆଠ ଘଟିକା ବେଳେ, ଯେତେବେଳେ ଗୀର୍ଜାଘର ଖୋଲି ଥାଏ, ବିଲି ପଲ୍ କିମ୍ବା ସେମାନଙ୍କ ମଧ୍ୟରୁ କେତେକ ରବିବାର ସକାଳେ ଏଠାରେ ଥିବେ, ଲୋକମାନଙ୍କୁ କାର୍ଡ ଦେବା ପାଇଁ ଯେତେବେଳେ ସେମାନେ ଦ୍ୱାରରେ ପ୍ରବେଶ କରନ୍ତି, କିମ୍ବା ଯେତେବେଳେ ବି ସେମାନେ ଭିତରକୁ ଆସନ୍ତି।

29 ଏବଂ ବର୍ତ୍ତମାନ, ତେବେ, ମୁଁ ଚେଷ୍ଟା କରିବାକୁ ଚାହେଁ, ମୋର ବିଶ୍ୱାସ ଯେ ପ୍ରଭୁ କୌଣସି ପ୍ରକାରେ ମୋତେ ସେହି କାରଣ ଉପରେ ଟିକିଏ ବୁଝିବାର ଶକ୍ତି ଦେଇଛନ୍ତି ଯେ କିଛି ଲୋକ କାହିଁକି ସୁସ୍ଥ ହୁଅନ୍ତି ନାହିଁ। ଆଉ ମୁଁ—ମୁଁ ବିଶ୍ୱାସ କରେ ଯେ ଏହା ବୁଝିବାର ଅଭାବ ଯୋଗୁଁ

ଅଟେ । ଏବଂ ମୁଁ—ମୁଁ ବିଶ୍ୱାସ କରେ, ବୋଧହୁଏ, ରବିବାର ସକାଳେ, ପ୍ରଭୁ ଇଛା କଲେ, ଆମେ ତାହା ଉପରେ କହିବା ।

30 ତେବେ, ବୁଧବାର ରାତିର ପ୍ରାର୍ଥନା ସଭା କେବଳ ଏକ ସଂକ୍ଷିପ୍ତ ସଭା ଅଟେ ଯେଉଁଠାରେ ଆମେ ଏକାଠି ହୋଇ ପ୍ରାର୍ଥନା କରୁ, ଯେପରି ଆମର ହୋଇଥାଏ, ଏବଂ ଏକତ୍ର ସହଭାଗୀତା କରିଥାଉ ।

31 ବେଳେବେଳେ, ମୁଁ—ମୁଁ ବିଶ୍ୱାସ କରେ ଯେ ସେହି ମହାନ ବିଷୟମାନ ମଧ୍ୟରୁ ଗୋଟିଏକୁ ଯାହା ମୁଁ ଏହି ଦିନରେ ପାଇଥାଏ, ତାହା ହେଉଛି ଆମେ ଯାହା ବିଶ୍ୱାସ କରୁ ସେଥିରେ ନିଷ୍ଠାପରତାର ଅଭାବ । ବୁଝିଲେ? ବୁଝିଲେ? ଯଦି ପରମେଶ୍ୱର, ଜନ୍ ୱେସଲିଙ୍କ ଦିନରେ, ତାହା କରିଥାନ୍ତେ ଯାହା ସେ ଆଜି କରିଅଛନ୍ତି, ତାହାହେଲେ ଏହା କଅଣ ସାଧନ କରିଥାନ୍ତା; ମାର୍ଟିନ୍ ଲୁଥରଙ୍କ ଦିନରେ, କିମ୍ବା ଆଉ-ଅଧିକ କଅଣ? ଯେପରିକି ଆମେ ତାହାଙ୍କୁ ଯାହା କରୁଥିବାର ଦେଖୁ, ଉଭୟ ମଣ୍ଡଳୀ ଦ୍ୱାରା, ଆତ୍ମାଙ୍କ ଦ୍ୱାରା, ଏବଂ ବିଜ୍ଞାନ ଦ୍ୱାରା, ଏବଂ ପ୍ରତ୍ୟେକ ପଦକ୍ଷେପ ଦ୍ୱାରା ପ୍ରମାଣିତ ଅଟେ, ଏହାର—ଏହାର—ଏହାର ବାସ୍ତବିକତାକୁ ଚିହ୍ନିବାକୁ ପଡିବ । ଏବଂ ପରମେଶ୍ୱରଙ୍କ ବାକ୍ୟ ଏଠାରେ ଏହା ଘଟିବା ପୂର୍ବରୁ ଏହାକୁ ଘୋଷଣା କରୁଛି ଏବଂ ଏହାକୁ ବ୍ୟକ୍ତ କରୁଛି । ଏବଂ ତା'ପରେ ଆଗକୁ ବଢ଼ିବାରେ, ଏବଂ ଭବିଷ୍ୟତ୍‌ବାଣୀ କରିବାରେ, ଏବଂ ଠିକ୍ ସେହି ବିଷୟ ଦେଖାଇବାରେ ଯାହା ସେ କହିଥିଲେ, ଏହା ଠିକ୍ ଠିକ୍ ସିଦ୍ଧ ରୂପେ ତାହା ଘଟିବ, ଯାହା ସେ ଅବିକଳ ଭାବରେ କହିଥିଲେ । ଏବଂ ତଥାପି ଆମେ ବିସ୍ମିତ ହୋଇଥିବା ପରି, ଏକ ପ୍ରକାର ଅଳସୁଆ ହୋଇ ବସିଥାଉ । "ତେବେ, ମୁଁ ଆଶ୍ଚର୍ଯ୍ୟ କରେ ଯଦି ଏହାର ଅଭିପ୍ରାୟ ମୁଁ ହୋଇପାରେ କି? ମୁଁ ଆଶ୍ଚର୍ଯ୍ୟ କରେ ଯଦି ଏହାର ଅଭିପ୍ରାୟ ସମଗ୍ର ଭାବରେ, କେବଳ ସେହି—ସେହି ମଣ୍ଡଳୀ ହୋଇପାରନ୍ତି କି? କିମ୍ବା—କିମ୍ବା, ମୁଁ ଆଶ୍ଚର୍ଯ୍ୟ କରେ ଯଦି ମୁଁ ପ୍ରକୃତରେ ଏଥିରେ ଅନ୍ତର୍ଭୁକ୍ତ କି?" ମୁଁ ଭାବୁଛି, ରବିବାର ସକାଳେ, ମୁଁ ସେହି ନୀତିଗୁଡିକ ମଧ୍ୟରୁ କେତେକ ଉପରେ କହିବାକୁ ଚେଷ୍ଟା କରିବି ଯାହାକି ହୁଏତ ଆମକୁ ଟିକିଏ ଆଲୋକିତ କରିପାରେ ।

32 ତେବେ, ଆଜି ରାତି, ଏଠାକୁ ଆସିବା ପୂର୍ବରୁ, ଠିକ୍ ବାହାରିବା ବେଳେ, ମୁଁ କିଛି ପାଇଲି । ମୁଁ ଭାବିଲି, "କଅଣ ହେବ, ଯଦି ମୁଁ ସେଠାକୁ ଆସେ, ଯଦି ଭାଇ ନେୱିଲ କୁହନ୍ତି, 'ଉଠନ୍ତୁ ଏବଂ କୁହନ୍ତୁ,' ଆଉ ତାହାପରେ ମାତ୍ର ବସି ଯାଆନ୍ତି?" ବୁଝିଲେ? ମୁଁ ଭାବିଲି, "ଭଲ ହେବ ଯେ ମୁଁ କେତେ ଗୋଟି ଶାସ୍ତ୍ରାଂଶ ଲେଖି ରଖେ ।" କାରଣ, ମୁଁ ଜାଣେ, ସେ, ସେ ଏତେ ପ୍ରିୟତମ ଭାଇଟିଏ, ଏବଂ ଆମେ—ଆମେ ତାଙ୍କୁ ପ୍ରଶଂସା କରୁ ।

33 ବାକ୍ୟ ନିମନ୍ତେ ଆମେ ପ୍ରାର୍ଥନା କରିବା ପୂର୍ବରୁ, ମୁଁ ଜଣେ—ଜଣେ ଭାଇଙ୍କୁ ଚିହ୍ନାଇବାକୁ ଚାହେଁ । ମୁଁ ଏହି ସମୟରେ ତାଙ୍କ ନାମକୁ ମଧ୍ୟ କହି ପାରୁ ନାହିଁ, ସେମାନେ ଦୁଇ ଜଣ ଅଛନ୍ତି । ସେମାନେ ଏଠାରେ ଅଛନ୍ତି, ମୋର ବନ୍ଧୁମାନେ । ସେ...ସେମାନେ ସେବକ ଏବଂ ପ୍ରଚାରକ ଅଟନ୍ତି, ବାହାରକୁ, ସେବାକ୍ଷେତ୍ରକୁ ଯାଉଛନ୍ତି । ସେମାନେ ଏହି ବାର୍ତ୍ତାଗୁଡ଼ିକୁ ଟେପ୍

ମାଧ୍ୟମରେ ଶୁଣିଥିଲେ। ଏବଂ ସେମାନେ ବିଭିନ୍ନ ସାମ୍ପ୍ରଦାୟିକ ମଣ୍ଡଳୀରୁ ବାହାରିଛନ୍ତି, ଦୁଇଜଣ ଯୁବକ। ଏବଂ ସେହି ବାଳକଟି ଏତେ, ସେମାନଙ୍କ ମଧ୍ୟରୁ ଜଣେ ଏତେ ଆଗ୍ରହୀ, ଯେ ସେ, ଏକ ସଭାର ଶେଷ ହେଉଥିବା ବେଳେ, ଉଡାଜାହାଜରେ ଟ୍ୟୁସାନକୁ, ଆସି ପହଁଞ୍ଚିଲେ। ମୁଁ ବିଶ୍ୱାସ କରେ ଯେ ମୁଁ ବ୍ୟବସାୟୀ ପୁରୁଷମାନଙ୍କ ଜଳଖିଆ ସଭାରେ ଥିଲି। ଏବଂ ସେହି ଯୁବା ଜଣକ, ଉତ୍ତମ ଯୁବକ ଜଣ, ସେଠାକୁ ଆସିଲେ। ଏବଂ ସେ...

34 ସେମାନେ କାନ୍‌ସାସ୍‌ରୁ ଅଟନ୍ତି। ଏବଂ ସେମାନେ ଏତେ ଦୂରରୁ ମୋ ପାଖକୁ ଆସିଲେ ଯେ ମୁଁ ସେମାନଙ୍କୁ ବିବାହ ଦିଏଁ। ମୁଁ ତାହା ପ୍ରଶଂସା କରେ। ଏହା ଭାବି ଯେ ଲୋକମାନେ ଯେଉଁମାନେକି ଆପଣଙ୍କ ପ୍ରାର୍ଥନାରେ ବିଶ୍ୱାସ କରନ୍ତି, ଯଥେଷ୍ଟ ମାତ୍ରାରେ, ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଶୁଣିବେ ଏବଂ ଉତ୍ତର ଦେବେ; ଯୁବା ବର୍ଗ ଏହି ପ୍ରକାରେ, ଜୀବନକୁ ଆରମ୍ଭ କରୁଅଛନ୍ତି। ଏବଂ ଯେତେବେଳେ ସେମାନେ ଗତକାଲି, ବିବାହ କରିବା ପାଇଁ ମୋ ପାଖକୁ ଏଠାରେ ଆସି ପହଞ୍ଚିଲେ, ଇଣ୍ଡିୟାନା ରାଜ୍ୟର ଆଇନ ବ୍ୟବସ୍ଥାର ପ୍ରୟୋଜନୀୟ ବିଷୟରେ ଏହା ଜାଣିବାକୁ ପାଇଲେ, ଯେ ଏପରିକି ସେମାନଙ୍କର ରକ୍ତ ପରୀକ୍ଷାଗୁଡିକ ସହିତରେ, ସେମାନେ ବିବାହ ହେବା ପୂର୍ବରୁ, ତିନି ଦିନ, ଏଠାରେ ରାଜ୍ୟରେ ଅପେକ୍ଷା କରିବାକୁ ହେବ। ତେଣୁ, ସେମାନେ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ବିବାହ କରିପାରିବେ ନାହିଁ।

35 ଏବଂ ମୁଁ ଆମର ଭାଇଙ୍କୁ ପଚାରିବି ଯିଏକି ପଛରେ ଅଛନ୍ତି, ଯଦି ସେ କେବଳ ଛିଡ଼ା ହୋଇ ଆମକୁ କହିବେ ଯେ ସେ କିଏ ଅଟନ୍ତି, ଏବଂ ସେଠାରେ ତାଙ୍କର ସହିତ ଥିବା ସୁନ୍ଦର ଛୋଟ ମହିଳା ଜଣକ, ଏବଂ ପରବର୍ତ୍ତୀ ଭାଇ ଜଣକ କିଏ ଅଟନ୍ତି।

36 [ସେହି ଭାଇ କୁହନ୍ତି, "ଧନ୍ୟବାଦ, ଭାଇ ବ୍ରାନହାମ୍। ଏଠାରେ ହେବା ଆମର ସୌଭାଗ୍ୟ। ଏବଂ ମୁଁ ଭାଇ ରୋଜର୍ ଓ'ନିଲ, କାନ୍‌ସାସ୍‌ରେ ରୁହେ, ଜଣେ ପ୍ରଚାରକ ଭାବରେ, ପ୍ରଚାର କ୍ଷେତ୍ରରେ ଭ୍ରମଣ କରିଥାଏ, ଏବଂ ଏହା କହିଥାଏ, 'ଯୀଶୁଙ୍କଠାରେ ବିଶ୍ୱାସ ଦ୍ୱାରା, ଯୀଶୁ ରକ୍ଷା କରନ୍ତି, ସୁସ୍ଥ କରନ୍ତି...?...' ମୁଁ ସବୁବେଳେ ନେଇଥାଏ...?...ଏ ହେଉଛନ୍ତି ମୋର ବାଗଦତ୍ତା ପ୍ରେମିକା, ପେଟ୍ରିସିଆ ବ୍ରାଉନ୍। ଆମେ ଶୁକ୍ରବାର ଦିନ, ବିବାହ କରିବାକୁ ଯାଉଅଛୁ। ଏ ହେଉଛନ୍ତି ମୋର ସହ-ପ୍ରଚାରକ ଏବଂ ସହ-କର୍ମୀ, ଭାଇ ରୋନି ହଣ୍ଟ, ଯିଏ ଏଠାରେ ପଛରେ ଅଛନ୍ତି। ଏବଂ ଏ ହେଉଛନ୍ତି ତାଙ୍କର ବାଗଦତ୍ତା ପ୍ରେମିକା କାରୋଲ...?... ଏବଂ ଆଜି ରାତି ଆମେ ଏଠାରେ ଥିବା ଯୋଗୁଁ ଖୁସି ଅଟୁ"—ସଂପା।]

37 ଆପଣଙ୍କୁ, ଅନେକ ଧନ୍ୟବାଦ। ଆମେ ନିଶ୍ଚିତ ଭାବରେ ଏହି ଯୁବ ରାଷ୍ଟ୍ରଦୂତମାନଙ୍କୁ, ପ୍ରଭୁ ଯୀଶୁଙ୍କ କାର୍ଯ୍ୟ ପାଇଁ, ପରମେଶ୍ୱରଙ୍କ ଆଶୀର୍ବାଦର କାମନା କରୁ, ଯେପରିକି ସେମାନେ ମାର୍ଗରେ ତୀବ୍ର ଅଗ୍ରସର ହୁଅନ୍ତି। ଏବଂ ପ୍ରଭୁଙ୍କ ଆଗମନକୁ ଅପେକ୍ଷା କରୁଥାଇ, ମୁଁ ଚିନ୍ତା କରୁଥିବା ବେଳେ, ଆଉ ଯୁବକ ଏବଂ ଯୁବତୀମାନଙ୍କୁ ନିଜ ହୃଦୟରେ ଏକ ଉଦ୍ଦେଶ୍ୟ ରଖିଥିବା ଦେଖେ, ଯେଉଁମାନେକି ଖ୍ରୀଷ୍ଟଙ୍କ ସେବା କରିବା ପାଇଁ ସେମାନଙ୍କୁ ଏହିପରି ଉଠିବା ଦେଖେ,

ଦେଖନ୍ତୁ, ତାହା ମୋତେ ରୋମାଞ୍ଚିତ କରି ପକାଏ । ମୋର ଭାଇ, ଭଉଣୀ, ପ୍ରଭୁ ତୁମମାନଙ୍କୁ, ବହୁଳ ଆଶୀର୍ବାଦ କରନ୍ତୁ ।

38 ତେବେ ଆସନ୍ତୁ ଆମେମାନେ ଏକ ଛୋଟ ପୁସ୍ତକକୁ ଫେରିବା, ଯାହାକି ମୁଁ ମୋ ଜୀବନରେ ପୂର୍ବରୁ କେବେ କହି ନାହିଁ । ଏବଂ ଏହା ଏକ ବହୁତ...କେବଳ ଗୋଟିଏ ଅଧ୍ୟାୟ ଅଛି, ଫିଲୀମୋନଙ୍କ ପୁସ୍ତକ । ଏବଂ ଏହା ଏକ...

39 ମୁଁ ତ ମାତ୍ର ଟିକିଏ ଆଇରିଶ୍ ବଂଶଜ ବ୍ୟକ୍ତି ଜଣକ, ଏବଂ ମୋର—ଏବଂ ମୋର ତଳ ଦାନ୍ତର ଚାରିପାଖ ଏକ ତାର ଲଗା ହୋଇଛି, ପଛରେ ଥିବା ଏକ ଯୋଡା ଦାନ୍ତକୁ ଧରି ରଖିବା ପାଇଁ । ମୁଁ, ମୁଁ, ବେଳେବେଳେ ମୁଁ ଏହି ନାମଗୁଡିକ ସଠିକ୍ ଭାବରେ ଉଚ୍ଚାରଣ କରେ ନାହିଁ, ଯେତେବେଳେକି ମୁଁ ଜାଣେ ଯେ ସେଗୁଡ଼ିକ କଅଣ ଅଟେ । ଏବଂ ବେଳେବେଳେ ଶିକ୍ଷାର ଅଭାବ ଯୋଗୁଁ, ମୁଁ ସେମାନଙ୍କୁ ସଠିକ୍ ଉଚ୍ଚାରଣ କରିପାରେ ନାହିଁ । ତେଣୁ, "ଫିଲୀମୋନ," କେହି ଜଣେ ସେଠାରେ ପଛରୁ କହିଲେ, ଯାହା ମୁଁ ଭାବୁଛି ଯେ ପ୍ରକୃତରେ ଏହାର ସଠିକ୍ ଉଚ୍ଚାରଣ ତାହା ଅଟେ ।

40 ତେବେ, ପ୍ରଥମ ପଦ, ମୁଁ ଏଥିରୁ କେବଳ ଗୋଟିଏ ବା ଦୁଇଟି ଶବ୍ଦ ନେବାକୁ ଚାହେଁ ।

*ପାଉଲ, ଯୀଶୁ ଖ୍ରୀଷ୍ଟଙ୍କର ଜଣେ ବନ୍ଦୀ...*

41 ଏବଂ ତାହାହିଁ ଯାହାକି ମୁଁ ଆଜି ରାତିରେ, ପ୍ରଭୁଙ୍କ ଇଚ୍ଛା ହେଲେ, ଏକ ପାଠ ଭାବରେ, ନେବାକୁ ଚାହୁଁଛି: *ଜଣେ ବନ୍ଦୀ* ।

42 ତେବେ, ଆପଣ ପାଉଲଙ୍କୁ ଜଣେ ବନ୍ଦୀ ଭାବରେ ବଡ କଷ୍ଟରେ କଳ୍ପନା କରିପାରୁଥିବେ । ଜଣେ ମୁକ୍ତ-ବ୍ୟକ୍ତି ଭାବରେ ଜନ୍ମ, ପବିତ୍ରଆତ୍ମାରେ ପରିପୂର୍ଣ୍ଣ, ମାତ୍ର ତଥାପି ସେ ନିଜକୁ "ଜଣେ ବନ୍ଦୀ" ବୋଲି ଆଖ୍ୟା ଦିଅନ୍ତି ।

43 ଏବଂ ବର୍ତ୍ତମାନ ଆମେମାନେ ପାଉ, ଯେତେବେଳେ ସେ କରିନ୍ଥୀୟମାନଙ୍କୁ ସମ୍ବୋଧିତ କରୁଛନ୍ତି, "ପାଉଲ, ଯୀଶୁ ଖ୍ରୀଷ୍ଟଙ୍କ ଜଣେ ପ୍ରେରିତ ।" ଅନ୍ୟ ସମୟରେ, ସେ ତୀମଥିଙ୍କୁ କହୁଛନ୍ତି, ଅନ୍ୟ ମାନଙ୍କୁ କହୁଛନ୍ତି, "ପାଉଲ, ପରମେଶ୍ୱରଙ୍କ ଇଚ୍ଛାରେ ଯୀଶୁ ଖ୍ରୀଷ୍ଟଙ୍କର ଜଣେ ସେବକ ।" ବର୍ତ୍ତମାନ ଯେତେବେଳେ ସେ ଏଠାରେ ଫିଲୀମୋନଙ୍କୁ ଲେଖୁଛନ୍ତି, ସେ କହୁଛନ୍ତି, "ପାଉଲ, ଯୀଶୁ ଖ୍ରୀଷ୍ଟଙ୍କ ଜଣେ ବନ୍ଦୀ ।" "ପାଉଲ, ଜଣେ ପ୍ରେରିତ," ମୁଁ ଗୋଟିଏ ରାତି ତାହା ଉପରେ ପ୍ରଚାର କରିବାକୁ ଚାହିଁବି । "ପାଉଲ, ଜଣେ—ଜଣେ ସେବକ," ତାହା ଉପରେ ପ୍ରଚାର କରିବାକୁ ଚାହିଁବି । ଆଉ ତେବେ, "ପାଉଲ, ଜଣେ ବନ୍ଦୀ ।"

44 କିନ୍ତୁ, ଆଜି ରାତି, ଏହା ଗୋଟିଏ ବିଷୟକୁ ଯଥାର୍ଥ ଭାବରେ ବିଚାର କରିବାକୁ ଘଣ୍ଟା ଘଣ୍ଟା ସମୟ ଲାଗିବ, ଆଜି ରାତିରେ, ମୁଁ ନେବାକୁ ଚାହେଁ, "ପାଉଲ, ସେହି ବନ୍ଦୀ," ଏବଂ ସେହି ବିଷୟକୁ ନେବାକୁ ଚାହେଁ: *ଜଣେ ବନ୍ଦୀ ।*

ତେବେ ଆସନ୍ତୁ ଆମେ ଗୋଟିଏ ମୁହୂର୍ତ୍ତ ପାଇଁ ନିଜର ମୁଣ୍ଡକୁ ନୁଆଁଇବା ।

45 ପ୍ରଭୁ ଯୀଶୁ, ଯେକୌଣସି ବ୍ୟକ୍ତି, ଯିଏକି ଶାରୀରିକ ଭାବରେ ସକ୍ଷମ, ଏହି ବାଇବଲର ପୃଷ୍ଠାଗୁଡ଼ିକୁ ଓଲଟାଇ ପାରେ, ମାତ୍ର କେବଳ ପବିତ୍ରଆତ୍ମା ହିଁ ଏହାକୁ ସେହି ପ୍ରକାଶରେ ବ୍ୟାଖ୍ୟା କରିପାରନ୍ତି ଯାହାକି ଏହାର ଉଦ୍ଦେଶ୍ୟ ଅଟେ । ଆମେ ତାହାଙ୍କୁ ଅନୁରୋଧ କରୁଛୁ ଯେ ସେ ବର୍ତ୍ତମାନ ଆସନ୍ତୁ ଏବଂ ଏହା କିପ୍ରକାର ଏପରି ସମ୍ବୋଧିତ କରା ଯାଇଅଛି, ତାହା ବୁଝାଇବାରେ ସାହାଯ୍ୟ କରନ୍ତୁ, ଯେ ଏହି ମହାନ, ଶକ୍ତିଶାଳୀ ଭବିଷ୍ୟଦ୍‌ବକ୍ତା, ପାଉଲ, ଏବଂ ତଥାପି ନିଜକୁ "ଜଣେ ବନ୍ଦୀ" ଭାବେ ଆଖ୍ୟା ଦିଅନ୍ତି । ଏପରି ହେଉ ଯେ ଆମେ ତାହାଙ୍କ ଉପରେ ଅପେକ୍ଷା କରିଥିବା ବେଳେ, ପବିତ୍ରଆତ୍ମା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଏହାକୁ ଆମଠାରେ ପ୍ରକାଶ କରନ୍ତୁ । ଆମେନ୍ ।

46 ବର୍ତ୍ତମାନ ମୁଁ କଳ୍ପନା କରିପାରେ, ଯେ ପାଉଲ, ଯେତେବେଳେ ସେ ଫିଲୀମୋନଙ୍କୁ ଏହି ଚିଠି ଲେଖିଥିଲେ, ସେ କିପରି ବନ୍ଦୀଗୃହରେ ବସିଥିଲେ, ଏହି ସହରର ସେହି କାରାକୂପର ଭିତରେ, ଜଣେ—ଜଣେ—ଜଣେ ବନ୍ଦୀ ରୂପରେ । ଏବଂ ସେହି ଶବ୍ଦର ଅର୍ଥ କଅଣ, ସେ ତାହଙ୍କର ସ୍ଥିତି ଦ୍ୱାରା ଭଲ ଭାବରେ ଜାଣି ପାରିଥିବେ । ସେ ଲୁହାଦଣ୍ଡମାନ ଦ୍ୱାରା—ଦ୍ୱାରା—ଦ୍ୱାରା ଘେରା ହୋଇ ରହିଥିଲେ । ସେ କେବଳ ସେତେବେଳେ ହିଁ ମୁକ୍ତ ହୋଇପାରନ୍ତି ଯେତେବେଳେ କେହି ତାଙ୍କୁ ମୁକ୍ତ କରିବ । ଏବଂ ସେ ଜାଣିଥିଲେ ଯେ ବନ୍ଦୀ ହେବା କଅଣ ଅଟେ । ଏବଂ ତା'ପରେ, ପୁନର୍ବାର, ମୁଁ ବିଶ୍ୱାସ କରେ ଯେ ସେହି—ସେହି ପ୍ରେରିତଙ୍କର କହିବାର ଅର୍ଥ କେବଳ ମାତ୍ର ଏକ କ୍ଷୁଦ୍ର...ତାହାର ବର୍ତ୍ତମାନର ସ୍ଥିତିକୁ ସମ୍ବୋଧନ କରୁଥିବା ଭଳି ଯଥାଯଥ ଅର୍ଥ ନୁହେଁ, ଯେପରିକି ଏକ ବନ୍ଦୀ ଭାବରେ ତାଙ୍କର—ତାଙ୍କର ଶରୀରଟି ଏଠାରେ ଏହି—ଏହି କାରାଗାରରେ ବସି ରହିଛି । ମାତ୍ର ମୁଁ ବିଶ୍ୱାସ କରେ ଯେ ସେ କହୁଥିଲା ବେଳେ ତାଙ୍କର—ତାଙ୍କର ସେହି ଅବସ୍ଥାକୁ, ତାଙ୍କର—ତାଙ୍କର—ତାଙ୍କର ଆତ୍ମା, ତାଙ୍କ ଇଚ୍ଛା, ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଜଣେ ବନ୍ଦୀ ହେବା ସମ୍ବନ୍ଧରେ କହୁଥିଲେ ।

47 ତେବେ, ଆମେ ସମସ୍ତେ ଜନ୍ମ ହୋଇଅଛୁ, ଜଣେ ନୈତିକ ମୂଲ୍ୟବୋଧର କର୍ତ୍ତା ଭାବରେ, ଯେ ଆମେ ଯାହା ଇଚ୍ଛା କରୁ ତାହା ନିଷ୍ପତ୍ତି ନେଉ । ପରମେଶ୍ୱର ସିଦ୍ଧ ରୂପରେ ତାହା କରନ୍ତି । କାରଣ, ସେ ନିଶ୍ଚିତରେ ପ୍ରତ୍ୟେକ ମନୁଷ୍ୟକୁ ସମାନ ଭିତ୍ତିରେ ରଖିଅଛନ୍ତି, ନତୁବା ସେ ଭୁଲ ଲୋକକୁ କୌଣସି ଭିତ୍ତି ଉପରେ ରଖି...ସେ ପ୍ରଥମ ମଣିଷକୁ ଭୁଲ ଭିତ୍ତି ଉପରେ ରଖିଥିଲେ, ଯେ ସେ ନୈତିକ ମୂଲ୍ୟବୋଧର କର୍ତ୍ତା ଭାବରେ ରଖିଥିଲେ । ବୁଝିଲେ? ଆମେମାନେ, ଆଜି ରାତିରେ, ଠିକ୍ ଆଦମ ଓ ହବା ପରି ଅଟୁ । କିଛି ପାର୍ଥକ୍ୟ ନାହିଁ । ଠିକ୍ ଏବଂ ଭୁଲ୍ ଉଭୟ ଆମ ସମ୍ମୁଖରେ ରଖା ହୋଇଛି । ଜୀବନ ଏବଂ ମୃତ୍ୟୁ, ଆମେମାନେ ଆମର ମନୋନୟନ କରିପାରୁ; ଏହାକୁ କରିବା, ଏହା ଆପଣଙ୍କ ଉପରେ ନିର୍ଭର କରେ । ବୁଝିଲେ?

48 ଠିକ୍ ସେହି ପ୍ରକାରେ ଆଦମ ଏବଂ ହବା କରିଥିଲେ, ଏବଂ, ଦେଖନ୍ତୁ, ଏବଂ—ଏବଂ ସେମାନେ ଭୁଲ୍ ମନୋନୟନ କରିଥିଲେ । ଏବଂ ବର୍ତ୍ତମାନ, ତାହା ଦ୍ୱାରା, ମାନବ ଜାତିର, ସମଗ୍ର ଜାତିକୁ, ମୃତ୍ୟୁ, ମୃତ୍ୟୁର ଦଣ୍ଡ ତଳେ ରଖିଦେଲେ ।

49 ଏବଂ ତା'ପରେ ପରମେଶ୍ୱର ମନୁଷ୍ୟ ରୂପରେ ଓହ୍ଲାଇ ଆସିଲେ ଆଉ ସେହି ମୃତ୍ୟୁକୁ ଗ୍ରହଣ କଲେ, ଏବଂ ମୃତ୍ୟୁର ମୂଲ୍ୟକୁ ପ୍ରଦାନ କଲେ, ଯେପରିକି ସେହି...ତାହାଙ୍କର ଅଧିନସ୍ଥମାନେ ଯେଉଁମାନେକି ମୁକ୍ତ ହେବା ପାଇଁ—ପାଇଁ ଇଚ୍ଛା କରନ୍ତି ମୁକ୍ତ ହୋଇପାରନ୍ତି।

50 ତେବେ, ଯଦି ସେ ଆମମାନଙ୍କୁ, ଆଦମ ଏବଂ ହବାଙ୍କ ସହିତ କରିଥିବା ଭଳି ସେହି ସମାନ ଉପାୟ ବିନା ହିଁ ଗ୍ରହଣ କରି ନିଅନ୍ତି, ଆମମାନଙ୍କୁ କେବଳ କୌଣସି ଏକ ବିଷୟ ଦେଇ ଟାଣି ନିଅନ୍ତି, କୁହନ୍ତି, "ତୁମେ ରକ୍ଷା ପାଇବାକୁ ଚାହଁ ବା ନ ଚାହଁ, ଆମ୍ଭେ ତୁମକୁ ରକ୍ଷା କରିବା," ତାହାହେଲେ ସେ ଆଦମ ଏବଂ ହବାଙ୍କୁ ଭୁଲ୍ ଭିତ୍ତିରେ—ରେ ରଖିଥିଲେ, ଆପଣ ଦେଖନ୍ତୁ। କିନ୍ତୁ ଆମ ପ୍ରତ୍ୟେକଙ୍କୁ, ଏହି ଦିନରେ, ମୃତ୍ୟୁ ଏବଂ ଜୀବନ ମଧ୍ୟରେ ବାଛିବାକୁ ପଡିଥାଏ। ଆମେ ଏହା କରିପାରିବା।

51 ମୁଁ ଯେପରି ଏବେ ବ୍ୟକ୍ତ କରିଥିଲି, ଯଦି ତୁମର ଆଲୋକ ପ୍ରମାଣ କରିବ, ତେବେ ତୁମେ କେଉଁ ପାର୍ଶ୍ୱରେ ଅଛ ତାହା ତୁମର ଜୀବନ ଠିକ୍ ପ୍ରମାଣ କରିବ। ମୋର ଏଥିରେ ଫରକ ପଡ଼େ ନାହିଁ ଯେ ଆପଣ କେଉଁ ପାର୍ଶ୍ୱରେ ଅଛନ୍ତି ବୋଲି ଆପଣ କୁହନ୍ତି। ପ୍ରତିଦିନ, ଆପଣ ଯାହା କରନ୍ତି, ତାହା ପ୍ରମାଣ କରେ ଯେ ଆପଣ କଅଣ ଅଟନ୍ତି। ଆପଣ ପୁରାତନ ପ୍ରବାଦ ଶୁଣିଥିବେ, "ତୁମର ଜୀବନଟି ଏତେ ଉଚ୍ଚ ଚିତ୍କାର କରେ, ଯେ ମୁଁ ତୁମର ସାକ୍ଷ୍ୟ ଶୁଣିପାରେ ନାହିଁ।" ବୁଝିଲେ? ଆପଣଙ୍କର—ଆପଣଙ୍କର କ୍ରିୟାକଳାପ ଏତେ ଉଚ୍ଚ ଚିତ୍କାର କରେ।

52 ମୁଁ ସର୍ବଦା ଚିତ୍କାର କରିବାରେ ଏବଂ ଡେଇଁବାରେ ବିଶ୍ୱାସ କରିଛି। ମାତ୍ର ମୁଁ ସବୁବେଳେ କହିଛି, "ତୁମ ଜୀବନଠାରୁ ଅଧିକ ଉଚ୍ଚକୁ ଡିଆଁ ମାର ନାହିଁ, କାରଣ ସଂସାର ତାହା ଦେଖିବାକୁ ଯାଉଅଛି।" ଆପଣ ବୁଝିଲେ? ଆପଣଙ୍କୁ ସେତିକି ହିଁ ଉଚ୍ଚକୁ ଡେଇଁବା ଉଚିତ୍ ଯେତିକି ଆପଣ ଜୀବନ ଯାପନ କରନ୍ତି, ତେଣୁ, କାରଣ କେହି ଜଣେ ଆପଣଙ୍କୁ ଦେଖୁଅଛି। ଏବଂ ତେବେ ଯେତେବେଳେ...

53 ଲୋକମାନେ ମଣ୍ଡଳୀକୁ ଆସନ୍ତି ନାହିଁ। ସେମାନେ—ସେମାନେ, ସେମାନଙ୍କ ମଧ୍ୟରୁ ଅନେକେ, ତାହା କରନ୍ତି ନାହିଁ। ଏବଂ ସେମାନଙ୍କ ମଧ୍ୟରୁ କେତେକ, ଯେଉଁମାନେ ଆସନ୍ତି ନାହିଁ, ମାତ୍ର ନିଷ୍ଠାବାନ ଲୋକମାନେ ଅଟନ୍ତି। ସେମାନେ ମଣ୍ଡଳୀରେ ଏତେ ଦୁର୍ନୀତି ଦେଖିଛନ୍ତି, ଯେ ଏପରିକି ସେମାନେ ଆଉ ତାହା ସହିତ କିଛି ସମ୍ପର୍କ ରଖିବାକୁ ଚାହୁଁନାହାଁନ୍ତି। ଏବଂ ଅନେକ ଥର, ଆମେ ସେହି ବିଷୟରେ ଏକ ଖାଣ୍ଟି ଖାଣ୍ଟି ଚିନ୍ତାଧାରାରେ କହୁଅଛୁ, ଆପଣ ସେମାନଙ୍କୁ ଆଦୌ ଦୋଷ ଦେଇପାରନ୍ତି ନାହିଁ, ଦେଖନ୍ତୁ, କାରଣ ସେହି ଲୋକମାନଙ୍କ ଯୋଗୁଁ—ଯୋଗୁଁ ଯେପରି ସେମାନେ ବ୍ୟବହାର କରିଥାନ୍ତି। ସେମାନେ ନିଜକୁ ଖ୍ରୀଷ୍ଟିଆନ ବୋଲି କୁହନ୍ତି। ସେମାନେ ହେଉଛନ୍ତି ସେହି ସବୁଠୁ ବଡ଼ ବିଘ୍ନର ପ୍ରସ୍ତର ଯାହାକି ଜଗତରେ ରହିଅଛି, ସେହି ପୁରୁଷ ଏବଂ ସ୍ତ୍ରୀ ଯିଏକି ନିଜକୁ ଖ୍ରୀଷ୍ଟିଆନ ବୋଲି କୁହାଉଥାନ୍ତି, ଏବଂ ସେମାନଙ୍କର ସ୍ୱୀକୃତିଠାରୁ ଭିନ୍ନ ଜୀବନ ଯାପନ କରୁଥାନ୍ତି। ଯଥାର୍ଥ ଭାବେ ଠିକ୍।

54 ତେବେ, ଯେହେତୁ ବିଚାରବେଳେ ନିରାଶା ଆସିବାକୁ ଅଛି । ତେବେ, ସେହି ପାପୀ, ସେହି ମଦୁଆ, ସେହି ଜୁଆ ଖେଳାଳୀ, ସେହି ବ୍ୟଭିଚାରୀ, ସେ—ସେ ତାହା ପାଇଁ ଘୋଷିତ ସେହି ଦଣ୍ଡ ଶୁଣି ନିରାଶ ହେବ ନାହିଁ ଯେ, "ଚିରସ୍ଥାୟୀ ଅଗ୍ନି ମଧ୍ୟକୁ ଯାଅ ।" ସେ ନିରାଶ ହେବ ନାହିଁ । କିନ୍ତୁ ସେହି ବ୍ୟକ୍ତି ଯିଏକି ଏକପ୍ରକାର ମଣ୍ଡଳୀର ସ୍ୱୀକୃତି ପଛରେ ନିଜକୁ ଲୁଚାଇବାକୁ ଚେଷ୍ଟା କରୁଅଛି, ସେହି ବାଳକ ହିଁ ଅଟେ ଯିଏକି ବିଚାର ଦିନରେ ନିରାଶ ହେବାକୁ ଯାଉଅଛି । ବୁଝିଲେ? ଯିଏକି ଏକ ଖ୍ରୀଷ୍ଟିଆନ ବୋଲି କହିଥାଏ, ଏବଂ ଅନ୍ୟ ଧରଣରେ ଜୀବନଯାପନ କରେ । ତାହା ପାଇଁ ଏହା ଭଲ ହେବ ଯେ ଏପରିକି ସେ କୌଣସି ପ୍ରକାରର ସ୍ୱୀକୃତି ନ କରୁ, ଆରମ୍ଭରୁ ହିଁ, ଏହା ଅପେକ୍ଷା ଯେ ଏକ ପ୍ରକାର କିଛି ଆରମ୍ଭ କରି ଏବଂ ଅଲଗା ଧରଣର ଜୀବନ ଯାପନ କରିବା । କାରଣ, ସେ ହିଁ ସବୁଠାରୁ ବଡ ବାଧାଜନକ ପ୍ରସ୍ତର ଅଟେ ଯାହାକି ଆମ ପାଖରେ ଅଛି, ତାହା ସେହି ସ୍ୱୀକୃତି ଦେବା ବ୍ୟକ୍ତି ପାଇଁ ଅଟେ ଯିଏକି କହିଥାଏ ଯେ ସେ—ସେ—ସେ ଜଣେ ଖ୍ରୀଷ୍ଟିଆନ ଅଟେ, ଏବଂ କିଛି ଅଲଗା ଜୀବନ ଯାପନ କରିଥାଏ ।

55 ସର୍ବଦା, ନିଜ ଜୀବନର ମୂଲ୍ୟାଙ୍କନ ଏହା ଦ୍ୱାରା କରନ୍ତୁ ନାହିଁ ଯେ ଆପଣଙ୍କର ଚମତ୍କାର କରିବାକୁ କେତେ ଶକ୍ତି ଅଛି । ଏବଂ ଆମେ ନିଜକୁ ତାହା ଦ୍ୱାରା ବିଚାର କରୁନାହୁଁ ଯେ ବାକ୍ୟ ବିଷୟରେ ଆପଣଙ୍କର କେତେ ଜ୍ଞାନ ଅଛି । କିନ୍ତୁ ସର୍ବଦା ନିଜକୁ ଏଥିରେ ବିଚାର କରନ୍ତୁ, ପଛକୁ ଅନାନ୍ତୁ ଏବଂ ଖୋଜନ୍ତୁ ଯେ କେଉଁ ପ୍ରକାରର ଏକ ଫଳ ଆପଣ ବର୍ତ୍ତମାନ ଯେଉଁ ଜୀବନ ଯାପନ କରୁଛନ୍ତି ତାହା ଫଳୁଅଛି । ବୁଝିଲେ?

56 ଯେପରିକି ମୁଁ କିଛି ସମୟ ପୂର୍ବରୁ, ଏରିଜୋନା ସ୍ଥିତ ଫିନିକ୍ସରେ, ଏକ ବ୍ୟବସାୟୀମାନଙ୍କ ସଭାରେ ପ୍ରଚାର କରିଥିଲି, ଯୀଶୁଙ୍କ ପ୍ରତିବିମ୍ବ ବିଷୟରେ, ଖ୍ରୀଷ୍ଟିଆନ ଜୀବନକୁ ପ୍ରତିଫଳିତ କରୁଥିବା ବିଷୟରେ । ମୁଁ କହିଲି ମୁଁ ଏଠାରେ କେଣ୍ଟକିରେ ଜନ୍ମଗ୍ରହଣ କରିଥିଲି, ଯେଉଁଠାରେକି ଏହା ଅତ୍ୟନ୍ତ ପ୍ରାଚୀନ ରହଣୀ ଥିଲା, ବିଶେଷତଃ ପୂର୍ବ ସମୟରେ ଯେତେବେଳେ ମୁଁ ଏକ ଛୋଟ ଶିଶୁ ଥିଲି । ଏବଂ ଏହି ନିର୍ଦ୍ଦିଷ୍ଟ ଛୋଟ ପିଲାଟିର କେବେ ବି ଏକ—ଏକ—ଏକ—ଏକ ଘର ନ ଥିଲା ଯେପରିକି ଆମର ଏଠାରେ ରହିଛି, ଯେଉଁଠାରେକି ଆମର ଏତେ ଅନେକ ସୁନ୍ଦର ସୁନ୍ଦର ମହିଳାମାନେ ରହିଥିଲେ, ଯେଉଁମାନଙ୍କୁ ସମଗ୍ର ଘର ସାରା ଦର୍ପଣ ମଧ୍ୟରେ ଦେଖିବାକୁ ପଡୁଥିଲା, ଯେପରିକି ସେମାନେ ନିଜର କେଶକୁ ଠିକ୍ ଭାବରେ ସଜାଇ ରଖନ୍ତି, ଏବଂ ପ୍ରଭୃତି । ମାତ୍ର ତାହା ପାଖରେ ଗୋଟିଏ ଛୋଟ ଦର୍ପଣ ଥିଲା, କେବଳ ଏକ ଛୋଟ ଖଣ୍ଡଟିଏ ଯାହାକି ବାହାରେ ଏକ ଗଛ ଉପରେ ଲଗା ଯାଇଥିଲା, ଯେଉଁଠାରେ ଧୁଆଧୋଇ ହେବାର ପିଣ୍ଡିଟିଏ ଥିଲା, ଯେଉଁଠାରେ ତାର ମାଆ ଏବଂ ବାପା ଧୋଇ ହେଉଥିଲେ, ଏବଂ ସେମାନେ ସେମାନଙ୍କର କେଶକୁ ପାନିଆ କରୁଥିଲେ, ଏବଂ ଏହିପରି କିଛି, ଏକ ଛୋଟ ପୁରୁଣା ଦର୍ପଣର ଏହି ଛୋଟ ଖଣ୍ଡରୁ ଯାହାକି ଏକ ଗଛ ଉପରେ ଲଗା ଯାଇଥିଲା ।

57 ସତ କହିବାକୁ ଗଲେ, ସେହି ପ୍ରକାରର ଘର ଥିଲା ଯାହା ଆମ ପାଖରେ ରହିଛି ।

ଯେକେହି ଏକ ଦର୍ପଣ ଦେଖିବାକୁ ଚାହୁଁଥିଲେ, ଆମେ ଛୁଆମାନେ, ଆମକୁ ଏକ ବାକ୍ସ ଆଣି ଏବଂ ଧୁଆଧୁଇ ହେବାର ସେହି ବେଞ୍ଚ ଉପରେ ଉଠିବାକୁ ପଡୁଥିଲା, ଏବଂ ଏକ—ଏକ ଦର୍ପଣର ଏହି ଖଣ୍ଡରେ ଦେଖୁଥିଲୁ ଯାହାକୁ ମୁଁ, ନିଜେ, ଏକ ମଇଳା ଗଦାରୁ ଉଠାଇଥିଲି। ତାହା ତଳେ କେଣ୍ଟକିରେ ନ ଥିଲା। ତାହା ଏଠାରେ ଇଣ୍ଡିୟାନାରେ ଥିଲା, ଏଠାରେ ଉପରେ ୟୁଟିକା ପାଇକରେ।

58 ତେବେ, ଏହି ଛୋଟ ପିଲାଟି ନିଜକୁ ସେହିପରି କେବେ ଦେଖି ନ ଥିଲା। ତେଣୁ, ସେ ତାର ଜେଜେମାଙ୍କୁ ଦେଖା କରିବାକୁ, ସହରକୁ ଆସେ। ଏବଂ ସେଠାରେ... ଏହି ବାଳକ କୋଠରୀ ସବୁ ଘୁରି ବୁଲୁଥିଲା, ଆଉ ତାର ଜେଜେମାଙ୍କର ଏକ ଘର ଥିଲା ଯାହାର କବାଟରେ ସମ୍ପୂର୍ଣ୍ଣ ଦର୍ପଣଟିଏ ଥିଲା। ଆଉ ତେଣୁ, ଏହି ଛୋଟ ପିଲାଟି, ସେହି—ସେହି କୋଠାରୀଗୁଡିକରେ ଦୌଡୁଥିଲା, ଏବଂ ନିଜ ସମ୍ମୁଖରେ ଆଉ ଏକ ଛୋଟ ପିଲାକୁ ଦେଖିଲା। ଏବଂ ସେହି ଅନ୍ୟ ଛୋଟ ପିଲାଟି ମଧ୍ୟ, ଦୌଡୁଥିଲା। ତେଣୁ ସେ ଭାବିଲା ଯେ ସେ କିଛି ମିନିଟ୍ ରହି ଦେଖିବ ଯେ ସେହି ଅନ୍ୟ ଛୋଟ ପିଲାଟି କଅଣ କରିବାକୁ ଯାଉଛି। ଏବଂ ଯେତେବେଳେ ସେ ଅଟକି ଗଲା, ସେହି ଛୋଟ ପିଲାଟି ମଧ୍ୟ ଅଟକି ଗଲା। ଯେତେବେଳେ ସେ ମୁଣ୍ଡ ବୁଲାଇଲା, ସେହି ଛୋଟ ପିଲାଟି ମଧ୍ୟ ମୁଣ୍ଡଟିକୁ ବୁଲାଇଲା। ସେ ତାର ମୁଣ୍ଡକୁ ରାମ୍ପି ହେଲା, ସେହି ଛୋଟ ପିଲାଟି ମଧ୍ୟ ତାର ମୁଣ୍ଡକୁ ରାମ୍ପିଲା। ଶେଷରେ, ଅନୁସନ୍ଧାନ କରିବାକୁ, ନିକଟତର ହେଲା। ଏବଂ ସେ ବୁଲିପଡିଲା। ତାର ମାଆ ଏବଂ ତାର ଜେଜେମା ଆଶ୍ଚର୍ଯ୍ୟ ସହକାରେ, ତାକୁ ଦେଖୁଥିଲେ। ସେ କହିଲା, "କାହିଁକି, ମାଆ, ସେଇଟା ତ ମୁଁ ଅଟେ।"

59 ତେଣୁ ମୁଁ କହିଲି, ଯେ, "ଆମେ, ମଧ୍ୟ, କିଛି ପ୍ରତିବିମ୍ବିତ କରୁଛୁ।" ବୁଝିଲେ? ଆମ ଜୀବନ ପ୍ରତିବିମ୍ବିତ ହୁଏ।

60 ଏବଂ ବର୍ତ୍ତମାନ, ଯଦି ଆମେ ନୋହଙ୍କ ସମୟରେ ବାସ କରୁଥାନ୍ତୁ, ତେବେ ଆମେ କାହାର ପକ୍ଷ ନେଇଥାନ୍ତୁ? ନୋହ ବାସ କରୁଥିବା ସେହି ମହାନ ଦିନରେ ଆମେ କେଉଁ ପକ୍ଷ ନେଇଥାନ୍ତୁ? ମୋଶାଙ୍କ ସମୟରେ ଆମେମାନେ କେଉଁ ପକ୍ଷକୁ ନେଇଥାନ୍ତୁ? ଭବିଷ୍ୟଦ୍‌ବକ୍ତା, ଏଲିୟଙ୍କ ଦିନରେ କେଉଁ ପକ୍ଷ ନେଇଥାନ୍ତୁ, ଯେତେବେଳେ ସମଗ୍ର ବିଶ୍ୱ ଆଧୁନିକତାର—ର ଏକ—ଏକ ବଡ ଭ୍ରମର ଭିତରେ ପଶି ଯାଇଥିଲା, ଆଧୁନିକ ଯିଜେବଲ ପରି, ଏବଂ ପ୍ରଭୁଙ୍କର ସମସ୍ତ ସେବକମାନଙ୍କୁ ସାଂସାରିକ ଉପାୟରେ ବାହାର କରି ଦେଇଥିଲା? ଏବଂ ମଣ୍ଡଳୀ ଓ ଯାଜକମାନେ ସମସ୍ତେ ତାହାଙ୍କୁ ପ୍ରଣାମ କରୁଥିଲେ। କଅଣ ଆପଣ ଲୋକପ୍ରିୟତାର ପକ୍ଷ ନେଇଥାନ୍ତେ, ଅବା ଆପଣ ଏଲିୟଙ୍କ ସହିତ ଛିଡ଼ା ହୋଇଥାନ୍ତେ?

61 ତେବେ, ପ୍ରଭୁ ଯୀଶୁଙ୍କ ଦିନରେ, ଯେତେବେଳେକି ଆମେ ଏହି ଅପ୍ରସିଦ୍ଧ, ଜଗତ ଦ୍ୱାରା ଅଶିକ୍ଷିତ ବ୍ୟକ୍ତିଙ୍କ ବିଷୟରେ ଚିନ୍ତା କରୁ, ସେମାନେ କଦାପି ଏପରି କୌଣସି ବିଦ୍ୟାଳୟ ପାଇପାରି ନ ଥିଲେ ଯେଉଁଠାକୁ କି ସେ କେବେ ଯାଇଥିଲେ, ଏବଂ କୌଣସି ସେମିନାରୀର ଅଭିଜ୍ଞତା ବି ନ—ନ ଥିଲା। ଏବଂ—ଏବଂ ତା'ପରେ "ଅବୈଧ ଜନ୍ମ" ର ଏକ ଉପାଧି

ସହ ବଡ ହୋଇଥିଲେ। ଏବଂ ତା'ପରେ ବାହାରକୁ ଆସି, ଏପରି ଏକ ସୁସମାଚାର ପ୍ରଚାର କରିଥିଲେ ଯାହାକି ସେମାନଙ୍କ ଶିକ୍ଷାର ବିପରିତ ଥିଲା। ଅତ୍ୟନ୍ତ...ଏବଂ ସେବକଗଣଙ୍କୁ ଏବଂ ସେମାନଙ୍କର ସଂଗଠନଗୁଡିକୁ ନିନ୍ଦିତ କରିଥିଲେ, ଏବଂ ପ୍ରଭୃତି।

62 ଏବଂ ସେହି ସଂଗଠନଗୁଡ଼ିକ ଏକ—ଏକ—ଏକ ବିବୃତ୍ତି ପ୍ରସ୍ତୁତ କରିଥିଲେ, ଯଥା, "ଯଦି କେହି ଏହି ତଥା-କଥିତ ଭବିଷ୍ୟଦ୍‌ବକ୍ତାର କଥା ଶୁଦ୍ଧା ଶୁଣିବାକୁ ଯାଏ, ତାକୁ ସମାଜଗୃହରୁ ବାହାର କରି ଦିଆଯିବ," ଯାହାକି ଏକ—ଏକ ମରଣତୁଲ୍ୟ ପାପ ଥିଲା। ସେମାନଙ୍କୁ ହିସାବ ଦେବାକୁ ପଡିଥିଲା। କେବଳ ଗୋଟିଏ ମାତ୍ର ଉପାୟରେ ସେମାନେ ଉପାସନା କରି ପାରୁଥିଲେ ତାହା ଥିଲା ମେଷଶାବକଙ୍କର ରକ୍ତ ତଳେ। ସେମାନଙ୍କୁ ଏହି ବଳିଦାନ ନିକଟକୁ ଆସିବାକୁ ପଡିଥିଲା। ଏବଂ—ଏବଂ ତାହାପରେ ସେମାନେ ପରିତ୍ୟକ୍ତ ଥିଲେ, ଏବଂ ଏହା କେତେ ଏକ ବଡ ବିଷୟ ଥିଲା।

63 ଏବଂ ଏହି ବ୍ୟକ୍ତିଜଣକ ସେହିପରି ବିଷୟକୁ ଉପେକ୍ଷା କରିଥିଲେ। ଏବଂ ତଥାପି ସେ ଶାସ୍ତ୍ର ସହିତ ସମ୍ପୂର୍ଣ୍ଣ ଭାବରେ ଠିକ୍ ଥିଲେ, ମାତ୍ର ସେପରି ଭାବରେ ନୁହେଁ ଯେପରିକି ସେମାନେ ଏହାକୁ ଜାଣିଥିଲେ। ଆପଣ କେଉଁ ପକ୍ଷ ନେଇଥାନ୍ତେ? ବୁଝିଲେ? ତେବେ, କରନ୍ତୁ ନାହିଁ... ଆପଣଙ୍କର ଜୀବନ ଯାହା ବର୍ତ୍ତମାନ ଆପଣ ଯାପନ କରୁଛନ୍ତି, ତାହା ବର୍ତ୍ତମାନ ଏହାକୁ ପ୍ରତିବିମ୍ବିତ କରେ ଯାହା ଆପଣ ସେତେବେଳେ କରିଥାନ୍ତେ, କାରଣ ଆପଣ ଏବେସୁଦ୍ଧା ସେହି ସମାନ ଆତ୍ମାରେ ଆବିଷ୍ଟ ଅଟନ୍ତି। ବୁଝିଲେ? ଯଦି ଆପଣ ବର୍ତ୍ତମାନ ସେମାନଙ୍କ ସହିତ, ସେହି ପକ୍ଷକୁ ନିଅନ୍ତି, ତେବେ ଆପଣ ସେତେବେଳେ ମଧ୍ୟ ତାହାହିଁ କରିଥାଆନ୍ତେ। କାରଣ, ସେହି ସମାନ ଆତ୍ମା ଯାହା ଆପଣଙ୍କ ଭିତରେ ବର୍ତ୍ତମାନ ଅଛି ସେହି ସମୟରେ ଲୋକମାନଙ୍କ ମଧ୍ୟରେ ଥିଲା। ବୁଝିଲେ?

64 ଶୟତାନ କେବେବି ତା'ର ଆତ୍ମାକୁ ନିଏ ନାହିଁ; ସେ କେବଳ ଜଣେ ବ୍ୟକ୍ତିଠାରୁ ଅନ୍ୟଜଣକ ପାଖକୁ ଚାଲିଯାଏ।

65 ପରମେଶ୍ୱର ମଧ୍ୟ, କଦାପି ତାହାଙ୍କର ଆତ୍ମାକୁ ନିଅନ୍ତି ନାହିଁ; ଏହା ତ ଜଣକରୁ ଅନ୍ୟଜଣକ ପାଖକୁ ଯାଏ। ବୁଝିଲେ?

66 ଅତଏବ, ସେହି ଆତ୍ମା ଯାହା ଏଲିୟଙ୍କ ଉପରେ ଥିଲା, ତାହା ଇଲୀଶାୟଙ୍କ ଉପରକୁ ଆସିଲା, ସେହି ସମାନ ଆତ୍ମା ବାପ୍ତିଜକ ଯୋହନଙ୍କ ଉପରେ ଥିଲା, ଏବଂ ପ୍ରଭୃତି।

67 ସେହି ପବିତ୍ରଆତ୍ମା, ଯାହାକି ଖ୍ରୀଷ୍ଟଙ୍କ ଉପରେ ଥିଲେ, ତଳେ ସମସ୍ତ, ଶିଷ୍ୟମାନଙ୍କ ଉପରକୁ ଆସିଲେ, ଆଉ ଏବେ ଲୋକମାନଙ୍କ ଉପରେ ଅଛନ୍ତି। ଆପଣ ବୁଝୁଛନ୍ତି? ପରମେଶ୍ୱର କଦାପି ଆପଣା ଆତ୍ମାକୁ ନିଅନ୍ତି ନାହିଁ।

ତେଣୁ ଏକ ମନୋନୟନ କରିବା ପାଇଁ, ଆମେ ଛଡା ଯାଇଅଛୁ।

68 ଏବଂ ମୁଁ—ମୁଁ ଏଠାରେ ଦେଖିପାରେ ନାହିଁ ଯେଉଁଠାରେକି ପାଉଲ କୌଣସି ବିଷୟରେ ଅନୁତାପ କରିଥିଲେ ଏବଂ କହିଥିଲେ ଯେ ସେ ଜଣେ ବନ୍ଦୀ ବୋଲି ଦୁଃଖିତ ଅଟନ୍ତି । କିନ୍ତୁ ସେ ନିଜକୁ ସମ୍ବୋଧିତ କରିଥିଲେ...ମୁଁ ବିଶ୍ୱାସ କରେ ଯେ ପାଉଲ, ଯେତେବେଳେକି ସେ ସେହି କଲମ ଦ୍ୱାରା ଏହି ଚିଠିକୁ ଲେଖିଥିଲେ, ଯେ ଏହା ତ ସେହି ପବିତ୍ରଆତ୍ମା ଥିଲେ ଯିଏକି ତାଙ୍କୁ ତାହା ଲେଖାଇବା ପାଇଁ ବାଧ୍ୟ କରିଥିଲେ । ଯେ, ଏପରିକି ଏହି ରାତି ପର୍ଯ୍ୟନ୍ତ, ହୋଇପାରେ, ଆମେ ତାହା ଦେଖାଇବା ପାଇଁ ଆମର ପାଠ୍ୟର ପ୍ରସଙ୍ଗକୁ ବାହାର କରିପାରୁ, ଯେ ପାଉଲ ଏପରି କାହିଁକି କଲେ । କାରଣ, ଏହା ଶାସ୍ତ୍ରସଙ୍ଗତ ଅଟେ, ଏବଂ ଯାହା ଶାସ୍ତ୍ରସଙ୍ଗତ ଅଟେ ତାହା ଅନନ୍ତ ଅଟେ । ମୁଁ ବିଶ୍ୱାସ କରେ, ଯେ, ଏହି ଅପରିଷ୍କାର ପୁରୁଣା କାରାଗୃହରେ ବସି, ପାଉଲ ତାଙ୍କର ସହକର୍ମୀଙ୍କୁ ଏଠାରେ ଲେଖିଥିଲେ, ଯିଏକି, ତାଙ୍କ ଭାଇ ଅଟନ୍ତି, ଯେ ସେ "ଯୀଶୁ ଖ୍ରୀଷ୍ଟଙ୍କର ଜଣେ ବନ୍ଦୀ" ଥିଲେ । ଯେପରିକି, ସେ ତାହାସବୁ ଦେଖି ଯାହା ତାଙ୍କ ଚାରିପାଖରେ ଥିଲା ଏହାକୁ ପ୍ରକାଶ କରିପାରିଥିଲେ । ତେବେ, ସେ କାରାଗୃହରେ ଥିଲେ, ମାତ୍ର ତାହା ସେହି ବିଷୟ ନ ଥିଲା ଯାହାକି ସେ ତାହାଙ୍କୁ କହୁଥିଲେ, ଖ୍ରୀଷ୍ଟଙ୍କ ଏହି—ଏହି ସେବକ, ତାଙ୍କ ସହିତରେ ଥିବା ଜଣେ ସେବକ । ସେ କହୁଥିଲେ ଯେ ସେ ଯୀଶୁ ଖ୍ରୀଷ୍ଟଙ୍କ ବାକ୍ୟର ବନ୍ଦୀ ଥିଲେ, କାରଣ ଖ୍ରୀଷ୍ଟ ହେଉଛନ୍ତି ସେହି ବାକ୍ୟ ।

69 ଏବଂ ପାଉଲ ତାଙ୍କ ସମୟରେ ଜଣେ ମହାନ ପଣ୍ଡିତ ଥିଲେ । ତାଙ୍କର ବହୁତ ବଡ ଉଚ୍ଚାଭିଳାଷ ଥିଲା । ସେ ଜଣେ—ସେ ଜଣେ—ଜଣେ—ଜଣେ ଏପରି ବ୍ୟକ୍ତି ଥିଲେ ଯିଏକି ଏପରି ଜଣେ...ଲୋକ ଦ୍ୱାରା, ଗମଲିୟେଲ୍ ନାମକ ବ୍ୟକ୍ତିଙ୍କ ଦ୍ୱାରା ତାଲିମ ପ୍ରାପ୍ତ ହୋଇଥିଲେ, ଯିଏକି ତାଙ୍କ ସମୟର ଜଣେ ମହାନ ଶିକ୍ଷକ ଥିଲେ, ପାଉଲ ସେସମୟର ସର୍ବଶ୍ରେଷ୍ଠ ବିଦ୍ୟାଳୟମାନଙ୍କ ମଧ୍ୟରୁ ଗୋଟିଏ ବିଦ୍ୟାଳୟରେ ଯେଉଁଠାକୁ ସେ ଯାଇପାରିଥିଲେ ତାଲିମ ପାଇଥିଲେ । ଉଦାହରଣ ସ୍ୱରୂପ, ଯେପରିକି ଆମେ କହିଥାଉ, ୱିଟନ୍, କିମ୍ବା ବବ୍ ଜୋନ୍ସ, କିମ୍ବା କୌଣସି ମହାନ ମୌଳିକ ବିଦ୍ୟାଳୟ । ସେ ବାକ୍ୟର ଏକ ସେବକ ଭାବରେ—ଭାବରେ—ଭାବରେ ଶିକ୍ଷାପ୍ରାପ୍ତ ହୋଇଥିଲେ । ଏବଂ ସେ ଅତି ଉତ୍ତମ ଭାବେ ଶିକ୍ଷିତ, ଏବଂ କୁଶଳ ବ୍ୟକ୍ତି ଥିଲେ, ଏବଂ ହୁଏତ ଦିନେ ତାଙ୍କ ଲୋକମାନଙ୍କ ପାଇଁ ଏକ ଯାଜକ କିମ୍ବା ଏକ ମହାଯାଜକ ହେବାର ସମ୍ଭାବନା ରଖିଥିବା ଏକ ଉଚ୍ଚ ଆକାଂକ୍ଷା ବିଶିଷ୍ଟ ଜଣେ ବୁଦ୍ଧିମାନ ବାଳକ ଥିଲେ ।

70 ତାଙ୍କର ଏକ ଉଚ୍ଚାଭିଳାଷ ଥିଲା । ଏବଂ ତା'ପରେ ଏହା ପାଇବା, ଯେ, ଏହି ଯେଉଁ ମହାନ ଆକାଂକ୍ଷାଗୁଡିକ ପାଇଁ ସେ ତାଲିମ ପ୍ରାପ୍ତ ହୋଇଥିଲେ, ଏବଂ ତାଙ୍କର ସମସ୍ତ ଜୀବନକୁ ଅତିବାହିତ କରିଥିଲେ, ବୋଧହୁଏ ପ୍ରାୟଃ ଆଠ କିମ୍ବା ଦଶ ବର୍ଷ ବୟସରୁ, ପ୍ରାୟଃ ତିରିଶ କିମ୍ବା ପଇଁତି-ରିଶ ବର୍ଷ ପର୍ଯ୍ୟନ୍ତ, ଯେତେବେଳେ ସେ ମହାବିଦ୍ୟାଳୟ ପାଠ ଶେଷ କରି ସ୍ନାତକ କଲେ; ଏବଂ ତାଙ୍କର ସମସ୍ତ ଡିପ୍ଲୋମା ଏବଂ ସବୁକିଛି ଶିକ୍ଷାଗତ ଯୋଗ୍ୟତା ଥିଲା, ଏବଂ ସମସ୍ତ ସେହି—ସେହି ଧର୍ମଯାଜକମାନଙ୍କ ସହିତ ଅତି ସମ୍ମାନର ତୁଲ୍ୟ ଥିଲେ,

ଏପରିକି ଯିରୁଶାଲମର ମହାଯାଜକଙ୍କ ସହିତରେ ମଧ୍ୟ। ତାଙ୍କ ପାଖରେ ମହାଯାଜକଙ୍କ ଠାରୁ ପ୍ରାପ୍ତ ଆଦେଶନାମା, ବ୍ୟକ୍ତିଗତ ଆଦେଶନାମା, ଲିଖିତ ରୂପରେ ଥିଲା, ଏବଂ ଏହି ମହାନ ଶାଉଲଙ୍କ ଉପରେ ଭରସା ନ୍ୟସ୍ତ କରା ଯାଇଥିଲା ଯେ, "ତଳେ ଦମ୍ମେସକକୁ ଯାଇ ସେଠାରେ ତଳେ ଥିବା ସମସ୍ତଙ୍କୁ ଖୋଜି ବାହାର କରିବାକୁ, ଯେଉଁମାନେକି ତାଙ୍କ କହିବା ବିପରୀତରେ ପରମେଶ୍ୱରଙ୍କ ଉପାସନା କରୁଥିଲେ, ଓ ସେମାନଙ୍କୁ ବାନ୍ଧି କାରାଗାରରେ ନିକ୍ଷେପ କରିବାକୁ।" ଯଦି ଆବଶ୍ୟକ ହୁଏ, ତାହାହେଲେ ସେ ସେମାନଙ୍କୁ ହତ୍ୟା ସୁଦ୍ଧା କରିବାକୁ ନିର୍ଦ୍ଦେଶ ପ୍ରାପ୍ତ ହୋଇଥିଲେ, ଯଦି ସେ ଚାହାଁନ୍ତି। ସେ ଥିଲେ...ତାଙ୍କର ବଡ ଉଚ୍ଚାଭିଳାଷ ଥିଲା।

71 ଆଉ ବର୍ତ୍ତମାନ, ଯେସମସ୍ତ ବିଷୟ ପାଇଁ ସେ ତାଲିମ ପ୍ରାପ୍ତ ହୋଇଥିଲେ, ପରମେଶ୍ୱର ସେସମସ୍ତ ବିଷୟକୁ ତାଙ୍କଠାରୁ ନେଇଗଲେ। ବୁଝିଲେ? ଏବଂ ତାଙ୍କର ଯାହା ଉଦ୍ଦେଶ୍ୟ ଥିଲା, ଏବଂ ତାଙ୍କ ପିତା ତାଙ୍କ ନିମନ୍ତେ ଯେଉଁଥି ପାଇଁ ଟଙ୍କା ଖର୍ଚ୍ଚ କରିଥିଲେ, ଏବଂ ତାଙ୍କ ପିତା ଏବଂ ମାତାଙ୍କର ଯେଉଁ ଅଭିଳାଷମାନ ଥିଲା, ତାହା ସମସ୍ତ କିଛି ତାଙ୍କଠାରୁ ଛଡ଼ାଇ ନିଆଯାଇଥିଲା କାରଣ ଯେ—ଯେ ପରମେଶ୍ୱର ତାଙ୍କ ପାଇଁ ଆଉ କିଛି ବିଷୟ ରଖିଥିଲେ। ତେଣୁ, ସେ ନିଜର ଉଦ୍ଦେଶ୍ୟ ପ୍ରତି ଜଣେ ବନ୍ଦୀ ଥିଲେ ଯାହା ତାଙ୍କ ଜୀବନରେ ଥିଲା, ଏବଂ ସେ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଜଣେ ବନ୍ଦୀ ହୋଇ ଯାଇଥିଲେ, ଯିଏକି ବାକ୍ୟ ଥିଲେ।

72 ଦମ୍ମେସକର ସେହି ମାର୍ଗ ପାଉଲଙ୍କୁ ବଦଳାଇ ଦେଲା। ତଳକୁ ଯିବା ବେଳେ, ପ୍ରାୟଃ ଏକାଦଶ ଘଣ୍ଟାରେ, ବୋଧହୁଏ, ଏକ ଦିନ, ସେ ଆଘାତ ପାଇଲେ। ଏବଂ ସେ ଏକ ସ୍ୱରକୁ, ଏହା କହୁଥିବାର ଶୁଣିଲେ, "ଶାଉଲ, ତୁମ୍ଭେ ମୋତେ କାହିଁକି ତାଡ଼ନା କରୁଅଛ?" ଏବଂ ସେ ଉପରକୁ ଅନାଇଲେ। ଆଉ ଉପରକୁ ଅନାଇଲେ, ଜଣେ ଯିହୁଦୀ ହୋଇ, ଏବଂ ଏହା ଜାଣି ଯେ ଅଗ୍ନିସ୍ତମ୍ଭ ହିଁ ହେଉଛନ୍ତି ସେହି ପ୍ରଭୁ ଯିଏକି ଇସ୍ରାଏଲର ସନ୍ତାନମାନଙ୍କୁ କଢ଼େଇ ନେଇଥିଲେ, କାରଣ ସେ ଜାଣିଥିଲେ ଯେ ଏହା ହିଁ ତାହା ଅଟେ।

73 ମନେରଖନ୍ତୁ, ଏହି ଏବ୍ରୀ ଜଣକ କଦାପି କାହାରିକୁ "ପ୍ରଭୁ," ଅର୍ଥାତ୍ ସ-ଦା-ପ୍ର-ଭୁ, ଏଲୋହିମ୍ କହି ଡାକି ନ ଥାନ୍ତେ, ଯେପର୍ଯ୍ୟନ୍ତକି ସେ ସନ୍ତୁଷ୍ଟ ହୋଇ ନ ଥିଲେ ଯେ ଏହା ହିଁ ତାହା ଥିଲା, କାରଣ ସେ ତାଲିମପ୍ରାପ୍ତ ପଣ୍ଡିତ ଥିଲେ। ଏବଂ ଯେତେବେଳେ ସେ ଉପରକୁ ଚାହିଁ ଦେଖିଲେ, ଆଉ ସେ ଏହାକୁ ଦେଖିଲେ, ଏକ ଆଲୋକକୁ, ଏକ ଅଗ୍ନିସ୍ତମ୍ଭକୁ ଯାହାକି ତାହାଙ୍କର ଲୋକମାନଙ୍କୁ ପ୍ରାନ୍ତର ଦେଇ କଢାଇ ନେଇଥିଲା, ଆଉ ସେ କହିଲେ, "ପ୍ରଭୁ," ଏଲୋହିମ୍, ବଡ ଅକ୍ଷରରେ L-o-r-..."ସଦାପ୍ରଭୁ, ତୁମେ କିଏ?"

74 ଏବଂ ଏହି ଧର୍ମଶାସ୍ତ୍ରଜ୍ଞ ପାଇଁ ଏହା ନିଶ୍ଚିତ ଭାବରେ କେତେ ବିସ୍ମୟର ବିଷୟ ହୋଇଥିବ, ଏହା କହୁଥିବାର ଶୁଣିବା ଯେ, "ଆମ୍ଭେ ଯୀଶୁ," ସେହି ଜଣକ ଯାହାର ସେ ଏତେ ବିରୁଦ୍ଧରେ ଥିଲେ। କିପ୍ରକାର ଏକ—କିପ୍ରକାର ଏକ ବୁଲିପଡିବା ଅଟେ! ଓଃ! ଓଃ! ଏହି ବ୍ୟକ୍ତିଙ୍କ ପାଇଁ ଏହା ନିଶ୍ଚୟ କିଛି ଗୋଟାଏ ଭୟଙ୍କର ବିଷୟ ହୋଇଥିବ, ଯେ ତାଙ୍କର ସମସ୍ତ ଆକାଂକ୍ଷାମାନ

ଯାହାକି ତାଙ୍କର ରହିଥିଲା, ହଠାତ୍, ଏହା ଜାଣିବାକୁ ପାଇବା, ଯେ ସେ ତାହାଙ୍କୁ ନିର୍ଯ୍ୟାତିତ କରୁଥିଲେ । ତାଙ୍କର ଆକାଂକ୍ଷାମାନ ତାଙ୍କୁ ସେହି ମୁଖ୍ୟ ବିଷୟଠାରୁ—ଠାରୁ ଅତି ଦୂରକୁ ଠେଲି ଦେଇଥିଲା ଯାହା ସେ କରିବାକୁ ଚାହୁଁଥିଲେ । ଏବଂ ଏହି ପ୍ରେରିତଙ୍କ ପାଇଁ, ଏହା କେତେ ବଡ ଏକ—ଏକ ଧକ୍କାର ବିଷୟ ହୋଇଥିବ, ଯେତେବେଳେ ସେ କହିଥିଲେ, "ଆମ୍ଭେ ଯୀଶୁ," ସେହି ଜଣକ ଯାହାକୁ ସେ ତାଡ଼ନା କରୁଥିଲେ । "ତୁମ୍ଭେ ମୋତେ କାହିଁକି ତାଡ଼ନା କରୁଅଛ?"

75 ଅନ୍ୟ ଏକ ଛୋଟ ଉଦ୍ଧୃତ ଆମେ ଏଠାରେ ରଖିପାରିବା । ଆପଣ ଦେଖନ୍ତୁ, ଯେତେବେଳେ ସେମାନେ ମଣ୍ଡଳୀକୁ ପରିହାସ କରନ୍ତି, ସେମାନେ ପ୍ରକୃତରେ ମଣ୍ଡଳୀକୁ ପରିହାସ କରୁ ନାହାଁନ୍ତି, ସେମାନେ ଯୀଶୁଙ୍କୁ ପରିହାସ କରୁଅଛନ୍ତି । "ତୁମ୍ଭେ ମୋତେ କାହିଁକି ତାଡ଼ନା କରୁଛ?" ସେତେବେଳେ ପାଉଲ କିପରି, ନିଜର ସମସ୍ତ ବୁଦ୍ଧିଜ୍ଞାନ ସହିତ, ବିଶ୍ୱାସ କରିପାରିଲେ ଯେ ଏହା…ଯେ ଏହି ଗୋଷ୍ଠୀ ଯାହାକୁ ସେ ନିର୍ଯାତନା ଦେଉଥିଲେ ଏହାହିଁ ସେହି ପରମେଶ୍ୱର ଅଟନ୍ତି ଯାହାଙ୍କର ସେବା ସେ କରୁଛନ୍ତି ବୋଲି ଦାବି କରୁଥିଲେ? ମୁଁ ଭାବୁଛି ତାହା, ସବିଶେଷ ତଥ୍ୟକୁ ନ ଯାଇ, ମୁଁ ଭାବୁଛି ଯେ ମୁଁ ଏଠାରେ କ'ଣ କହିବାକୁ ଚାହେଁ ତାହା ଜାଣିବା ପାଇଁ ଆମେ ସମସ୍ତେ ଭଲ ଭାବରେ ତାଲିମପ୍ରାପ୍ତ । ଆଜି ସେହି ସମାନ ଘଟଣା ଘଟୁଅଛି ।

76 ଅଜ୍ଞାନତା ହେତୁ, ପାଉଲ, ତଥାପି ବୁଦ୍ଧିମାନ ଏବଂ ଚତୁର ଥିଲେ, ସେହି ଅଶିକ୍ଷିତ ଗାଲିଲୀୟମାନଙ୍କ ଅପେକ୍ଷା ସେ ଅଧିକ ଚତୁର ଥିଲେ ଯେଉଁମାନଙ୍କୁ ସେ ତାଡ଼ନା କରୁଥିଲେ, ଯେଉଁମାନେକି ସେମାନଙ୍କର ନମ୍ରତାରେ ଏହି ବ୍ୟକ୍ତି ଯୀଶୁଙ୍କୁ ପ୍ରଭୁ ଭାବରେ ଗ୍ରହଣ କରିସାରିଥିଲେ । କିନ୍ତୁ, ପାଉଲ, ତାଙ୍କର ମହାନ ଶିକ୍ଷା ଏବଂ ତାଙ୍କ ବୁଦ୍ଧିଶକ୍ତିରେ, ତାହା ଗ୍ରହଣ କରିପାରି ନ ଥଲେ । ଏବଂ ଏହି ମାର୍ଗରେ, ଏହା ତାଙ୍କ ପାଇଁ କିପ୍ରକାର ଏକ ପରିବର୍ତ୍ତନ ହୋଇଥିବ । ଏବଂ ସେ ଅନ୍ଧ କରାଯାଇଥିଲେ, ଯେପରିକି ସେ ତାଙ୍କ ପ୍ରତି ନ୍ୟସ୍ତ ପ୍ରତ୍ୟାଦେଶକୁ କାର୍ଯ୍ୟକାରୀ ନ କରନ୍ତି, କିନ୍ତୁ ସଳଖ ନାମକ ଏକ ମାର୍ଗରେ, ଏକ ସ୍ଥାନକୁ ଜଣକର ଗୃହକୁ ନିଆଗଲେ…

77 ଏବଂ ତା'ପରେ ହନନିୟ ନାମରେ, ଭବିଷ୍ୟଦ୍‌ବକ୍ତା ସେଠାରେ ତଳକୁ ଆସିଲେ, ଯିଏକି ଏକ ଦର୍ଶନରେ ଦେଖିଲେ, ଯେ ସେ ତଳକୁ ଆସୁଅଛନ୍ତି, ଦେଖିଲେ ଯେ ପାଉଲ କେଉଁଠାରେ ଅଛନ୍ତି, ସେ ଯେଉଁଠାରେ ଅଛନ୍ତି ସେଠାକୁ ତଳକୁ ଗଲେ, ଏବଂ ଭିତରକୁ ପ୍ରବେଶ କଲେ । ଏବଂ କହିଲେ, "ଭାଇ ଶାଉଲ, ସଦାପ୍ରଭୁ ଯିଏକି ତଳେ ମାର୍ଗରେ ତୁମ ନିକଟରେ ଉଭା ହୋଇଥିଲେ; ମୋତେ ପଠାଇଲେ, ଯେପରିକି ମୁଁ ତୁମ ଉପରେ ମୋର ହାତକୁ ରଖେ, ଏବଂ ତୁମେ ତୁମର ଦୃଷ୍ଟି ପ୍ରାପ୍ତ ହୁଅ ଏବଂ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୁଅ ।"

78 ଦେଖନ୍ତୁ ସେ କେଉଁଠାରେ ଥିଲେ । ପାଉଲଙ୍କ ପାଇଁ ଏହା ନିଶ୍ଚିତରେ କିପ୍ରକାର ଏକ—କିପ୍ରକାର ଏକ ବିଷୟ ହୋଇଥିବ! ବୁଝିଲେ? ଯେସମସ୍ତ ବିଷୟ ସେ କରିବା ପାଇଁ ତାଲିମପ୍ରାପ୍ତ ହୋଇଥିଲେ ଏହା ତାହାର ଓଲଟା ଥିଲା । ତେଣୁ ବର୍ତ୍ତମାନ, ତାଙ୍କର ସେହି

ସମସ୍ତ ଶିକ୍ଷା ସହିତ—ସହିତ ଯାହା ତାଙ୍କ ପାଖରେ ଥିଲା, ଏହା—ଏହା ତାଙ୍କ ପାଇଁ ଶୁନ୍ୟ ହୋଇଗଲା।

79 ବର୍ତ୍ତମାନ, ସେ ଜାଣିଲେ ଯେ ତାଙ୍କର ଏକ ଅଭିଜ୍ଞତା ରହିଛି। ତେଣୁ ଏଠାରେ ଆମ ପାଇଁ ଆଉ ଏକ ଭଲ ଶିକ୍ଷା ଅଛି, ଯେ, କେବଳ ଅଭିଜ୍ଞତା ହିଁ ପର୍ଯ୍ୟାପ୍ତ ନୁହେଁ। ସେହି ଅନୁଭୂତିଟି ପ୍ରଭୁଙ୍କ ବାକ୍ୟ ଅନୁଯାୟୀ ହେବା ଆବଶ୍ୟକ। ତେଣୁ, ସେ ଏହା ଦେଖି, ଏବଂ ଜାଣି ଯେ ଏହା କିଛି ଏକ ମହାନ ବିଷୟ ଥିଲା, ତାହାପରେ, ଯେ ଅନ୍ୟ କେହି ଜଣେ ଏହାକୁ ତାଙ୍କ ଆଗରୁ ଗ୍ରହଣ କରିଥିଲେ, ସେ ଆରବର ସେହି—ସେହି ମରୁଭୂମିରେ ସାଢ଼େ ତିନି ବର୍ଷ କାଳ ବିତାଇ ଥିଲେ; ସେହି—ସେହି ବାଇବଲକୁ, ସେହି ପୁରାତନ ନିୟମକୁ ତାହା ସେତେବେଳେ ଯେପରି ବି ଥିଲା, ନେଇକି ଗଲେ, ଏବଂ ତାଙ୍କ ପାଖରେ ଥିବା ଏହି ଅଭିଜ୍ଞତାକୁ ତୁଳନା କରିବାକୁ—କୁ, ଏବଂ ଏହା ଶାସ୍ତ୍ରସଙ୍ଗତ କି ନାହିଁ ଦେଖିବାକୁ, ସେ ସେଠାରେ ତଳକୁ ଯାଇଥିଲେ।

80 ତେବେ କଅଣ ହୋଇଥାନ୍ତା ଯଦି ସେ କହିଥାନ୍ତେ, "ତେବେ, ମୁଁ ଅନୁମାନ କରୁଛି ଯେ ତାହା ଏକ ଛୋଟ ଝଟକା ଥିଲା," ଏବଂ ଚାଲି ଯାଇଥାନ୍ତେ? "ମୁଁ—ମୁଁ ମୋର ବୁଦ୍ଧିମତ୍ତାକୁ ଅନୁସରଣ କରିବାକୁ ଯାଉଛି"?

81 ତେବେ, ତାଙ୍କୁ ତ କୌଣସି ବିଷୟରେ ବନ୍ଦୀ, ଜଣେ ବନ୍ଦୀ ହେବାକୁ ପଡିଥିଲା। ତେଣୁ ଏହାକୁ ତୁଳନା କରିବା ପରେ, ଏବଂ ବୁଝିବା ପରେ, ଏଥିରେ କୌଣସି ଆଶ୍ଚର୍ଯ୍ୟ ନୁହେଁ ଯେ ସେ, ଏକ ପ୍ରତିରୂପରେ, ଏବ୍ରୀ ପୁସ୍ତକକୁ ଲେଖିପାରିଥିଲେ। ବୁଝିଲେ? ତଳେ ସେଠାରେ ସାଢ଼େ ତିନି ବର୍ଷ, ବାକ୍ୟରେ ଲାଗିରହିଲେ, ଏବଂ ଜାଣିବାକୁ ପାଇଲେ ଯେ ତାଙ୍କୁ ଡାକିଥିବା ଠିକ ସେହି ପରମେଶ୍ବର ତାଙ୍କୁ ଫେରାଇ ନେଉଅଛନ୍ତି, ଏବଂ ତାଙ୍କର ସମସ୍ତ ବୁଦ୍ଧିମତ୍ତାକୁ ପରିବର୍ତ୍ତନ କରୁଅଛନ୍ତି, ସେ ଯାହାକିଛି ଚିନ୍ତା କରିଥିଲେ, ସମସ୍ତ କିଛି ଯାହା ହେବା ପାଇଁ ସେ ତାଲିମ ପାଇଥିଲେ, ସେସମସ୍ତ କିଛିକୁ ପରିବର୍ତ୍ତନ କରୁଅଛନ୍ତି। ତାଙ୍କର ସମସ୍ତ କିଛି ଅଭିଳାଷକୁ, ଏହା ତାଙ୍କଠାରୁ କେବଳ ପୋଛି ନେଇଗଲା, ଏବଂ ସେ ଜଣେ ବନ୍ଦୀ ହୋଇଗଲେ। ପରମେଶ୍ବରଙ୍କ ପ୍ରେମ ଏତେ ଜବରଦସ୍ତ ଥିଲା, ଏବଂ ଏପରି ଏକ—ଏକ ପ୍ରକାଶନ ଥିଲା, ଯେ ସେ ଏଥିରୁ ଦୂରେଇ ଯାଇପାରିଲେ ନାହିଁ।

82 ପରମେଶ୍ବରଙ୍କୁ ଭେଟିଥିବା ପ୍ରତ୍ୟେକ ବାସ୍ତବିକ ବିଶ୍ବାସୀଙ୍କ ପାଇଁ ତାହା ହିଁ ପ୍ରକୃତ ଅନୁଭୂତି ଅଟେ। ଆପଣ—ଆପଣ ଏପରି କିଛି ବିଷୟ ସହିତ ସମ୍ପର୍କରେ ଆସନ୍ତି ଯାହାକି ଏତେ ମହାନ ଅଟେ, ଯେ ଆପଣ...ଯେ—ଯେ ଆପଣ ଅନ୍ୟ ସମସ୍ତ ବିଷୟ ପାଇଁ, ଜଣେ—ଜଣେ ବନ୍ଦୀ ହୋଇଯାଆନ୍ତି। ବୁଝିଲେ? ଆପଣ—ଆପଣ ଏହା ସହିତ ନିଜକୁ ବନ୍ଦୀ କରିବା ପାଇଁ, ସବୁକିଛି ବିଷୟଠାରୁ ଦୂରେଇ ଯାଆନ୍ତି।

83 ଏହା ଥରେ ବ୍ୟକ୍ତ କରା ଯାଇଥିଲା ଯେଉଁଠାରେକି ଯୀଶୁ କହିଥିଲେ, "ସ୍ୱର୍ଗରାଜ୍ୟ ମୁକ୍ତା କିଣୁଥିବା ଜଣେ ବ୍ୟକ୍ତିଙ୍କ ପରି କିଛି ଅଟେ। ତା'ପରେ ଯେତେବେଳେ ସେ ସେହି ମହାନ

ମୁକ୍ତାଟିକୁ ପାଆନ୍ତି, ସେତେବେଳେ ତାକୁ ପ୍ରାପ୍ତ କରିବା ପାଇଁ ତାଙ୍କ ପାଖରେ ଥିବା ସମସ୍ତ କିଛିକୁ ବିକ୍ରି କରି ଦିଅନ୍ତି।"

84 ଏବଂ ଠିକ ସେହି ପ୍ରକାରେ ଏଠାରେ ତାହା ଅଟେ। ଆପଣଙ୍କ—ଆପଣଙ୍କ ପାଖରେ ଏକ ବୌଦ୍ଧିକ ଧାରଣା ରହିଛି, ଆପଣଙ୍କ ପାଖରେ ଏକ—ଏକ—ଏକ—ଏକ ଧର୍ମଶାସ୍ତ୍ର ସମ୍ବନ୍ଧୀୟ ଅଭିଜ୍ଞତା ରହିଛି; ମାତ୍ର ଯେତେବେଳେ ଏହା ଏପରି ଏକ ସମୟ ଆସେ ଯେ ଆପଣ—ଆପଣ—ଆପଣ ପ୍ରକୃତରେ ସେହି ବାସ୍ତବ ବିଷୟ ଖୋଜି ପାଇଥାଆନ୍ତି, ସେତେବେଳେ ଆପଣ—ଆପଣ ମାତ୍ର ଅନ୍ୟସବୁ ବିଷୟକୁ ବିକ୍ରୟ କରିଦିଅନ୍ତି, ଏବଂ ଆପଣ ନିଜକୁ ଏହା ସହିତ ଯୋଡ଼ି ନିଅନ୍ତି।

85 ପାଉଲ ଜାଣିଥିଲେ ଯେ ଏହା କଅଣ ଥିଲା। ସେ—ସେ ଜାଣିବାକୁ ପାଇଲେ ଯେ ତାଙ୍କୁ କିଛି ବିଷୟ ସହିତ ଯୋଚା ଯାଇଥିଲା। ଯେପରିକି ଆମେ ଏକ—ଏକ—ଏକ ଘୋଡାକୁ ଏକ ବନ୍ଧନରେ ଯୋଚି ଦେଇଥାଉ, ଏହା—ଏହା କୌଣସି ବିଷୟକୁ ଟାଣିବା ପାଇଁ ଥାଏ। ଏବଂ ପାଉଲ ଜାଣିଥିଲେ, ଏହି ଅଭିଜ୍ଞତା ପରେ, ଏବଂ ବାଇବଲ ସହିତରେ, ତାଙ୍କର ପାଖରେ ଥିବା ସାଢ଼େ ତିନି ବର୍ଷର ସେହି—ସେହି ଅନୁଭୂତିକୁ ଲିପିବଦ୍ଧ କରିବା ପରେ, ସେ ହୃଦୟଙ୍ଗମ କଲେ ଯେ ପରମେଶ୍ୱର ତାଙ୍କୁ ମନୋନୀତ କରିଅଛନ୍ତି ଏବଂ ତାଙ୍କୁ ପବିତ୍ରଆତ୍ମାଙ୍କ ଦ୍ୱାରା ଯୋଚା ଯାଇଅଛନ୍ତି, ଯେପରିକି ତାଙ୍କ ପାଖରେ ଥିବା ଅଭିଜ୍ଞତା ଦ୍ୱାରା, ସେ ଅଣଯିହୂଦୀମାନଙ୍କ ନିକଟରେ ସୁସମାଚାରକୁ ପହଞ୍ଚାନ୍ତି। ସେହି ଆତ୍ମା, ନିଜେ, ତାଙ୍କୁ ଯୋଚିଥିଲେ।

86 ଏବଂ, ଆଜି, ଖ୍ରୀଷ୍ଟଙ୍କ ସେବକ ଭାବରେ, ଆମେ ଯୋଚା ଯାଇଅଛୁ, ଖୁଣ୍ଟିରେ ବନ୍ଧା ଯାଇଅଛୁ। ଆମେ ଯାଇପାରିବା ନାହିଁ। ଆମେ ଏହା ସହିତ ଭିତରେ ଲାଗି ରହିଛୁ, ବାକ୍ୟ ପ୍ରତି ଯୋଚା ଯାଇଅଛୁ। ଏଥିରେ କିଛି ଯାଏଆସେ ନାହିଁ ଯେ ଅନ୍ୟକେହି କଅଣ କୁହନ୍ତି, ଆପଣ ତ ଏହା ସହିତ ଯୋଚା ଯାଇଅଛନ୍ତି। ଏହା ବିଷୟରେ କିଛି ଗୋଟାଏ ଅଛି, ଯେ ଆପଣ ଏଥିରୁ ଦୂରେଇ ଯାଇପାରନ୍ତି ନାହିଁ। ପବିତ୍ରଆତ୍ମାଙ୍କ ଦ୍ୱାରା, ଆପଣ ଏହା ସହିତ ଯୁଆଳିରେ ଯୋଚା ହୋଇଛନ୍ତି, ଆପଣଙ୍କୁ ବାକ୍ୟର ଯୁଆଳିରେ ଯୋଚି ଦେଇଅଛନ୍ତି। ଆଉ ଅନ୍ୟକେହି କଅଣ କୁହନ୍ତି ଏଥିରେ କିଛି ଯାଏଆସେ ନାହିଁ, ଏହା ତ ସେହି ବାକ୍ୟ ଅଟେ, ତାହା ସର୍ବଦାହିଁ ଅଟେ। ଆତ୍ମାଙ୍କ ଦ୍ୱାରା, ବାକ୍ୟ ପ୍ରତି, ଏହା ସହିତରେ ଯୋଚି ଦିଆଯାଇଥିଲେ, ଏହା ସହିତ ଯୁଆଳିରେ ରଖାଯାଇଥିଲେ, ସେ ଯୋଚି ଦିଆଯାଇଥିଲେ।

87 ସେ ସେଠାରେ ଆରବୀୟ ମରୁଭୂମିର ସେହି—ସେହି ପଛପଟରେ ଶିକ୍ଷାଲାଭ କରିଥିଲେ, ଯେତେବେଳେ, ତାଙ୍କର ସମସ୍ତ ପୂର୍ବ ବିଷୟଗୁଡିକ, ଏବଂ ଅଭିଜ୍ଞତାଗୁଡିକ, ଏବଂ ଉଚ୍ଚାଭିଳାଷ, ଯେ, ତାଙ୍କୁ ସେହି ବିଷୟବସ୍ତୁଠାରୁ ଶୁନ୍ୟ କରି ଦିଆଯାଇଥିଲା।

88 ତେବେ, ସେହିଠାରେ ଆମେ, ଆଜି ପାଇଥାଉ, ଯେ ପ୍ରଥମେ, ଆମକୁ ବିଷୟଶୁନ୍ୟ ହେବା ଆବଶ୍ୟକ ଅଟେ। ଏବଂ ଲୋକମାନେ ବିଷୟଶୁନ୍ୟ ହେବାକୁ ଚାହାଁନ୍ତି ନାହିଁ। ମେଥୋଡିଷ୍ଟ ଭାଇ ତାଙ୍କର ମେଥୋଡିଷ୍ଟ ଶିକ୍ଷାଦାନର ଟିକିଏ କିଛିକୁ ଧରି ରଖିବାକୁ ଚାହାଁନ୍ତି।

ଉ-ହୁଁ। ବାପଟିଷ୍ଟ ଭାଇ ତାଙ୍କର ବାପ୍ଟିଷ୍ଟ ଶିକ୍ଷାର ଟିକିଏ କିଛିକୁ ଧରି ରଖିବାକୁ ଚାହାଁନ୍ତି। ବୁଝିଲେ? କିନ୍ତୁ ଆପଣଙ୍କୁ ତ ସବୁକିଛିରୁ ସମ୍ପୂର୍ଣ୍ଣରୂପେ ବିଷୟଶୂନ୍ୟ ହେବାକୁ ଅଛି, ଏବଂ ନୂତନ ଭାବରେ, କେବଳ ପୁନର୍ବାର ଜନ୍ମ ହେବାକୁ ଅଛି। ଏବଂ ସେଠାରୁ ଆଗକୁ ନେଇଯିବା ପାଇଁ, ପବିତ୍ରଆତ୍ମା ଆଗେଇ ନିଅନ୍ତୁ। ଆପଣ କହିପାରନ୍ତି ନାହିଁ, "ଆଚ୍ଛା, ତେବେ, ମୋର—ମୋ ବାପା କହିଥିଲେ, ଯେତେବେଳେ ସେ ଭିତରକୁ ଗଲେ, ମଣ୍ଡଳୀକୁ ଯାଇଥିଲେ, ସେ ପାଳକଙ୍କ ସହିତ ହାତ ମିଳାଇଥିଲେ। ସେ, ସେ ଜଣେ ଭଲ ବିଶ୍ୱସ୍ତ ସଦସ୍ୟ ଅଟନ୍ତି।" ତାହା ତାଙ୍କ ଜାତି ପାଇଁ ଠିକ୍ ହୋଇଥାଇପାରେ, ମାତ୍ର ଆମେ ତ ଏକ ଅନ୍ୟ ଜାତି ଅଟୁ। ବୁଝିଲେ? ତେବେ ଆମକୁ ଏହି ଦିନ ପାଇଁ ବାଇବଲ ସମୟକୁ ଫେରି ଆସିବା ଆବଶ୍ୟକ ଅଟେ।

89 ଯାଜକମାନେ ମଧ୍ୟ, ଯୋଚା ଯାଇଥିଲେ। କିନ୍ତୁ, ଆପଣ ଦେଖନ୍ତୁ, ସେମାନେ ଅନ୍ୟ ଏକ ଧର୍ମବ୍ୟବସ୍ଥାକୁ ଆସିଥିଲେ, ଏବଂ ସେମାନେ—ସେମାନେ ସେମାନଙ୍କର ପୁରୁଣା ଯୋଚା ଯାଇଥିବା ସାଜସଜ୍ଜାରୂପ ବନ୍ଧନଠାରୁ ଛଡ଼ା ହୋଇ ଏକ ନୂତନ ସାଜସଜ୍ଜା ରୂପ ବନ୍ଧନ ପିନ୍ଧିବାରେ ବିଫଳ ହୋଇଥିଲେ।

90 ଏବଂ ଆଜି ମଧ୍ୟ ଆମେ ସେହି ସମାନ ବିଷୟକୁ ପାଇଥାଉ। ଆମେ ଏକ ଧାର୍ମିକ ସମ୍ପ୍ରଦାୟ ଯୁଗ ଦେଇ ଆସିଛୁ, ଯେପରିକି ଆମେ ତାହାକୁ ମଣ୍ଡଳୀ ଯୁଗମାନ, ବାଇବଲ, ଇତ୍ୟାଦି ମାଧ୍ୟମରେ ପ୍ରମାଣ କରିଥିଲୁ, କିନ୍ତୁ ଆମେ ବର୍ତ୍ତମାନ ଏକ ସ୍ୱାଧୀନ ଯୁଗକୁ ଆସିଅଛୁ, ଯେଉଁ ଯୁଗରେକି ପବିତ୍ରଆତ୍ମା ନିଜେ ଓହ୍ଲାଇ ଆସି ଆପଣାକୁ ପ୍ରମାଣ କରନ୍ତି, ଏବଂ ନିଜକୁ ପରିଚିତ କରାନ୍ତି, ପ୍ରତିଜ୍ଞା କରିଥିବା ପ୍ରତ୍ୟେକ ପ୍ରତିଜ୍ଞାକୁ, ପୂରଣ କରନ୍ତି। ଓଃ, ମୋର ପ୍ରଭୁ! କେଡେ ମହାନ ସମୟଟିଏ!

91 ଏବଂ ସେ ଜାଣିଥିଲେ ଯେ, ଅନ୍ୟ ଏକ ବିଷୟ, ସେ ଜାଣିଥିଲେ ଯେ ସେ ବିଭିନ୍ନ ସ୍ଥାନମାନକୁ ଯାଇପାରିବେ ନାହିଁ, ଯେ, ସେ ଏଥିସହିତ ଯୋଚା ଯାଇଥିବାରୁ, ଏହା କରିପାରିବେ ନାହିଁ…ଯାହା ସେ କରିଥିଲେ, କିନ୍ତୁ ତଥାପି ସେ ଯିବାକୁ ଚାହୁଁଥିଲେ। ସେ ଜାଣିଥିଲେ ଯେ ତାଙ୍କର ଲକ୍ଷ୍ୟ ତାଙ୍କୁ ଭାଇମାନଙ୍କ ମଧ୍ୟରେ ଆକର୍ଷିତ କରିଥିଲା ଯେଉଁଠାରେ ସେ ଆସିବାକୁ ନିମନ୍ତ୍ରଣ ପାଇଥିଲେ, ଏବଂ ତଥାପି ସେ ଅନ୍ୟକିଛି କରିବା ପାଇଁ ଆତ୍ମାରେ ଚାପ ପାଇଥିଲେ। ସେ ତାଙ୍କର ନିଜର ନ ଥିଲେ।

92 ବୋଧହୁଏ କେହି କହିପାରନ୍ତି, "ଭାଇ ଶାଉଲ, ଭାଇ ପାଉଲ, ଆମେ ଚାହୁଁ ଯେ ଆପଣ ଏଠାକୁ ଆସନ୍ତୁ, କାରଣ ଆମ ପାଖରେ ସବୁଠୁ ବଡ ଗୀର୍ଜାଘର ଅଛି। ଆମେ ପାଖରେ ସବୁଠାରୁ ବଡ ମଣ୍ଡଳୀ ରହିଛି। ଆପଣଙ୍କ ନିମିତ୍ତରେ ଦାନ ବହୁତ ବଡ ଆକାରରେ ହେବ, ଏବଂ ଇତ୍ୟାଦି।"

93 କିନ୍ତୁ ଆତ୍ମାରେ ଚାପି ହୋଇ, ସେ ଭାବିଲେ, "ମୋର ସେଠାରେ ଜଣେ ଭାଇ ଅଛି। ମୁଁ ଯାଇ ଏହି ଭାଇକୁ ବଞ୍ଚାଇବାକୁ ଚାହିଁବି, ତାକୁ ପ୍ରଭୁଙ୍କ ନିକଟକୁ ଆଣିବାକୁ ଚାହିଁବି।"

କିନ୍ତୁ, ତଥାପି, ଆତ୍ମା ତାଙ୍କୁ ଅନ୍ୟତ୍ର ଯିବା ପାଇଁ ଚାପ ପକାଇଲେ । ସେ ଜଣେ ବନ୍ଦୀ ଥିଲେ । ସଠିକ୍ ଭାବରେ ।

94 ହେ ପରମେଶ୍ୱର, ଆମର ସ୍ୱାର୍ଥପର ଅଭିଳାଷରୁ, ଆମକୁ ସେହି ଭଳି ବନ୍ଦୀ କର, ଏବଂ ଆମର ନିଜ ବିଚାରରୁ ଏବଂ ଆମର ଉତ୍ତମ ଚିନ୍ତାଧାରାରୁ, ଯେପରିକି ଯୀଶୁ ଖ୍ରୀଷ୍ଟଙ୍କର ଏକ ବନ୍ଦୀ ହେଉ । ମୁଁ ଭାବୁଛି ଯେ ତାହା ଏକ ମହାନ ବକ୍ତବ୍ୟ ଥିଲା, ଯେ, "ମୁଁ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଜଣେ ବନ୍ଦୀ ଅଟେ ।"

95 ଏବଂ ମନେରଖନ୍ତୁ, ସେ ହେଉଛନ୍ତି ସେହି ବାକ୍ୟ । ବୁଝିଲେ? ଅନ୍ୟ କେହି ଯାହାକିଛି ଭାବନ୍ତୁ ନା କାହିଁକି, ଏହା ସେହି ବାକ୍ୟ ହିଁ ଅଟେ । ବୁଝିଲେ? ଯଦି ଆପଣ ବାକ୍ୟର ଜଣେ କଏଦୀ ଅଟନ୍ତି, ତେବେ କୌଣସି ସମ୍ପ୍ରଦାୟ ଆପଣଙ୍କୁ ଏଥିରୁ ଦୂରେଇ କରିପାରିବ ନାହିଁ । ଏହା—ଏହା ହେଉଛି ସେହି ବାକ୍ୟ । ଆପଣ କେବଳ...ଆପଣ ଏହା ପାଇଁ ଜଣେ ବନ୍ଦୀ ଅଟନ୍ତି, ତାହାହିଁ ସବୁକିଛି ଅଟେ । ଆପଣଙ୍କୁ ନିଶ୍ଚିତରେ ସେହିପରି ଭାବରେ କାର୍ଯ୍ୟ କରିବାକୁ ଅଛି ଯେପରିକି ଏହା କରିଥାଏ ।

96 ତେବେ, ସେ ଇଚ୍ଛା କରୁଥିବା କେତେକ ନିଶ୍ଚିତ ସ୍ଥାନକୁ ଯାଇପାରି ନ ଥିଲେ, କାରଣ (କାହିଁକି?) ଆତ୍ମା ତାଙ୍କୁ ବାରଣ କରିଥିଲେ । ଆପଣଙ୍କର ମନେ ଅଛି, ଅନେକ ଥର, ଯେ ପାଉଲ କିଛି ସ୍ଥାନକୁ ଯିବାକୁ ଚେଷ୍ଟା କରୁଥିଲେ, ଏହା ଚିନ୍ତାକରି, "ସେଠାରେ ମୋର ଏକ ମହାନ ସଭା ହୋଇପାରିବ," ମାତ୍ର ଆତ୍ମା ତାଙ୍କୁ ବାରଣ କରିଥାନ୍ତି । ତେବେ, କଅଣ ଏହା ସ୍ପଷ୍ଟ ଭାବରେ ଦର୍ଶାଏ ଏବଂ ପ୍ରମାଣ କରେ ଯେ ପାଉଲ ଜଣେ ବନ୍ଦୀ ଥିଲେ? ଆତ୍ମାଙ୍କ ଦ୍ୱାରା, ତାହାଙ୍କ ବାକ୍ୟ ପ୍ରତି ବନ୍ଦିତ, ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଜଣେ ବନ୍ଦୀ! ଓଃ! ମୁଁ ତାହା ଭଲ ପାଏ । ଉ-ହୁଁ ।

97 ସେ ବନ୍ଧିତ ଥିଲେ । ସେ ଏକ ଶିକୁଳିରେ ବନ୍ଧା ଯାଇଥିଲେ, ଏବଂ ପ୍ରେମର ବେଡିରେ ବନ୍ଧା ହୋଇଥିଲେ, ଯେପରିକି ସେ ପରମେଶ୍ୱରଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରନ୍ତି, ଏବଂ କେବଳ ତାହା ହିଁ କରନ୍ତି । ସେ ଜଣେ ବନ୍ଦୀ ଥିଲେ । ସେ ପ୍ରେମର ବେଡିରେ ବାନ୍ଧି ହୋଇଥିଲେ । ସେ ଖ୍ରୀଷ୍ଟଙ୍କ ସହିତ ଯୁଆଳିରେ ଥିଲେ । ସେ ଅନ୍ୟ କୌଣସି ବିଷୟ ସହିତ ଯୋଡି ହୋଇ ନ ପାରନ୍ତି । ସେ ତାହାଙ୍କ ସହିତ ଯୁଆଳିରେ ବନ୍ଧା ହୋଇଥିଲେ । ଏବଂ ଯେଉଁଆଡକୁ ମୁଖ୍ୟ ଯାଆନ୍ତି, ସେଇଠି ତାଙ୍କୁ ଯିବାକୁ ପଡିଥାଏ । ଚାରଣଭୂମି ଯେତେ ସବୁଜ ହେଉନା କାହିଁକି, ଏହି ପାର୍ଶ୍ୱରେ କିମ୍ବା ସେହି ପାର୍ଶ୍ୱରେ, ତାଙ୍କୁ ସେହି ନେତା ଏବଂ ସେହି ଯୁଆଳି ଯେଉଁଆଡକୁ ଯାଆନ୍ତି ସେହି ବାଟରେ ଯିବାକୁ ପଡିଥାଏ ।

98 ଓଃ, ଆଜି ରାତିରେ, ଯଦି ଆମେ, ବ୍ରାନହାମ୍ ଟାବର୍ନକଲ୍ ଭାବରେ, କେବଳ ବନ୍ଦୀ ହୋଇପାରନ୍ତେ; ଆମର ନିଜର ସ୍ୱାର୍ଥପର ବିଷୟ ପ୍ରତି, ଆମର ନିଜର ଅଭିଳାଷ ପ୍ରତି, ଯେପରିକି ଆମେ ନିଜକୁ ସମ୍ପୂର୍ଣ୍ଣରୂପେ ସମର୍ପଣ କରିପାରନ୍ତୁ ଏବଂ ତାଙ୍କ ସହିତ ଯୋଡି ହୋଇପାରନ୍ତୁ । ଅବଶିଷ୍ଟ ଜଗତ କ'ଣ ଚିନ୍ତା କରେ, ବାକି ଦୁନିଆ କ'ଣ କରେ ସେଥିରେ କିଛି ଯାଏ ଆସେ ନାହିଁ, ଆମେ ତ ପ୍ରେମର ବେଡିରେ ବାନ୍ଧି ହୋଇଅଛୁ, ଆମେମାନେ ବନ୍ଦୀ ଅଟୁ ।

"ଖ୍ରୀଷ୍ଟଙ୍କ ସହିତ ମୋର ପାଦ ଏତେ ଯୋଡ଼ି ହୋଇଅଛି, ଏହା ନୃତ୍ୟ କରିବ ନାହିଁ । ଖ୍ରୀଷ୍ଟଙ୍କ ପ୍ରତି ମୋର ଆଖି ଏମିତି ଅଧିକ ଯୋଡି ହୋଇଅଛି, ଏପରିକି ମୁଁ, ଯେତେବେଳେ ମୁଁ ରାସ୍ତାରେ ଏହି ଆଧୁନିକ ବସ୍ତ୍ରହୀନମାନଙ୍କୁ ଦେଖେ, ଏହା ମୋ ମୁଣ୍ଡକୁ ବୁଲାଇ ଦିଏ । ମୋର—ମୋର ହୃଦୟ ତାଙ୍କ ପ୍ରତି ପ୍ରେମରେ ଏମନ୍ତ ଯୋଡି ହୋଇଅଛି, ଯେ ମୁଁ ଆଉ ଅଧିକ, ଏହି ଜଗତକୁ ଆଦୌ ଭଲ ପାଇପାରେ ନାହିଁ । ମୋର ଇଚ୍ଛା ତାଙ୍କ ପ୍ରତି ଏମିତି ଜଡିତ, ଯେ ଏପରିକି ମୁଁ ଜାଣେ ନାହିଁ ମୋର ଅଭିଳାଷଗୁଡିକ କଅଣ ଅଟେ । କେବଳ, 'ପ୍ରଭୁ, ତୁମେ ଯେଉଁଠାକୁ ନେଇଯିବ, ମୁଁ ଅନୁସରଣ କରିବି ।' 'ମୁଁ ଜଣେ ବନ୍ଦୀ ହେବି ।" ବୁଝିଲେ?

99 ପାଉଲ ସଠିକ୍ ଭାବରେ ଜଣେ ବନ୍ଦୀ ଥିଲେ । ସେ କୌଣସି ଭୁଲ ବିବୃତ୍ତି କରୁ ନ ଥିଲେ । ବାକ୍ୟ ଉପରେ ପୁନର୍ବାର, ଅପେକ୍ଷା କରିବାକୁ, ସେ ପବିତ୍ରଆତ୍ମାଙ୍କ ଦ୍ୱାରା ତାଲିମ ପ୍ରାପ୍ତ ହୋଇଥିଲେ । ତେବେ, ସେ ଗୋଟିଏ ଉପାୟରେ ତାଲିମପ୍ରାପ୍ତ ହୋଇଥିଲେ, କିନ୍ତୁ—କିନ୍ତୁ ପରମେଶ୍ୱର ବର୍ତ୍ତମାନ ତାଙ୍କୁ ଅନ୍ୟ ଏକ ଉପାୟରେ ତାଲିମ ଦେଇଥିଲେ । ସେ ପବିତ୍ରଆତ୍ମାଙ୍କ ଦ୍ୱାରା ପ୍ରଭୁଙ୍କଠାରେ ଅପେକ୍ଷା କରିବାକୁ ତାଲିମପ୍ରାପ୍ତ ହୋଇଥିଲେ, ଏଥିରେ କିଛି ଯାଏ ଆସେ ନାହିଁ ଯେ ତାଙ୍କର ଅଭିଳାଷ କଅଣ ଥିଲା ।

100 ତେବେ ମୁଁ, ପବିତ୍ରଆତ୍ମାଙ୍କ ସାହାଯ୍ୟରେ, ଆପଣଙ୍କୁ କିଛି ଦେଖାଇବାକୁ ଯାଉଅଛି । ବୁଝିଲେ? ତେବେ ଆସନ୍ତୁ ଏକ ଉଦାହରଣକୁ ନେବା ।

101 ଦିନେ, ପାଉଲ ଏବଂ ଶୀଲା, ଏକ ନିର୍ଦ୍ଦିଷ୍ଟ ସହରର ରାସ୍ତାରେ ଚାଲିକରି ଆସୁଥିଲେ ଯେଉଁଠାରେକି ସେମାନେ ଏକ ଉଦ୍ଦୀପନା ସଭା କରୁଥିଲେ । ଆଉ ଏକ ଛୋଟ, ଭୂତ-ଗ୍ରସ୍ତ ଝିଅ ଚିତ୍କାର କରି କରି, ତାଙ୍କ ପଛରେ ନିରନ୍ତର ଆସୁଥିଲା । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ମାତ୍ର ପାଉଲ ଏହା ଜାଣିଥିଲେ ଯେ, ସେହି ସ୍ତ୍ରୀଲୋକଠାରୁ ସେହି ମନ୍ଦ ଆତ୍ମାକୁ ଭର୍ତ୍ସନା କରିବାକୁ, ଜଣେ ପ୍ରେରିତ ଭାବରେ ତାଙ୍କର ଅଧିକାର ଅଛି । କିନ୍ତୁ କଅଣ ଆପଣ ଧ୍ୟାନ ଦେଲେ କି? ସେ ଦିନ ପରେ ଦିନ, ଅପେକ୍ଷା କଲେ, ଯେପର୍ଯ୍ୟନ୍ତକି, ହଠାତ୍, ପବିତ୍ରଆତ୍ମା ତାଙ୍କ ସହ କଥାହୋଇ, ଏହା ନ କହିଲେ, "ଏହା ହେଉଛି ସେହି ସମୟ ।"

102 ତା'ପରେ ସେ କହିଲେ, "ହେ ଆତ୍ମା, ତା' ଭିତରୁ ବାହାରି ଆ ।" ବୁଝିଲେ? ସେ ପ୍ରଭୁଙ୍କଠାରେ ଅପେକ୍ଷା କରିବାକୁ ଜାଣିଥିଲେ ।

103 ଏବଂ ସେହିଠାରେ ହିଁ ଅଟେ ଯେଉଁଠାରେକି ଆଜି ଅନେକ ଲୋକ ବାକ୍ୟ ଉପରେ ଏକ ନିନ୍ଦାର ଭାବ ଆଣନ୍ତି । ସେମାନେ ଏକ ଉଚ୍ଚାଭିଳାଷ ସହିତ ବାହାରି ଯାଆନ୍ତି । ସେହିପରି ଏକ ବିଷୟ ହେତୁ କେତେ ଗୁଡିଏ ଉଦ୍ଦୀପନା ନିସ୍ତେଜ ହୋଇଯାଇଛି, କାରଣ ପ୍ରଭୁ କ'ଣ କହିବାକୁ ଯାଉଅଛନ୍ତି ସେ ବିଷୟରେ ଜାଣିବାକୁ ସେହି ସୁସମାଚାର ପ୍ରଚାରକ ଅପେକ୍ଷା କରନ୍ତି ନାହିଁ! ସେମାନଙ୍କ ମଧ୍ୟରୁ କେତେକ କୁହନ୍ତି, "ଏଠାକୁ ଆସ," ଏବଂ ସେମାନେ—ସେମାନେ ଠିକ ବର୍ତ୍ତମାନ ହିଁ ଚାଲି ଯାଆନ୍ତି କାରଣ ସେହି—ସେହି ସଂଗଠନ କହିଲା, "ଯାଅ ।" ଏବଂ ପବିତ୍ରଆତ୍ମା କିଛି ଅଲଗା କୁହନ୍ତି । ତଥାପି, ରାଜ୍ୟର ପ୍ରେସବାଇଟର୍, କିମ୍ବା—

କିମ୍ବା ଅନ୍ୟକେହି ଜଣେ, ହେବା ପାଇଁ ସେହି ବ୍ୟକ୍ତିର ଅଭିଳାଷ, କିମ୍ବା କୌଣସି ପ୍ରାଚୀନ, କିମ୍ବା କୌଣସି ବିଶପ, କିମ୍ବା ଅନ୍ୟ କିଛି ତାଙ୍କୁ ଟାଣିଥାଏ—ଟାଣିଥାଏ, "ତୁମକୁ ନିଶ୍ଚିତ ଯିବା ଉଚିତ୍।" ଏବଂ, ତଥାପି, ସେ ଉତ୍ତମ ଭାବରେ ଜାଣନ୍ତି। ପବିତ୍ରଆତ୍ମା କହୁଛନ୍ତି, "*ଏଠାକୁ* ଯାଅ।" ବୁଝିଲେ? ସେ ତାଙ୍କ ସଂଗଠନ ସହିତ ଜଡ଼ିତ ଥାଆନ୍ତି। ସେ ସେହି ସଂଗଠନର ଜଣେ ବନ୍ଦୀ ଅଟନ୍ତି।

104 କିନ୍ତୁ ଯଦି ସେ ଖ୍ରୀଷ୍ଟଙ୍କ ସହ ଯୋଡି ହୋଇଥାନ୍ତି, ସେ ପବିତ୍ରଆତ୍ମାଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି। ସେ…?…ବୁଝିଲେ? ସେ, ସେ ଜଣେ ବନ୍ଦୀ ରୂପରେ, ଜଡିତ ହୋଇଥାନ୍ତି। ଅନ୍ୟ କିଛି କଅଣ କୁହନ୍ତି ସେଥିରେ କୌଣସି ଫରକ ପଡ଼େ ନାହିଁ; ଏହା ଅଟେ—ଏହା ଗୋଟିଏ—ଏହା ଏକ—ଏକ ଶବ୍ଦକାରକ ପିତ୍ତଳର ଘଣ୍ଟା ଏବଂ ଝମ୍ ଝମ୍ କରୁଥିବା ଏକ କରତାଳ ସ୍ୱରୂପ। ସେ କେବଳ ପରମେଶ୍ୱରଙ୍କ ସ୍ୱର ଶୁଣନ୍ତି, ଏବଂ ସେ କେବଳ ସେତେବେଳେ କଥା କୁହନ୍ତି ଯେତେବେଳେ ତାହା ବାହାରି ଆସିଥାଏ। ସେ କିଛି କୁହନ୍ତି ନାହିଁ।

105 କେହି କେହି କୁହନ୍ତି, "ଓଃ, ଓଃ, ଭାଇ ଜୋନ୍ସ!" କିମ୍ବା, ସେଠାରେ, ଭାଇ ରୋବର୍ଟସ୍, କିମ୍ବା କେହି, ଆଜି ଆମ ଦେଶରେ ରହିଥିବା ଏହି ମହାନ ବ୍ୟକ୍ତିମାନେ, ଯେପରିକି ଟମି ହିକ୍ସ, କିମ୍ବା—କିମ୍ବା—କିମ୍ବା ଓରାଲ୍ ରୋବର୍ଟସ୍, କିମ୍ବା—କିମ୍ବା ଭାଇ ଟମି ଓସବୋର୍ନ୍, ସେହି ମହାନ ପ୍ରଚାରକମାନଙ୍କ ମଧ୍ୟରୁ କେତେକ। ଯଦି କେହି କହିବେ, "ଟମି, ଏଠାକୁ ଆସନ୍ତୁ, କୁହନ୍ତୁ। ଆପଣ ପରମେଶ୍ୱରଙ୍କର ଜଣେ ମହାନ ବ୍ୟକ୍ତି।" (କିମ୍ବା ଓରାଲ୍।) "ଆଉ ମୋର—ମୋର—ଜଣେ ମାମୁଁ ଯିଏକି ଏଠାରେ ପଡ଼ି ରହିଛନ୍ତି, ଯିଏ—ଯିଏ ସମ୍ପୂର୍ଣ୍ଣ ଆବଦ୍ଧ। ଏବଂ ସେ—ସେ ଅସୁସ୍ଥ ଅଛନ୍ତି। ମୁଁ ଚାହେଁ ଯେ ଆପଣ ଆସନ୍ତୁ। ମୁଁ ବିଶ୍ୱାସ କରେ ଯେ ଆପଣଙ୍କ ପାଖରେ ତାହଙ୍କୁ ସୁସ୍ଥ କରିବାର ଶକ୍ତି ଅଛି।" ବୁଝିଲେ?

ଏବଂ ହୋଇପାରେ ଯେ ପବିତ୍ରଆତ୍ମା ତାଙ୍କୁ କହିବେ, "ଏବେ ନୁହେଁ।"

106 କିନ୍ତୁ, ତଥାପି, ସେହି ବ୍ୟକ୍ତିଙ୍କ ବନ୍ଧୁତା ସକାଶୁ, ସେ ତାଙ୍କ ସହିତ ଯିବାକୁ ବାଧ୍ୟ। ଯଦି ସେ ତାହା କରନ୍ତି ନାହିଁ, ତେବେ ସେ ସେହି ଲୋକର ଶତ୍ରୁ ହୋଇଯାଆନ୍ତି। ସେହି ବ୍ୟକ୍ତି କୁହନ୍ତି, "ତେବେ, ସେ *ଅମୁକ-ଓ-ଅମୁକ*ଙ୍କ ପାଖକୁ ଯାଇଥିଲେ, ସେ ସେହି ପିଲାକୁ କିମ୍ବା ସେହି ବାଳକକୁ ସୁସ୍ଥ କଲେ। ମୁଁ ଜାଣେ ସେ ତାହା କଲେ। ଏବଂ ମୁଁ ବର୍ଷ ବର୍ଷ ଧରି ତାଙ୍କର ବନ୍ଧୁ ହୋଇଅଛି, ଦେଖନ୍ତୁ, ଆଉ ସେ ମୋ ସ୍ଥାନକୁ ଆସନ୍ତି ନାହିଁ।"

107 କିନ୍ତୁ ଯଦି ସେ ପବିତ୍ରଆତ୍ମା ଦ୍ୱାରା ନ ଯିବାକୁ ବାଧ୍ୟ କରାଯାଆନ୍ତି, ତେବେ ଉତ୍ତମ ହେବ ଯେ ସେ ସେ ନ ଯାଆନ୍ତୁ, ଯଦି ସେ ପରମେଶ୍ୱରଙ୍କ ସହ ଯୋଡି ହୋଇଥାନ୍ତି। ତାଙ୍କର ବନ୍ଧୁ, ସେ ଭଲ ପାଆନ୍ତି। କିନ୍ତୁ ଉତ୍ତମ ଏହା ଯେ ସେଠାକୁ ଯିବା ପାଇଁ ସେ ପବିତ୍ରଆତ୍ମାଙ୍କ ନେତୃତ୍ୱ ପାଆନ୍ତୁ, କାରଣ ଏହା କୌଣସି ପ୍ରକାରେ, ଉପକାର କରିବ ହିଁ ନାହିଁ। ମୁଁ ତାହା ଅନେକ ସମୟ ଅନୁଭବ କରିଛି।

108 କିନ୍ତୁ ପାଉଲ କେବଳ ଆତ୍ମାଙ୍କଠାରେ ଅପେକ୍ଷା କଲେ ଯେ ତାଙ୍କୁ କୁହାଯିବ ଯେ କଅଣ କରିବାକୁ ଅଛି। "ଆତ୍ମାଙ୍କ ଉପରେ ଅପେକ୍ଷା କର," କହିଲେ। ସେ ଦିନେ ରାତିରେ ଛିଡ଼ାହୋଇ, ପ୍ରଚାର କରୁଥିଲେ, ଏବଂ ସେଠାରୁ ଚାଲିକରି ଗଲେ, ସେ ଜଣେ ଅପଙ୍ଗ ବ୍ୟକ୍ତିଙ୍କୁ ଦେଖିଲେ। ଏବଂ ସଙ୍ଗେ ସଙ୍ଗେ, ଆତ୍ମା ତାଙ୍କ ସହିତ କଥା ହେଲେ, ଏବଂ ସେ କହିଲେ, "ମୁଁ ଉପଲବ୍ଧି କରେ…" କିପରି? ଠିକ ସେହି ସମାନ ଭାବରେ ଯେତେବେଳେ ସେ ଉପଲବ୍ଧି କରିଥିଲେ ଯେ ସେମାନେ ଏକ ଦ୍ୱୀପରେ, ଭଙ୍ଗାରୁଜା ଅବସ୍ଥାରେ ରହିବାକୁ ଯାଉଛନ୍ତି। ବୁଝିଲେ? "ମୁଁ ଅନୁଭବ କରେ ଯେ ତୁମଠାରେ ସୁସ୍ଥ ହେବା ପାଇଁ ବିଶ୍ୱାସ ଅଛି। ନିଜ ପାଦରେ ଛିଡା ହୁଅ। ଯୀଶୁ ଖ୍ରୀଷ୍ଟ ତୁମକୁ ସୁସ୍ଥ କଲେ।" ବୁଝିଲେ? ଆପଣ ସେଠାରେ ଅଛନ୍ତି। ସେ—ସେ ଥିଲେ—ସେ ଯୋଡ଼ି ହୋଇଥିଲେ। ସେ ହୁଏତ ସେଠାରେ ଏକ ସପ୍ତାହର ଉଦ୍ଦୀପନା ସଭା କରିଥିଲେ ଏବଂ କିଛି ଘଟିତ ହୋଇ ନ ଥିଲା, ମାତ୍ର ତଥାପି ସେ ପବିତ୍ରଆତ୍ମାଙ୍କୁ କଥା କହିବାର ଅପେକ୍ଷା କରିଥିଲେ। ବୁଝିଲେ? ସେ ସେହି ଆବେଦନ ପ୍ରତି ଯୋଡି ହୋଇଥିଲେ।

109 ବର୍ତ୍ତମାନ ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ଆପଣ ରବିବାର ଦିନ ଯାହା କହିଥିଲେ ସେହି ବିଷୟ ପ୍ରତି ଆପଣ ନିନ୍ଦା କରୁଛନ୍ତି, ଯେ ଆପଣ ଏହି ସମସ୍ତ ସମୟ ଅପେକ୍ଷା କରି ରହିଥିଲେ।"

110 ଏବଂ, କିନ୍ତୁ, ଆପଣ ମନେରଖନ୍ତୁ, ଏହା ପବିତ୍ରଆତ୍ମା ଥିଲେ ଯିଏକି ମୋତେ ସେଠାରେ ରାସ୍ତା ଉପରେ କଥା କହିଥିଲେ, ଏବଂ କହିଥିଲେ, "ମୁଁ ତୁମକୁ ଅସୁସ୍ଥ ଏବଂ ଦୁଃଖୀ ଲୋକମାନଙ୍କ ମଧ୍ୟକୁ ପଠାଉଅଛି।" ବୁଝିଲେ? ଏହା ପବିତ୍ରଆତ୍ମାଙ୍କ ଆଜ୍ଞାଧୀନ ହେବା ଅଟେ। ନିଶ୍ଚିତରେ। ସେ ମୋତେ ଏହା କରିବାକୁ ନ କହିବା ପର୍ଯ୍ୟନ୍ତ ମୁଁ ଯାଇ ନ ଥିଲି। ମୁଁ **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟକୁ ନ ପାଇବା ପର୍ଯ୍ୟନ୍ତ, ମୁଁ **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟକୁ ଅପେକ୍ଷା କରିଥିଲି। ତେବେ, ତାହା ଭିନ୍ନ ଅଟେ। ବୁଝିଲେ? ତେବେ, ଏହା, ତାହା ଏକ ପାର୍ଥକ୍ୟ ଆଣେ। ହଁ।

111 ସେ ପ୍ରଭୁଙ୍କ ବାକ୍ୟ ପାଇଁ ଅପେକ୍ଷା କଲେ। ସେ କେବଳ ପରମେଶ୍ୱରଙ୍କ ଆଦେଶକୁ ପାଳନ କରିବା ପାଇଁ, ଆତ୍ମାରେ ଚାପ ପାଇଲେ, ତା'ପରେ ସେ ଯୀଶୁ ଖ୍ରୀଷ୍ଟଙ୍କର ଏକ ବନ୍ଦୀ ହେଲେ। ବନ୍ଧୁଗଣ, ଯଦି ଆମେ କେବଳ ବନ୍ଦୀ ହୋଇପାରିବା!

112 ମୁଁ ଜାଣେ ଏହା ଗରମ ଅଟେ। କିନ୍ତୁ ମୁଁ—ମୁଁ ଆଉ ଅଧିକ ଦୁଇଟି ଚରିତ୍ରର ନାମ ନେବାକୁ ଚାହେଁ, ଯଦି ଆପଣମାନେ ଚାହିଁବେ। ମୋ ପାଖରେ ଏଠାରେ ପ୍ରାୟଃ ଛଅ କିମ୍ବା ଆଠଟି ଲେଖି ରଖିଛି। ମାତ୍ର ମୁଁ—ମୁଁ କେବଳ ଅନ୍ୟ ଗୋଟିଏ ଚରିତ୍ର କିମ୍ବା ଦୁଇଟି ନାମ ନେବାକୁ ଚାହେଁ।

113 ଆସନ୍ତୁ ମୋଶାଙ୍କ ଚରିତ୍ରକୁ ନେବା। ସେ ଏକ ଉଦ୍ଧାରକାରୀ ଭାବରେ ଜନ୍ମ ହୋଇଥିଲେ। ଏବଂ ସେ—ସେ—ସେ ଜାଣିଥିଲେ ଯେ, ସେ ଏକ ଉଦ୍ଧାରକାରୀ ଭାବରେ ଜନ୍ମ ହୋଇଛନ୍ତି।

114 କିନ୍ତୁ ମୁଁ ମୋଶାଙ୍କ ବିଷୟରେ କହିବା ପୂର୍ବରୁ, ମୁଁ ଏହି ବିବୃତ୍ତି ଦେବାକୁ ଚାହେଁ, ଯେ, ପରମେଶ୍ୱରଙ୍କୁ ସର୍ବଦା ଏହିପରି କୌଣସି ମନୁଷ୍ୟକୁ ନେବାକୁ ପଡ଼ିଥାଏ, ଯିଏକି ପ୍ରକୃତରେ

ତାହାଙ୍କର ସେବା କରିବ, ତାହାଙ୍କର ବନ୍ଦୀ ହେବ। ଜଣେ ବ୍ୟକ୍ତିଙ୍କୁ ତା’ ପାଖରେ ଥିବା ପ୍ରତ୍ୟେକ ଅଭିଳାଷକୁ ସମର୍ପଣ କରିବାକୁ ପଡିବ, ପ୍ରତ୍ୟେକ କିଛି ଯାହା ତା’ ପାଖରେ ଅଛି, ପ୍ରତ୍ୟେକ—ପ୍ରତ୍ୟେକ କିଛି ବିଷୟ, ତାର ଜୀବନ, ପ୍ରାଣ, ଶରୀର, ଇଚ୍ଛା, ଅଭିଳାଷମାନ, ଏବଂ ଅନ୍ୟ ସମସ୍ତ କିଛି, ଏବଂ ପରମେଶ୍ୱରଙ୍କ ସେବା କରିବା ପାଇଁ, ଖ୍ରୀଷ୍ଟଙ୍କ ନିମନ୍ତେ, ଯିଏକି ବାକ୍ୟ ଅଟନ୍ତି ଏକ ସମ୍ପୂର୍ଣ୍ଣ ବନ୍ଦୀ ହେବାକୁ ପଡ଼ିବ।

115 ହୋଇପାରେ ଆପଣଙ୍କୁ ଆପଣଙ୍କର ଉତ୍ତମ ବିଚାରର ବିପରୀତ ପଥରେ ଚାଲିବାକୁ ପଡିବ। ହୋଇପାରେ, ଏକ ନିର୍ଦ୍ଦିଷ୍ଟ ସଂସ୍ଥାରେ, ଆପଣ ହୁଏତ ଭାବି ପାରନ୍ତି ଯେ ସେମାନେ ଆପଣଙ୍କୁ ଉଠାଇ ନେବେ ଏବଂ ଆପଣଙ୍କୁ କିଛି ମହାନ ବିଷୟ ଦେଇ ପାରିବେ, ଯାହାକି ଆପଣ ସର୍ବ ସାଧାରଣରେ ଦେଖାଇ ପାରନ୍ତି। କିନ୍ତୁ ଆପଣ ନିଜେ କ’ଣ ପାଇଲେ? ଆପଣ ନିଜକୁ ପରାସ୍ତ ହୋଇଥିବାର ପାଇଲେ, କିଛି ସମୟ ପରେ, ଯେପର୍ଯ୍ୟନ୍ତକି ପରମେଶ୍ୱର ଏପରି ଜଣେ ବ୍ୟକ୍ତିଙ୍କୁ ନ ପାଇଲେ ଯିଏକି ତାହାଙ୍କ ପାଇଁ ବନ୍ଦୀ ହେବାକୁ ଇଚ୍ଛୁକ ଅଟେ।

116 ପରମେଶ୍ୱର ବନ୍ଦୀମାନଙ୍କୁ ଖୋଜୁଅଛନ୍ତି। ସେ ସର୍ବଦା ଏପରି କରିଅଛନ୍ତି। ଆପଣ ଏହାକୁ ଶାସ୍ତ୍ର ମଧ୍ୟରେ ଖୋଜି ପାରନ୍ତି। ଜଣେ ବ୍ୟକ୍ତିକୁ ଖ୍ରୀଷ୍ଟଙ୍କ ପାଇଁ, କୌଣସି ହେଲେ ବିଷୟ ବିରୁଦ୍ଧରେ ବନ୍ଦୀ ହେବାକୁ ହିଁ ଅଛି। ଅତଏବ, ଆପଣ ଖ୍ରୀଷ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ବିଷୟ ସହିତ ସଂଯୁକ୍ତ ହୋଇପାରନ୍ତି ନାହିଁ; ଏପରିକି ଆପଣଙ୍କର ବାପା, ଆପଣଙ୍କର ମା, ଆପଣଙ୍କର ଭାଇ, ଆପଣଙ୍କର ଭଉଣୀ, ଆପଣଙ୍କର ସ୍ୱାମୀ, ଆପଣଙ୍କର ସ୍ତ୍ରୀ, ଯେକୌଣସି ବ୍ୟକ୍ତି। ଆପଣ କେବଳ ଖ୍ରୀଷ୍ଟଙ୍କ ସହିତ ସଂଯୁକ୍ତ, ଏବଂ କେବଳ ତାହାଙ୍କ ସହିତ ହିଁ ସଂଯୁକ୍ତ ଅଟନ୍ତି, ତେବେ ଯାଇ ପରମେଶ୍ୱର ଆପଣଙ୍କୁ ବ୍ୟବହାର କରିପାରିବେ। ତେବେ ସେପର୍ଯ୍ୟନ୍ତ, ଆପଣ କରିପାରନ୍ତି ନାହିଁ।

117 ବାହାରକୁ ଗଲେ, ବେଳେବେଳେ ଲୋକଙ୍କୁ କଠୋର କଥା କହିଥାଏ। ବୁଝିଲେ? ମୁଁ—ମୁଁ ଚେଷ୍ଟା କରୁଛି ଯେ ଆପଣ ହୁଗୁଳା ହୋଇଯାଆନ୍ତୁ। ଆପଣଙ୍କୁ ଏକ ଆରମ୍ଭ ସ୍ଥାନ ପାଇବାକୁ ଅଛି, ଯେପରିକି ବେଳେ ବେଳେ ମହିଳାମାନଙ୍କର କେଶ କାଟିବା ବିଷୟରେ ଏବଂ ଏହି ପୋଷାକମାନ ପିନ୍ଧିବା ବାବଦରେ କହିଥାଏ, ଏବଂ ସେମାନଙ୍କର ଖ୍ରୀଷ୍ଟିଆନ ସ୍ୱୀକୃତିକୁ ଧରିରଖିବା ଏବଂ ବଜାୟ ରଖିବା ବିଷୟରେ। କହିବେ, “ତାହା ଏକ ଛୋଟ ବିଷୟ।” ତେବେ, ଆପଣଙ୍କୁ କୌଣସି ସ୍ଥାନରୁ ତ ଆରମ୍ଭ କରିବାକୁ ହିଁ ପଡିବ। ତେଣୁ ଠିକ ଏଠାରେ ନିଜର କଖଗ ସହିତରେ, ଆରମ୍ଭ କରନ୍ତୁ। ବୁଝିଲେ? ଏବଂ ସାଂସାରିକ ଲୋକ ପରି ଦେଖାଯିବାକୁ, ଯେକୌଣସି ପ୍ରକାରେ ହେଲେ ଦୁରେଇ ଦିଅନ୍ତୁ, ଏବଂ ଖ୍ରୀଷ୍ଟଙ୍କ ପାଇଁ ଏକ ବନ୍ଦୀ ହୁଅନ୍ତୁ। ଏବଂ ତା’ପରେ କେବଳ ଜାରି ରଖନ୍ତୁ, ସବୁକିଛି ଦୁରେଇ ଦିଅନ୍ତୁ, ଯେପର୍ଯ୍ୟନ୍ତକି ଅନ୍ତିମରେ ସେହି ଶେଷ ଧାଡିଟି ବାହାରି ନ ଯାଇଛି। ତା’ପରେ ଆପଣ—ଆପଣ—ଆପଣ ସେତେବେଳେ ଜଣେ ବନ୍ଦୀ ଅଟନ୍ତି, ଆପଣ ତାହାଙ୍କର ହାତମୁଠାରେ ରହିଥାଆନ୍ତି, ସେ—ସେ ଆପଣଙ୍କୁ ତାଙ୍କ ହାତମୁଠାରେ ଧରି ରଖିଥାଆନ୍ତି।

118 ବର୍ତ୍ତମାନ, ମୋଶା ଜାଣିଥିଲେ ଯେ ସେ ଉଦ୍ଧାରକାରୀ ଭାବରେ ଜନ୍ମ ହୋଇଥିଲେ। ସେ ଏହା ଜାଣିଥିଲେ। ଆଉ କଅଣ ଆପଣ ଲକ୍ଷ୍ୟ କଲେ କି, ଯେ ମୋଶାଙ୍କ ପାଖରେ ରହିଥିବା ସେହି ଉଚ୍ଚାଭିଳାଷ ସହିତରେ; ଏହା ଜାଣି ଯେ ତାଙ୍କ ମାଆ ତାଙ୍କୁ ସେଠାରେ କହିଥିଲେ, ଯେହେତୁ ସେ ତାଙ୍କର ସ୍ତନଦାତ୍ରୀ ଥିଲେ।

119 ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ମୋଶା ଛୋଟ ଛୁଆ ଜନ୍ମ ହୋଇଥିଲେ, ତାଙ୍କ ମା କହିଥିଲେ, "ତୁ ଜାଣି ଥା, ମୋଶା, ଯେବେ...ତୋ ବାପା, ଅମ୍ରାମ, ଏବଂ ମୁଁ ନିରନ୍ତର ପ୍ରାର୍ଥନା କରିଥିଲୁ। ଆମେ ଜାଣିଥିଲୁ, ଏବଂ ବାକ୍ୟରେ ଦେଖିଥିଲୁ, ତାହା ଏକ ଉଦ୍ଧାରକାରୀଙ୍କ ଆଗମନର ସମୟ ଥିଲା। ଏବଂ ଆମେ ପ୍ରାର୍ଥନା କଲୁ, 'ପ୍ରଭୁ ପରମେଶ୍ୱର, ଆମେ ସେହି ଉଦ୍ଧାରକାରୀଙ୍କୁ ଦେଖିବାକୁ ଚାହୁଁଛୁ।' ଗୋଟିଏ ରାତି, ପ୍ରଭୁ ଆମକୁ, ଏକ ଦର୍ଶନରେ, କହିଲେ ଯେ ତୁ ଜନ୍ମ ହେବୁ ଏବଂ ତୁ ସେହି ଉଦ୍ଧାରକାରୀ ହେବୁ। ଆମେ ରାଜାଙ୍କ ଆଦେଶକୁ ଭୟ କଲୁ ନାହୁଁ। ରାଜା ଯାହା କହିଛନ୍ତି ଆମେ ସେଥିପ୍ରତି ଧ୍ୟାନ ଦେଲୁ ନାହିଁ। ତେବେ, ଆମେ ଜାଣିଲୁ ଯେ ତୁ ଏକ ଉଦ୍ଧାରକାରୀ ଭାବରେ ଜନ୍ମ ହୋଇଛୁ। ତେବେ, ମୋଶା, ଆମେ ଜାଣିଲୁ ଯେ ଆମେ ତୋତେ ଠିକ୍ ଭାବରେ ପାଳନ କରିପାରିବୁ ନାହିଁ।"

120 ତେବେ ମନେରଖନ୍ତୁ, ସେମାନେ ସେଠାରେ ତଳେ, ମିସରରେ ଚାରି ଶହ ବର୍ଷ ରହିଥିଲେ। ବୁଝିଲେ?

121 "ଏବଂ ଆମେ—ଆମେ ଚାହିଁଲୁ ଯେ ତୁ ସେହି—ସେହି ସଠିକ୍ ବିଷୟ, ସଠିକ୍ ଶିକ୍ଷା, ସଠିକ୍ ତାଲିମ ପାଆ। ତେଣୁ, ମୁଁ ତୋତେ ନେଲି ଏବଂ ଏକ ଛୋଟ ଟୋକେଇରେ ରଖିଦେଲି, ଆଉ ତୋତେ ନୀଳ ନଦୀରେ ଛାଡିଦେଲି। ଏବଂ କେତେ ଅଦ୍ଭୁତ, ଯେ ସ୍ରୋତସବୁ ସେହି ଛୋଟ ଟୋକେଇକୁ ନଳବନ ମଧ୍ୟ ଦେଇ ନେଇଗଲା, ଏବଂ ଏହାକୁ ଠିକ୍, ମାଇଲ୍ ମାଇଲ୍ ଦୂରକୁ ଆଣି, ଠିକ୍ ଫାରୋଙ୍କ ପ୍ରାସାଦକୁ ପହଞ୍ଚାଇ ଦେଲା, ଯେଉଁଠାରେ ତାଙ୍କର...ଫାରୋଙ୍କର ଝିଅ ଥିଲା, ଯେଉଁଠାରେ ତାଙ୍କର ସ୍ନାନ କୁଣ୍ଡ ଥିଲା। ଏବଂ ତାହା କିପରି—କିପରି ମୁଁ ଜାଣିଲି ଯେ ତୋତେ ପ୍ରତିପାଳନ କରିବା ପାଇଁ ତାଙ୍କୁ ଜଣେ ସ୍ତ୍ରୀଲୋକର ପ୍ରୟୋଜନ ଅଛି।"

122 ଏବଂ ସେହି ଦିନମାନଙ୍କରେ, ଅବଶ୍ୟ, ଶିଶୁମାନଙ୍କୁ ପ୍ରତିପାଳନ କରିବା ପାଇଁ ସେମାନଙ୍କର ପାଖରେ ଏହି ବୋତଲରେ ଦୁଗ୍ଧପାନ ପ୍ରଥା ନ ଥିଲା, ତେଣୁ ତାଙ୍କୁ ଏକ—ଏକ ସ୍ତନଦାତ୍ରୀ ଧାଈର ଆବଶ୍ୟକ ପଡ଼ିଲା ତେଣୁ...

123 "ଏବଂ, ମରିୟମ୍, ମୁଁ ତାକୁ ତଳକୁ ପଠାଇଲି। ଏବଂ ସେ ସେଠାରେ ଉପସ୍ଥିତ ହେଲା, ଏବଂ ସେ କହିଲା, 'ମୁଁ ଜାଣେ ମୁଁ କେଉଁଠାରେ ସ୍ତନଦାତ୍ରୀ ଧାଈ ପାଇପାରିବି,' ଏବଂ ସେ ଆସି ମୋତେ ନେଇଗଲା। ଏବଂ, ମୋଶା, କବାଟ ସବୁ ବନ୍ଦ ଅଛି। ପ୍ରିୟ, ତୁ ବର୍ତ୍ତମାନ ଷୋହଳ ବର୍ଷ ବୟସର, ପୁଣି ତୁ ଫାରୋଙ୍କର ପୁତ୍ର ହେବାକୁ ଯାଉଅଛୁ। ଏବଂ କୌଣସି ଦିନେ ତୁ ଉଦ୍ଧାରକାରୀ ହେବାକୁ ଯାଉଅଛୁ ଯିଏକି ଲୋକମାନଙ୍କୁ ଏଠାରୁ ବାହାର କରିବାକୁ ଯାଉଅଛି।"

124 ମୋଶାଙ୍କର ଆକାଂକ୍ଷାମାନ ବଢ଼ିବାକୁ ଲାଗିଲା । "ମାଆ, ମୁଁ ଅଧ୍ୟୟନ କରିବି । ମୁଁ ପ୍ରତ୍ୟେକ ବିଷୟ ଯାହା କରିପାରିବି ତାହା ଅଧ୍ୟୟନ କରିବି । ତୁମେ ଜାଣ ମୁଁ କଅଣ କରିବି? ମୁଁ କିପରି ଏକ ସୈନିକ ହୋଇପାରିବି ତାହା ଅଧ୍ୟୟନ କରିବି, ଏବଂ ମୁଁ ଜାଣିବି ଯେ ଏହି ଲୋକମାନଙ୍କୁ କିପରି ଏଠାରୁ ବାହାର କରି ନେଇଯିବାକୁ ଅଛି । ମୁଁ ଜଣେ ମହାନ ସୈନ୍ୟାଧ୍ୟକ୍ଷ ହେବି, ବିଶପ ହେବି, ଯେପରିକି ମୁଁ ଜାଣିବି ଯେ ଏହା କିପରି କରା ହୁଏ । ଏବଂ ମୁଁ—ମୁଁ ଏହାକୁ ବାହାର କରିନେବି । ମୁଁ ମୋର ପିଏଚ.ଡି କିମ୍ୱା ଏଲଏଲ ଉପାଧି ପାଇବି । ମୁଁ—ମୁଁ ତାହା କରିବି ।"

125 ଯେପରିକି "ଫାଦର ଚିନିକି," ଯଦି ଆପଣ କେବେ ତାଙ୍କର ପୁସ୍ତକମାନ ପଢ଼ନ୍ତି । ଠିକ୍ ଅଛି । ସେ "ସମସ୍ତ ପ୍ରୋଟେଷ୍ଟାଣ୍ଟମାନଙ୍କୁ ଉଦ୍ଧାର କରିବାକୁ ଯାଉଛନ୍ତି," ଆପଣ ଜାଣନ୍ତି, ଏବଂ ସେ ନିଜେ ଜଣେ, ହୋଇଗଲେ । ତେଣୁ, ଏହି ମହାନ ପୁରୋହିତ ଜଣକ, ବର୍ଷ ବର୍ଷ ପୂର୍ବେ, "ଫାଦର ଚିନିକି," ଆପଣଙ୍କୁ ତାଙ୍କର ପୁସ୍ତକ ନେଇ ତାହା ପଢ଼ିବା ଉଚିତ୍ । ସେମାନେ ତାଙ୍କୁ ଡାକନ୍ତି, "ଫାଦର ।" ସେ ତ କେବଳ ଭାଇ ଚିନିକି ଅଟନ୍ତି, ଯାହାକି ଏହା ଥିଲା । ଆମେ କୌଣସି ମନୁଷ୍ୟକୁ ସେହି ଭଳି "ଫାଦର," ବୋଲି ଡାକି ନ ଥାଉ । ତେଣୁ ଆମେ ପାଉ ଯେ—ଯେ ଆମେ…ସେ ବାଇବଲ ପଢ଼ିବାକୁ ଯାଉଥିଲେ, ଯେପରିକି ସେ ସେଠାକୁ ବାହାରି ଯାଇ ପ୍ରୋଟେଷ୍ଟାଣ୍ଟ ଧର୍ମକୁ ଅସତ୍ୟ ପ୍ରମାଣ କରନ୍ତି ଓ ସମସ୍ତଙ୍କୁ କ୍ୟାଥୋଲିକ୍ କରିପାରନ୍ତି । ଏବଂ ଯେତେବେଳେ ସେ ବାଇବଲ ପଢ଼ିବାକୁ ଗଲେ, ପବିତ୍ରଆତ୍ମା ତାଙ୍କ ଉପରକୁ ଓହ୍ଲାଇ ଆସିଲେ, ଏବଂ ସେ ପବିତ୍ରଆତ୍ମା ପାଇଲେ, ଆଉ ତା'ପରେ—ତା'ପରେ ସେ ସେମାନଙ୍କ ମଧ୍ୟରୁ ଜଣେ ହୋଇଗଲେ ।

126 ତେଣୁ ତା'ପରେ ଏହାକୁ ଧ୍ୟାନ ଦିଅନ୍ତୁ, ଯେ ମୋଶା ସମସ୍ତ ତାଲିମ ପାଇଲେ । କାରଣ, ସେ—ସେ ଜାଣିଥିଲେ । ସେ ଏତେ ପ୍ରବୀଣ, ଏତେ ଶିକ୍ଷିତ, ଏତେ ବୁଦ୍ଧିଜୀବୀ ଥିଲେ! ଯେପର୍ଯ୍ୟନ୍ତକି, କେହି ନୁହେଁ…ଏପରିକି ସେ ମିସ୍ରୀୟମାନଙ୍କୁ ମଧ୍ୟ ଶିକ୍ଷା ଦେଇ ପାରିଥିଲେ । ଏପର୍ଯ୍ୟନ୍ତକି, ସେ ସେମାନଙ୍କର ମନୋବିଜ୍ଞାନୀମାନଙ୍କୁ ଶିକ୍ଷା ଦେଇପାରିଥିଲେ । ସେ ସେମାନଙ୍କର—ସେମାନଙ୍କର ସେନାଧ୍ୟକ୍ଷମାନଙ୍କୁ ଶିକ୍ଷା ଦେଇପାରିଥିଲେ ଯେ ସାମରିକ ଶକ୍ତି କ'ଣ ଥିଲା । ସେ ଜଣେ ମହାନ ବ୍ୟକ୍ତି ଥିଲେ । ତାଙ୍କର ମହାନତା ଯୋଗୁଁ, ଲୋକେ ମୋଶାଙ୍କୁ ଭୟ କରୁଥିଲେ । ଓଃ, ଏପରି ଏକ ପାଣ୍ଡିତ୍ୟବୃତ୍ତି! ହେ ପ୍ରଭୁ! ସେ ଜଣେ ଆର୍କିବିଶପ୍ ଥିଲେ, କିମ୍ୱା ବୋଧହୁଏ ଜଣେ ପୋପ୍ ପରି ଥିଲେ । ସେ ଜଣେ ମହାନ ବ୍ୟକ୍ତି ଥିଲେ । ଏବଂ ସେ ଜଣେ ଥିଲେ—ଜଣେ—ଜଣେ ଶକ୍ତିଶାଳୀ ଲୋକ ଥିଲେ । ଏବଂ ସେ ଜାଣିଥିଲେ ଯେ ସେ ଏହା କରିବା ପାଇଁ ଜନ୍ମ ହୋଇଥିଲେ, ଏବଂ ଏହାକୁ କରିବା ପାଇଁ, ବହୁତ ଉଚ୍ଚାଭିଳାଷ ସହିତ, ତାଲିମ ପ୍ରାପ୍ତ ହୋଇଥିଲେ ।

127 ଠିକ୍ ଆଜିର ପରି । ମୁଁ କହୁ ନାହିଁ ଯେ ଲୋକମାନେ, ଯେଉଁମାନେକି ଏହି ବିଦ୍ୟାଳୟଗୁଡିକରେ ତାଲିମ ନେଉଛନ୍ତି, ମୁଁ କହୁ ନାହିଁ ଯେ…ଯେପରିକି ସେମାନେ,

ଏଠାରେ ପାଶ୍ଚାତ୍ୟରେ, ବର୍ତ୍ତମାନ, ସେମାନେ ଏକ ଶହ-ପଚାଶ-ମିଲିୟନ୍-ଡଲାର ଟଙ୍କାର ଧର୍ମଶାସ୍ତ୍ର ବିଦ୍ୟାଳୟ ନିର୍ମାଣ କରିବାକୁ ଯାଉଛନ୍ତି, ଦେଖନ୍ତୁ, ପେଣ୍ଟିକଷ୍ଟାଲ୍, ଏକ ଶ-... ଏକ ଶହ-ଏବଂ-ପଚାଶ-ମିଲିୟନ୍-ଡଲାର ଟଙ୍କାର ବିଦ୍ୟାଳୟ। ମୋ ପାଇଁ ତ, ତାହା ସେବାକ୍ଷେତ୍ରରେ ମିଶନାରୀ ହେବା ଉଚିତ୍। ବୁଝିଲେ? ବୁଝିଲେ? ବୁଝିଲେ? କିନ୍ତୁ, ଯାହା ବି ହେଉ, ଯେତେବେଳେ ସେମାନେ ସେଠାରେ ବାହାରକୁ ଆସନ୍ତି ସେମାନେ କ'ଣ କରନ୍ତି? ସେମାନେ କିଏ ଅଟନ୍ତି? ରିକ୍କୀମାନଙ୍କର ଦଳେ ଲୋକ। ଯଥାର୍ଥ ଭାବେ ଠିକ୍। ଏବଂ ତା'ପରେ ତାହା ସେପ୍ରକାର ହିଁ ଅଟେ ଯେ ସେମାନେ ବାହାରକୁ ଆସିଥାନ୍ତି। ଏହା ସର୍ବଦା ସେହିପରି ରହିଛି, ବାକି ସେମାନେ ସମସ୍ତେ, ଏବଂ ତାହା ସେହି ସମାନ ରେଖା ହିଁ ଅଟେ। ବୁଝିଲେ?

128 ତେବେ ଆମେମାନେ ପାଉ, ଯେ, ଯେତେବେଳେ, ମୋଶା, ତାଙ୍କର ସମସ୍ତ ପ୍ରଶିକ୍ଷଣରେ, ଏବଂ ଆଜି, ସମସ୍ତ ତାଲିମ ସହିତରେ, ବଡ ବିଶପ୍‌ମାନ ଏବଂ ଏହିପରି ପ୍ରଭୃତି ତିଆରି ହେଉଛନ୍ତି, ସେହି ମହାନ, ଉଚ୍ଚ ଅଭିଳାଷ, ଆମେ କ'ଣ କରିବା? ଆମର ଅଭିଳାଷଗୁଡିକ ଠିକ୍ ସେହିପରି ହୋଇଯାଏ ଯେପରିକି ମୋଶାଙ୍କ ହୋଇଥିଲା। ବୁଝିଲେ?

129 ପରମେଶ୍ବର, ଏହା ପୂର୍ବେକି ସେ ସେହି ବ୍ୟକ୍ତିଙ୍କୁ ନିଜ ହାତରେ ନେଇପାରନ୍ତି, ତାହାଙ୍କୁ ତାକୁ ତାର ଅଭିଳାଷରୁ ଶୁନ୍ୟ କରିବାକୁ ଥିଲା। ତାହାଙ୍କୁ ତାଙ୍କୁ ତାଙ୍କର ସମସ୍ତ ତାଲିମରୁ ଶୁନ୍ୟ କରିବାକୁ ଥିଲା।

130 ସେ ବାହାରକୁ ଗଲେ, ଏବଂ ସେ ଉଦ୍ଧାର କଲେ; ସେ ଗୋଟିଏ ମିସରୀୟକୁ ଘାତ କଲେ। ଏବଂ ସେ, ଏବଂ ଯେତେବେଳେ ସେ କଲେ, ସେ ଜାଣିବାକୁ ପାଇଲେ ଯେ ସେ ଭୁଲରେ ଅଛନ୍ତି। ସେ ତାହା କରିପାରନ୍ତି ନାହିଁ। ତାହା ସେପରି ଉପାୟରେ ନ ଥିଲା। ଏବଂ ପରମେଶ୍ବରଙ୍କୁ ତାଙ୍କୁ ପ୍ରାନ୍ତରକୁ, ମରୁଭୂମି ମଧ୍ୟକୁ, ଏକ ଜନଶୂନ୍ୟ ସ୍ଥାନକୁ ନେଇଯିବାକୁ ପଡିଲା।

131 ଆପଣ ଲକ୍ଷ୍ୟ କରନ୍ତୁ, ଏକ ପ୍ରକାର ବିଚିତ୍ର, ଯେ କିପରି ଏହି ବ୍ୟକ୍ତିମାନେ, ଯେତେବେଳେ ପରମେଶ୍ବରଙ୍କ ପାଖରେ ସେମାନଙ୍କ ପାଇଁ ଏକ ବାର୍ତ୍ତା ରହିଥିଲା, ସେ ସେମାନଙ୍କୁ ଏକ ପ୍ରାନ୍ତରକୁ ନେଇଯାଆନ୍ତି।

132 ସେ ପାଉଲଙ୍କୁ ତାଲିମ ଦେବା ପାଇଁ, ମରୁଭୂମିକୁ ନେଇଗଲେ, ଏହି ସମସ୍ତ ମହାନ ଦର୍ଶନ କ'ଣ ତାହା ଜଣାଇବାକୁ, ସେ ତାଙ୍କୁ ପ୍ରାନ୍ତରକୁ ନେଇଗଲେ। "ଏକ ନିର୍ଦ୍ଦିଷ୍ଟ ପ୍ରାନ୍ତରକୁ ବାହାରି ଯାଅ।" ଏବଂ ସେ ସେଠାରେ ସେପର୍ଯ୍ୟନ୍ତ ରହିଲେ ଯେପର୍ଯ୍ୟନ୍ତକି କଅଣ କରିବାକୁ ଅଛି ପରମେଶ୍ବର ତାହା ସମ୍ପୂର୍ଣ୍ଣ ରୂପେ ଜଣାଇ ନ ଦେଲେ।

133 ଏବଂ ମୋଶାଙ୍କ ସମୟ, ସେ ତାଙ୍କୁ ବାହାରକୁ ପ୍ରାନ୍ତର ମଧ୍ୟକୁ ନେଇଗଲେ। ତାଙ୍କୁ ଚାଳିଶ ବର୍ଷ ପର୍ଯ୍ୟନ୍ତ ସେଠାରେ ରଖିଲେ, ଏବଂ ତାଙ୍କର ସମସ୍ତ ଧର୍ମଶାସ୍ତ୍ର ବିଦ୍ୟା ଏବଂ ତାଙ୍କର ସମସ୍ତ ଅଭିଳାଷରୁ ଶୂନ୍ୟ କରିଦେଲେ। ଓଃ, କିପ୍ରକାର ଏକ ସମୟ, ଯେ ସେ ପଛକୁ ଚାହିଁ

ନିଜର ବିଫଳତାକୁ ଦେଖି ପାରିଥିଲେ। ଏବଂ ଆମେମାନେ କିପରି, ଆଜି ରାତି, ସେହି ସମାନ ବିଷୟ କରିବା ଉଚିତ୍, ଯେତେବେଳେ ଆମେ ଆମର—ଆମର ଆକାଂକ୍ଷାକୁ ଦେଖିଥାଉ।

134 ଆରୋଗ୍ୟ ଅଭିଯାନକୁ ଦେଖନ୍ତୁ, ଏବଂ ଦେଖନ୍ତୁ ଯେ ପ୍ରଭୁ ଯଦି କେତେକ ବର୍ଷ ପୂର୍ବେ କିଛି କରିଥିଲେ କି, ରୋଗୀମାନଙ୍କୁ ସୁସ୍ଥତା ନିକଟକୁ ଫେରାଇ ଆଣିବା ବିଷୟକୁ ଆରମ୍ଭ କରିବା ଓ ଏହିପରି ପ୍ରଭୃତି ବିଷୟ।

135 ସମସ୍ତେ, ପ୍ରତ୍ୟେକ ସଂଗଠନ ଅଟେ, କାରଣ ଏହା ସେମାନଙ୍କ ସଂଗଠନରେ ଆସି ନ ଥିଲା, ସେମାନଙ୍କୁ ସେମାନଙ୍କର ନିଜ ପାଇଁ ଏକ ଆରୋଗ୍ୟକାରୀ ପାଇବାକୁ ଥିଲା। ଏବଂ ଆମେ କ'ଣ କରିଅଛୁ? ଆସନ୍ତୁ ଏହାକୁ ଏକ ମୁହୂର୍ତ୍ତ ପାଇଁ ଦେଖିବା। ଆମେମାନେ ମଧ୍ୟ ସେହି ସମାନ ବିଷୟକୁ କରିଅଛୁ ଯାହାକି ମୋଶା କରିଥିଲେ। ଆମେମାନେ ବାହାରକୁ ଯାଇଅଛୁ ଏବଂ କୌଣସି ଏକ ପ୍ରକାରର ଚମତ୍କାରକୁ ନିର୍ମାଣ କରିବା ପାଇଁ ଅତ୍ୟଧିକ କଠିନ ଚେଷ୍ଟା କରିଅଛୁ। "ମୁଁ ଏକ ରୋଗର ଅନୁଭବ କଲି। ମୁଁ—ମୁଁ—ମୁଁ ମୋ ହାତରେ ରକ୍ତ ପାଇଲି," ଏବଂ ଏକ ଚମତ୍କାରକୁ ନିର୍ମାଣ କରୁ। ବୁଝିଲେ? ଆଉ ଆମେ କ'ଣ ପାଇଲୁ? ଏହିପରି କଠିନ ମାନସିକ ପରିସ୍ଥିତିରେ ଗତି କରୁଥିବା କେତେକ ପୁରୁଷ, ଯେଉଁମାନେକି ଭାଙ୍ଗିପଡିଲେ ଓ ନିୟମିତ ମଦ୍ୟପ ହୋଇଗଲେ, ନିଶାଦ୍ରବ୍ୟ ପାନକାରୀ ହୋଇଗଲେ ଏବଂ ସେମାନଙ୍କର ମସ୍ତିସ୍କ ଖରାପ ହୋଇଗଲା, ଏବଂ ସେମାନେ ପେଣ୍ଟିକଷ୍ଟାଲ୍ ଉଦ୍ଦେଶ୍ୟର ସେହି କ୍ରମରୁ, ସିଧାସଳଖ ଅନେକ ପଛକୁ ଫେରିଗଲେ, ପୁନର୍ବାର ସଂଗଠନ ନିର୍ମାଣ କରିବା ଏବଂ ବିଷୟ ପ୍ରଭୃତି ତିଆରି କରିବା ନିକଟକୁ ଫେରିଗିଲେ। ବୁଝିଲେ?

136 ଆମେ କ'ଣ କରିଅଛୁ? ପ୍ରାୟଃ ଗୋଟିଏ ମିସ୍ରୀୟକୁ ଘାତ କରିଅଛୁ। ତାହା ଠିକ୍। ଏବଂ ଆମେ ଚେଷ୍ଟା କରିଅଛୁ। ଆମେ ପ୍ରବଳ ପ୍ରୟାସ କରିଅଛୁ। ଆମେ ଦେୟ ଦେଇଅଛୁ। ଆମେ ପରିଶ୍ରମ କରିଅଛୁ, ରାତି ସାରା ପ୍ରାର୍ଥନା ସଭାଗୁଡ଼ିକରେ ଯାଇଅଛୁ, ଏପରିକି ଆମେ ନିଜର ସ୍ୱର ହରେଇ ଦେଇଛୁ। ଏବଂ—ଏବଂ କିଛି ନିର୍ମାଣ କରିବାକୁ ଚେଷ୍ଟା କରିଅଛୁ, ଏବଂ କିଛି ଗୋଟାଏ-ମିଶ୍ରିତ କରିବାକୁ, ଏବଂ ଏହି ସମସ୍ତ ବିଷୟ କରିବାକୁ ଚେଷ୍ଟା କରିଅଛୁ, ଏବଂ ଏହାକୁ ସମ୍ପୂର୍ଣ୍ଣ ବିଫଳତା ବୋଲି ପାଇଅଛୁ। ଆମକୁ ସେହି ପ୍ରାନ୍ତରକୁ ଫେରି-ଯିବା ଆବଶ୍ୟକ। ଠିକ୍। ହଁ, ଆଜ୍ଞା। କର୍କଶ ଶବ୍ଦ ଏବଂ ସଂଘର୍ଷ। ମାତ୍ର କାହିଁକି ଛାଡ଼ି ଦେଉ ନାହିଁ? ତାହା ହିଁ ଅଟେ ଯାହାକି ଆପଣଙ୍କୁ କରିବା ଉଚିତ୍, ଦେଖନ୍ତୁ, ଫେରି ଯାଆନ୍ତୁ ଏବଂ ଛାଡି ଦିଅନ୍ତୁ। କାହିଁକି, ଆମେ ତ ଠିକ ସେହି ସମାନ କାର୍ଯ୍ୟ କରିଅଛୁ ଯାହା ସେମାନେ କଲେ, ସେହି ସମାନ କାର୍ଯ୍ୟ ଯାହା ମୋଶା କରିଥିଲେ। ଏହା କୌଣସି ଉପକାର କରେ ନାହିଁ। ଚାଳିଶ ବର୍ଷ ପରେ, ସେ ନିଜକୁ ପରମେଶ୍ୱରଙ୍କ ବାକ୍ୟର ଜଣେ ବନ୍ଦୀ ଭାବରେ ପାଇଲେ। ଆମେ କଅଣ କରିବାକୁ ଚେଷ୍ଟା କରୁ?

137 ଯେତେବେଳେ, ସେହି ମହାନ ଆଶୀର୍ବାଦ ବାହାରକୁ ଆସେ, ଏବଂ ଏହି ସମସ୍ତ ମହାନ ବିଷୟଗୁଡ଼ିକର ପ୍ରକଟୀକରଣ ଆସେ ଯାହା ବିଷୟରେକି ପରମେଶ୍ୱର ଆମକୁ

କହିଛନ୍ତି: କିପରି ଯେ ଆମକୁ ପୁନର୍ବାର ଜନ୍ମ ହେବା ଆବଶ୍ୟକ ଅଟେ; ଏବଂ କିପରି ଆମେ ପବିତ୍ରଆତ୍ମାଙ୍କୁ ନିଶ୍ଚିତରେ ଗ୍ରହଣ କରିବା ଆବଶ୍ୟକ; ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ନେବା ଆବଶ୍ୟକ; ଏବଂ ଏହିସବୁ ବିଷୟ ଏଠାରେ କରିବା ଆବଶ୍ୟକ।

138 ଆପଣ ଦେଖନ୍ତୁ, ଲୋକମାନେ, ସେହି ବାକ୍ୟ ସହିତରେ ରହିବା, ଏଥିସହିତ ଯୋଚିହୋଇ ରହିବା ପରିବର୍ତ୍ତେ, ସେମାନେ କଅଣ କଲେ? ସେମାନେ ସେମାନଙ୍କର ନିଜସ୍ୱ ସାମ୍ପ୍ରଦାୟିକ ସିଦ୍ଧାନ୍ତ ସହିତ ଆରମ୍ଭ କଲେ, ଯାହାକି ପୂର୍ବରୁ ବିଫଳ ହୋଇସାରିଥିଲା, ଏବଂ ସତ୍ୟ ପରି ଦେଖାଯାଉଥିବା କିଛି ବିଷୟକୁ ପ୍ରସ୍ତୁତ କରିବାକୁ ଚେଷ୍ଟା କଲେ।

139 ଭଲ ହେବ ଯେ ମୁଁ ଏହାକୁ ଠିକ୍ ସେଠାରେ ହିଁ କାଟି ଦିଏ। ବୁଝିଲେ? ମୁଁ ସୁନିଶ୍ଚିତ ଅଟେ ଯେ ମୋର କହିବାର ଅର୍ଥ କ'ଣ ତାହା ଜାଣିବା ପାଇଁ ଆପଣ ଯଥେଷ୍ଟ ଜ୍ଞାନୀ ଅଟନ୍ତି। ବୁଝିଲେ? କିନ୍ତୁ, କାହିଁକି, ଦେଖନ୍ତୁ ଯେ ଏହା କଅଣ କରିଅଛି। ଏହା ବିଷୟରେ ଚିନ୍ତା କରନ୍ତୁ।

140 ଆଜି ରାତି, ଆମ ପାଖରେ କଅଣ ଅଛି? ମାତ୍ର ସଂଗଠିତ ଲୋକମାନଙ୍କରେ ପରିପୂର୍ଣ୍ଣ ଏକ—ଏକ—ଏକ ରାଷ୍ଟ୍ର: ଯେଉଁମାନେକି ପରମେଶ୍ୱରଙ୍କ ଶାସ୍ତ୍ରକୁ ଅସ୍ୱୀକାର କରନ୍ତି; ଯେଉଁମାନେକି ପବିତ୍ରଆତ୍ମାଙ୍କର ସେହି—ସେହି—ସେହି ଜୀବନକୁ କୁହନ୍ତି, ଯେ, "ଏହା ଏକ—ଏକ ମାନସିକ ଟେଲିପ୍ୟାଥୀ ଅଟେ"; ଯେଉଁମାନେକି ସେମାନଙ୍କର ନିଜର୍ ମଣ୍ଡଳୀକୁ ଆସିବା ପାଇଁ ମନା କରି ଦିଅନ୍ତି; ଏବଂ ସେମାନେ ଆପଣଙ୍କୁ ସର୍ପବଂଶ ବାବଦରେ, ଅନନ୍ତ ସୁରକ୍ଷା ବିଷୟରେ, ଏବଂ ପବିତ୍ରଆତ୍ମା ଯାହାସବୁ ପ୍ରକାଶ କରିଛନ୍ତି ଏବଂ ତାହା ବାକ୍ୟ ବୋଲି ଠିକ୍ ପ୍ରମାଣିତ କରିଛନ୍ତି, ତାହା ବିଷୟରେ ଗୋଟିଏ ଶବ୍ଦ ସୁଦ୍ଧା ଉଲ୍ଲେଖ କରିବାକୁ ଅନୁମତି ଦିଅନ୍ତି ନାହିଁ। ମୁଁ ଆହ୍ୱାନ ପରେ ଆହ୍ୱାନ ଦେଲି, ଯେ ଆସି ମୋତେ ଭୁଲ୍ ପ୍ରମାଣ କରନ୍ତୁ।

141 ସେମାନେ କ'ଣ ପାଇଛନ୍ତି? ସେହି ସମାନ ବିଷୟ ଯାହା ଲୁଥରଙ୍କ ପାଖରେ ଥିଲା, ଅବଶିଷ୍ଟ ସେମାନଙ୍କ ପାଖରେ ଥିଲା, ଦେଖନ୍ତୁ, ଗୋଟିଏ ମିସ୍ରୀୟଙ୍କୁ ଘାତ କରିବା। କ'ଣ ଉଚିତ୍...ଏହା କ'ଣ ଥିଲା? ହୋଇପାରେ ଯେ ସେ କୌଣସି ମଣିଷକୁ ଆରମ୍ଭ କରାଇଲା... ଚୋରି କରିବା ବନ୍ଦ କରାଇଲା, କିମ୍ବା ହୋଇପାରେ ନିଜର ପତ୍ନୀ ପ୍ରତି ସଚ୍ଚୋଟ ରହିବା ଆରମ୍ଭ କରାଇଲା। କିନ୍ତୁ ଆପଣ ଏଥିରୁ କ'ଣ ପ୍ରାପ୍ତ କଲେ? ଏକ ମଣ୍ଡଳୀ ସଦସ୍ୟ। "ଆସ ଏବଂ ଆମ ଦଳରେ ଯୋଗ ଦିଅ।" ବୁଝିଲେ?

142 ସେହି ଦୁର୍ଗନ୍ଧମୟ ମୃତ ବ୍ୟକ୍ତି ହିଁ କେବଳ ଏକ ବିଷୟ ଥିଲା, ଯାହାକୁ ସେ ତାଙ୍କର ସଫଳତା ବୋଲି, ଚାଳିଶ ବର୍ଷର ପ୍ରଶିକ୍ଷଣକୁ ଆଙ୍ଗୁଳି ନିର୍ଦ୍ଦେଶରେ ଦେଖାଇ ପାରିଥିଲେ; ଏକ ସଢ଼ିଥିବା ଏବଂ ମୃତ, ଦୁର୍ଗନ୍ଧମୟ ମିସ୍ରୀୟ ସେଠାରେ ପଡ଼ି ରହିଥିବାକୁ।

143 ତାହା ତ ଆଜି ରାତିରେ ଏହିପରି ଅଟେ। ଏକମାତ୍ର ବିଷୟ ଯାହାକୁ ଆମେ ସୂଚାଇ ପାରିବା, ଏହି ଉଦ୍ଦୀପନାକୁ ଯାହା ଅତିକ୍ରମ ହୋଇଅଛି (ତଥା-କଥିତ), ଏକ ଦୁର୍ଗନ୍ଧକାରୀ ମଣ୍ଡଳୀର ସଦସ୍ୟମାନଙ୍କର ପଲ ଯେଉଁମାନେକି ପରମେଶ୍ୱରଙ୍କ ବିଷୟରେ ତାହାଠାରୁ ଅଧିକ ଜାଣନ୍ତି ନାହିଁ ଯେତିକି ଜଣେ ହୋଟେଣ୍ଟଟ ଆଦିବାସୀ ମିସ୍ରୀୟ ରାତି ବିଷୟରେ

ଜାଣିଥାଏ । ଠିକ୍ । ଏହା ଯେ, ସେମାନଙ୍କୁ ପରମେଶ୍ୱରଙ୍କ ବାକ୍ୟ ବିଷୟରେ କୁହନ୍ତୁ, ସେମାନେ କୁହନ୍ତି, "ମୁଁ ତାହା ବିଶ୍ୱାସ କରେ ନାହିଁ" କୁହନ୍ତି, "ତୁମେ ଯାହା କହୁଛ ମୁଁ ସେଥିପ୍ରତି ଧ୍ୟାନ ଦିଏ ନାହିଁ, ମୁଁ ଏହାକୁ ବିଶ୍ୱାସ କରେ ନାହିଁ ।" ବୁଝିଲେ? ବୁଝିଲେ? ସମସ୍ତ ପ୍ରୟାସ ଏବଂ ସଂଘର୍ଷ ଏବଂ ଆମେ ପାଇଥିବା ସମସ୍ତକିଛି ବିଷୟ ପାଇଁ, ତାହାକୁ ପୁନର୍ବାର ସୂଚାଇବା ଏକ ଭୟାବହ ବିଷୟ ଅଟେ ।

144 ହୋଇପାରେ ଯେ ଆମେ ଏକ ବଡ ବିଦ୍ୟାଳୟକୁ ସୂଚାଇ ପାରିବା, କିନ୍ତୁ ଏହା ମୃତ ଅଟେ । ଆମେ ଏକ ସଂସ୍ଥାକୁ ସୂଚାଇ ପାରିବା, କିନ୍ତୁ ଏହା ମୃତ ଅଟେ । ଏହା ଦୁର୍ଗନ୍ଧ ହେଉଅଛି । ଏହା ତ ସେହି ପ୍ରଥମ ବିଷୟ ପରି ଅଟେ ଯାହାଠାରୁ ଆମେ ଟାଣିହୋଇ ବାହାର ହୋଇଥିଲୁ । "ଯେପରି ଏକ ଘୁଷୁରୀ କାଦୁଅରେ ଲୋଟିବାକୁ, ଏବଂ ଏକ କୁକୁର ତା'ର ବାନ୍ତି ନିକଟକୁ ଫେରି ଯାଇଥାଏ," ସେହିପରି ଅଟେ ଯେତେବେଳେ ଆମେ ଫେରି ଯାଇଥାଉ । ଗୋଟିଏ ମୃତ ମିସ୍ରୀୟ ।

145 ଏଥିରେ କୌଣସି ସନ୍ଦେହ ନାହିଁ କିନ୍ତୁ କେହି ଜଣେ କହିଲେ, "ମୋଶା, ବେଶ୍, କଅଣ ତୁମ ପାଖରେ ଆଉ ଲୋକମାନଙ୍କ ପାଇଁ ଭାବନା ନାହଁ କି? ତୁମେ ତ ଏହା କରିବା ପାଇଁ ଆହ୍ୱାନପ୍ରାପ୍ତ ଥିଲ ।" କେହିଜଣେ ଯିଏକି ମୋଶାଙ୍କୁ ଜାଣିଥିଲେ, ଏବଂ ଜାଣିଥିଲେ ଯେ ସେ ଏଥିପାଇଁ ଡକାଯାଇଥିଲେ । "ଆଉ କଅଣ ନୁହେଁ...ତୁମେ ଲୋକମାନଙ୍କ ପାଇଁ ଭାବନା ହରାଇ ଦେଇଛ କି?"

"ନା, ମହାଶୟ ।"

146 "ତେବେ, ତୁମେ *ଏହା* କରିବାକୁ, କାହିଁକି, ବାହାରୁ ନାହଁ? ଏବଂ *ଏହାକୁ* ଚେଷ୍ଟା କରିବାକୁ, ତୁମେ କାହିଁକି ଏଠାରେ ନାହଁ? ଏବଂ ତୁମେ କାହିଁକି ବାକି ଅନ୍ୟମାନଙ୍କ ସହିତ ଯାଉ ନାହଁ?"

147 ମୋଶା ସେଠାରେ ବାହାରେ ଶୂନ୍ୟ କରା ଯାଉଥିଲେ, ଯେପର୍ଯ୍ୟନ୍ତକି ତାଙ୍କର ଜଳୁଥିବା ବୁଦାଠାରେ ଏକ ଅଭିଜ୍ଞତା ପ୍ରାପ୍ତ ହେଲା ନାହିଁ, ଯାହାକି ବାକ୍ୟ ଘୋଷଣା କରିଥିଲା । "**ଆମ୍ଭେ** ଅବ୍ରହାମ, ଇସହାକ ଏବଂ ଯାକୁବଙ୍କର ପରମେଶ୍ୱର । ଏବଂ ଆମ୍ଭର ପ୍ରତିଜ୍ଞା ଆମ୍ଭର ମନେ ଅଛି । ଏବଂ ଆମ୍ଭେ ସେମାନଙ୍କୁ ଉଦ୍ଧାର କରିବାକୁ ଓହ୍ଲାଇ ଆସିଅଛୁ । ଆମ୍ଭେ ଏହା କରିବାକୁ ତୁମକୁ ପଠାଉଅଛୁ ।" ତାହା ହିଁ ତ ଏହା ଥିଲା ।

148 ସେ ସେହି ବାକ୍ୟକୁ ଦେଖିଥିଲେ, ଲୋକମାନଙ୍କର ଅଭିଳାଷ କିମ୍ବା ଲୋକମାନଙ୍କର ଇଚ୍ଛାକୁ ନୁହେଁ । ତା'ପରେ ସେ କ'ଣ ହେଲେ? ସେ ଆଉ ମିସ୍ରୀୟମାନଙ୍କ ସହିତ ମୁହାଁମୁହିଁ ହେବାକୁ ଚାହିଁଲେ ନାହିଁ । ସେ ଆଉ ଏହି ବିଷୟର ସମ୍ମୁଖିନ ହେବାକୁ ଚାହିଁଲେ ନାହିଁ । କିନ୍ତୁ ସେ ଜଣେ ବନ୍ଦୀ ହୋଇଗଲେ । ଆମେନ୍ । ଚାଳିଶ ବର୍ଷ ଦୌଡ଼ିବା, ଆପଣାକୁ ଶୂନ୍ୟ କରିଦେବା, କିନ୍ତୁ ତା'ପରେ ସେ ଜଳୁଥିବା ବୁଦାଠାରେ, ଏକ ବନ୍ଦୀ ହୋଇଗଲେ, ସେହି ଶକ୍ତିଶାଳୀ ମୋଶା ତାଙ୍କର ସମସ୍ତ ବୁଦ୍ଧିମତ୍ତା ସହିତ । ବାଇବଲ କୁହେ ଯେ ମୋଶା ମିସରରେ, କଥାରେ ବା କାର୍ଯ୍ୟରେ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ ।

149 ମାତ୍ର ଦେଖାନ୍ତୁ ଯେ ସେହି ଜ୍ୱଳନ୍ତ ବୁଦାର ଉପସ୍ଥିତିରେ ସେହି ଶକ୍ତିଶାଳୀ ଧର୍ମଶାସ୍ତ୍ରୀ କଅଣ କଲେ। ସେ କେବଳ ନିଜର ଅକ୍ଷମତାକୁ ସ୍ୱୀକାର କଲେ। ଯେତେବେଳେ ସେ ପରମେଶ୍ୱରଙ୍କ ପ୍ରକୃତ ଉଦ୍ଦେଶ୍ୟକୁ ଦେଖିଲେ, ସେ ସ୍ୱୀକାର କଲେ ଯେ ସେ ତାହା କରିବାକୁ ଅସମର୍ଥ ଅଟନ୍ତି। ତଥାପି, ସେ ସମସ୍ତ ଧର୍ମଶାସ୍ତ୍ରରେ ତାଲିମ ପ୍ରାପ୍ତ ହୋଇଥିଲେ ଯାହା ସେମାନେ ଦେଇପାରିଥିଲେ, ସେମାନଙ୍କର ଶ୍ରେଷ୍ଠ ବିଦ୍ୟାଳୟରେ ତାଲିମ ପ୍ରାପ୍ତ ହୋଇଥିଲେ। କିନ୍ତୁ, ତଥାପି, ସେ କଅଣ ବା କରିପାରିଥାନ୍ତେ ଯେତେବେଳେ ସେ...ସେହି ବୁଦା ଭିତରେ ସେହି ଅଗ୍ନିସ୍ତମ୍ଭ ଝୁଲୁଥିଲା? କହିଲେ, "ମୁଁ କଥା ମଧ୍ୟ କହି ପାରେ ନାହିଁ। ଉଁ-ହୁଁ। ପ୍ରଭୁ, ମୁଁ କିଏ, ଯେ ମୁଁ ଯିବି?" ବୁଝିଲେ?

150 "ମୋଶା, ତୁମର ଜୋତା ବାହାର କର। ମୁଁ ତୁମ ସହିତ କଥା ହେବାକୁ ଚାହେଁ। ତୁମେ ନିଜକୁ ଖାଲି କର, ଏପରିକି ଜୋତାକୁ ମଧ୍ୟ ବାହାର କରିଦିଅ। ତୁମେ—ତୁମେ ପୁଣିଥରେ ଭୂମିରେ ପଡି ରହିଛ। ମୁଁ ତୁମ ସହିତ କଥା ହେବାକୁ ଚାହେଁ।"

151 କଥା ମଧ୍ୟ କହି ପାରିଲେ ନାହିଁ। ଶେଷରେ, ଜଣେ ନିର୍ବାଚିତ ବନ୍ଦୀ, ଜଣେ ନିର୍ବାଚିତ ଭବିଷ୍ୟଦ୍‌ବକ୍ତା, ଯେପରିକି ସେହି ପାଉଲ ନିର୍ବାଚିତ ହୋଇଥିଲେ। ମୋଶା ନିର୍ବାଚିତ, ଉଦ୍ଧାରକ ଥିଲେ। ଏବଂ ତା'ପରେ, ଶେଷରେ, ପରମେଶ୍ୱର ତାଙ୍କର ମନୋନୀତ ବିଷୟକୁ ତାଙ୍କ ପାଇଁ ବନ୍ଦୀ ସ୍ୱରୂପେ ପାଇଲେ। ଓଃ, ହାଲ୍ଲିଲୁୟା! ସେ କେବଳ ସେହିପରି ହିଁ ଘୁରି ପାରିଥିଲେ ଯେପରିକି ପରମେଶ୍ୱରଙ୍କ ବାକ୍ୟ ତାଙ୍କୁ ଘୁରାଇଲା। "ମୋତେ କିଏ ପଠାଇ ଅଛନ୍ତି ବୋଲି କହିବି?"

"**ମୁଁ ସେ ଅଟେ।**"

"ମୁଁ କିପରି କରିବି?"

"ମୁଁ ତୁମ ସହିତରେ ରହିବି।"

152 "ହଁ, ପ୍ରଭୁ, ଠିକ ଯେପରି ତୁମେ କହୁଛ। ମୁଁ ଏଠାରେ ଅଛି।" ଓଃ, ମୋର ପ୍ରଭୁ! ତାହା, ସେ ଜଣେ ବନ୍ଦୀ ଅଟେ।

153 ସେ ନିଜର ଉତ୍ତମ ଚିନ୍ତାଧାରା ବିରୁଦ୍ଧରେ ଯାଆନ୍ତି। ତେବେ, ସେ ଏକ ସୈନ୍ୟବାହିନୀକୁ ନିର୍ଦ୍ଦେଶ ଦେବା ପାଇଁ ତାଲିମ ପ୍ରାପ୍ତ ହୋଇଥିଲେ। "ଖଣ୍ଡାମାନ, ଉପର କର! ମୂଖଆଡେ-କର!" ଯିବାକୁ ତାଲିମ ପ୍ରାପ୍ତ ଥିଲେ, "ରଥସବୁ, ସମସ୍ତେ କ୍ରମରେ ରୁହ! ବର୍ଚ୍ଛାସବୁ, ଆଗକୁ ରଖ! ଆକ୍ରମଣ କର!" ସେହିପରି ଭାବରେ ହିଁ ସେ ଏହାକୁ ଅଧିକାର କରିବାକୁ ଯାଉଛନ୍ତି। ତାହା ତାଙ୍କର ପ୍ରଶିକ୍ଷଣ ଥିଲା।

କିନ୍ତୁ ସେ କହିଲେ, "ମୁଁ କ'ଣ ବ୍ୟବହାର କରିବାକୁ ଯାଉଅଛି?"

ପ୍ରଭୁ କହିଲେ, "ତୁମ ହାତରେ କଅଣ ଅଛି?"

154 "ଗୋଟିଏ ବାଡ଼ି ।" ପରମେଶ୍ୱର ବେଳେବେଳେ ମନୁଷ୍ୟର ମନ ପ୍ରତି, ଏତେ ହାସ୍ୟାସ୍ପଦ କାର୍ଯ୍ୟ କରନ୍ତି । ବୁଝିଲେ? ତାଙ୍କ ହାତରେ ଏକ ବାଡି ଧରିଲେ । ଦାଢୀସବୁ ଝୁଲି ରହିଥିଲା । ଅଶୀ ବର୍ଷ ବୟସ । ତାଙ୍କ ପତ୍ନୀ ଏକ ଖଚର ଉପରେ ଥିଲେ; ପିଲାଟି ତାଙ୍କ ଜଂଘରେ ବସିଥିଲା । ଛୋଟ, ବୃଦ୍ଧ ପୃଥଳ ବାହୁଗୁଡ଼ିକ ଝୁଲୁଥିଲା; ଗୋଟିଏ ବାଡ଼ି । କେବଳ ତାଙ୍କ ମୁଣ୍ଡ ଉପରକୁ ରହିଥିଲା, କାରଣ ତାଙ୍କ ପାଖରେ **ସଦାପ୍ରଭୁ ଏହି କଥା କୁହନ୍ତି** ବାକ୍ୟ ଥିଲା । କାହିଁକି? ଅବଶେଷରେ ସେ ଲଙ୍ଗର ପାଇଥିଲେ ।

155 ସେ ଜଣେ ବନ୍ଦୀ ଥିଲେ । "ମୁଁ କେବଳ ସେତେବେଳେ ଗତି କରିବି ଯେତେବେଳେ ବାକ୍ୟ ମୋତେ ଗତି କରାଇବ । ମୁଁ କେବଳ ସେହିଠାରେ କହିବି ଯେଉଁଠାରେ ବାକ୍ୟ କହିବ ।"

"ତୁମେ କେଉଁଠାକୁ ଯାଉଅଛ?"

156 "ମୁଁ ଗୋଟିଏ ପ୍ରତ୍ୟାଦେଶ ପାଇଅଛି: ଫାରୋଙ୍କ ସମ୍ମୁଖରେ ଛିଡ଼ା ହେବି ଏବଂ ତାଙ୍କୁ ଏହି ବାଡ଼ି ଦ୍ୱାରା ଦେଖାଇବି, ଯେ ପରମେଶ୍ୱର ମୋତେ ପଠାଇଛନ୍ତି ।" ଆମେନ୍ ।

"ଏହା ପରେ ତୁମେ କ'ଣ କରିବାକୁ ଯାଉଅଛ?"

"ମୁଁ ଏହା କରିବା ପରେ, ସେ ପରବର୍ତ୍ତୀ ବିଷୟ ପ୍ରଦାନ କରିବେ ।"

157 ସେଠାରେ ଆପଣ ଅଛନ୍ତି । ଆପଣଙ୍କୁ କେବଳ ଗୋଟିଏ ବିଷୟ କରିବାକୁ ହେବ, ପ୍ରଥମ ପଦକ୍ଷେପଟି, ଆଜି ରାତି: ଆତ୍ମସମର୍ପଣ କରନ୍ତୁ, ଜଣେ ବନ୍ଦୀ ହୋଇଯାଆନ୍ତୁ । ନିଜ ବିଷୟରେ କିମ୍ବା ଅନ୍ୟ କିଛି ଭାବନ୍ତୁ ନାହିଁ । ଏକ ବନ୍ଦୀ ହୋଇଯାଆନ୍ତୁ ।

158 ମୋଶା ଏକ ବନ୍ଦୀ ହୋଇଗଲେ, ସ୍ୱୀକାର କଲେ ଯେ ସେ କଥା ମଧ୍ୟ କହିପାରନ୍ତି ନାହିଁ । ଶେଷରେ, ଯେତେବେଳେ ପରମେଶ୍ୱର ତାଙ୍କୁ ଆପଣା ହସ୍ତାଧୀନ କଲେ, ସେତେବେଳେ ସେ କେବଳ ସେଆଡେ ହିଁ ଗତି କରି ପାରୁଥିଲେ ଯେଉଁଆଡେ ପରମେଶ୍ୱର ତାଙ୍କୁ ଚଳାଉ ଥିଲେ । ଯେଉଁଠାରେ, ପରମେଶ୍ୱର ତାଙ୍କୁ ବାକ୍ୟ କହିଥିଲେ । ସେ ଜାଣିଥିଲେ ଯେ ଏହା ହେଉଛି ସେହି ବାକ୍ୟ, ତା'ପରେ ସେ ନିଜକୁ ବାକ୍ୟ ନିକଟରେ ସମର୍ପଣ କଲେ । ଏବଂ ସେଠାରେ ପବିତ୍ରଆତ୍ମା, ପରମେଶ୍ୱର, ମୋଶାଙ୍କୁ ପରମେଶ୍ୱରଙ୍କ ଇଚ୍ଛାରେ ଯୋଚି ଦେଲେ ।

159 ଠିକ୍ ସେହି ସମାନ କାର୍ଯ୍ୟ ସେ ପାଉଲଙ୍କ ପ୍ରତି ମଧ୍ୟ କରିଅଛନ୍ତି । ତାହା ଠିକ୍ ଅଟେ? ସେ ପାଉଲଙ୍କୁ ଯୋଚି ଦେଲେ; ଛୋଟ, ବଙ୍କା-ନାକ, ବ୍ୟଙ୍ଗାତ୍ମକ ଯିହୁଦୀ, ଓଃ, ପିଏଚ୍.ଡି. ଏବଂ ଏଲଏଲ.ଡି ଉପାଧି ତାଙ୍କ ଉପରେ ସବୁଆଡେ ଲେଖା ହୋଇଥିବା ସହ ସେ ଥିଲେ । କିନ୍ତୁ ପରମେଶ୍ୱର କହିଲେ, "ଆମ୍ଭେ ତାଙ୍କୁ ଦେଖାଇବାକୁ ଯାଉଅଛୁ ଯେ ସେ ବାକ୍ୟ ପାଇଁ କ'ଣ କ'ଣ କଷ୍ଟ ଭୋଗିବାକୁ ଯାଉଅଛନ୍ତି ।" ବୁଝିଲେ? ଏବଂ ସେ...

160 ଏବଂ ତା'ପରେ ପାଉଲ ସେଠାରେ ବସି ରହି ସେହି ବାକ୍ୟକୁ ଦେଖୁଥିଲେ, ଏବଂ ଦେଖିଲେ ଯେ ତାହା ଯୀଶୁ ଥିଲେ, ତା'ପରେ ସେ ନିଜର ହାତ ଉଠାଇଲେ ଏବଂ ତାଙ୍କ ନିକଟରେ ଯୋଚି ହୋଇଗଲେ । ପରମେଶ୍ୱରଙ୍କ ପ୍ରେମ ତାଙ୍କୁ ବାକ୍ୟରେ ଯୋଚି ଦେଲା ।

"ସେ ଅଣଯିହୂଦୀମାନଙ୍କ ଆଗରେ ଆମ୍ଭର ନାମକୁ ବହନ କରିବାକୁ ଯାଉଅଛି ।" ତାହାପରେ ସେ ସେଠାକୁ ଗଲେ ।

161 "ମୋଶା, **ଆମ୍ଭେ** ତୁମର ପୂର୍ବପୁରୁଷମାନଙ୍କର ପରମେଶ୍ୱର । **ଆମ୍ଭେ** ଅବ୍ରହାମ, ଇସହାକ ଏବଂ ଯାକୁବର ପରମେଶ୍ୱର । ଆମ୍ଭର ମନେ ଅଛି ଯେ ଆମ୍ଭେ ସେମାନଙ୍କୁ ପ୍ରତିଜ୍ଞା କରିଥିଲୁ, ଏବଂ ପ୍ରତିଜ୍ଞାର ସମୟ ପାଖେଇ ଆସିଛି । ଏବଂ ଆମ୍ଭେ ଆମ୍ଭର ଲୋକମାନଙ୍କର ଦୁଃଖ ଦେଖିଅଛୁ । ଆମ୍ଭର ପ୍ରତିଜ୍ଞା ଆମ୍ଭର ମନେ ଅଛି । ଏବଂ ଆମ୍ଭେ ତୁମକୁ ଯୋଚିବା ପାଇଁ ଓହ୍ଲାଇ ଆସିଅଛୁ । ବାକ୍ୟ କ'ଣ କୁହେ ତୁମେ ତାହା ଜାଣିଛ । ଆମ୍ଭେ ତୁମକୁ ସେଠାକୁ ଯିବା ପାଇଁ ଯୋଚି ଦେଇଅଛୁ, ତୁମକୁ ଶକ୍ତିଯୁକ୍ତ କରିଅଛୁ, ଯେପରିକି ସେଠାରେ ତଳକୁ ଯାଇ ଆମ୍ଭର ଲୋକମାନଙ୍କୁ ଉଦ୍ଧାର କର । ଏବଂ ସେହି ବାଡିଟିକୁ, ସାକ୍ଷୀ ଭାବରେ ନିଅ, କାରଣ ତୁମେ ଏହା ଦ୍ୱାରା ଏକ ଚମତ୍କାର ହୋଇଥିବାର ଦେଖିଅଛ ।" ଠିକ୍ ଦାଉଦଙ୍କ ପରି, ଯିଏକି ଛାଟିଣୀ ଧରିଥିଲେ । ବୁଝିଲେ?

162 ନିଜେ, ଯୋଚି ହେଲେ, ଏବଂ ସେ ତଳକୁ ଗଲେ । ଶେଷରେ, ପରମେଶ୍ୱରଙ୍କ ନିକଟରେ ଏପରି ଜଣେ ବ୍ୟକ୍ତି ଥିଲେ ଯିଏକି ତାଙ୍କ ଅଧୀନରେ ଥିଲେ, ତାଙ୍କ ନିକଟରେ ଯୋଚି ହୋଇଥିଲେ, ଏବଂ ପରମେଶ୍ୱରଙ୍କ ବାକ୍ୟ ତାଙ୍କୁ ନ ଘୁଞ୍ଚାଇବା ପର୍ଯ୍ୟନ୍ତ ଗମନାଗମନ କରି ପାରୁ ନ ଥିଲେ । ଆଜି, ଯଦି ଲୋକମାନେ କେବଳ ତାହା କରନ୍ତେ! ତା'ପରେ, ସେ ତାଙ୍କର ବନ୍ଦୀ, ପ୍ରେମର ଜଣେ ବନ୍ଦୀ, ପ୍ରେମର ବନ୍ଧନରେ, ପରମେଶ୍ୱରଙ୍କ ସହିତରେ—ସହିତରେ ବାନ୍ଧି ହୋଇଥିଲେ, ଯେପରିକି ପାଉଲ ପରମେଶ୍ୱରଙ୍କ ପ୍ରେମ ବନ୍ଧନରେ ବନ୍ଧା ହୋଇଥିଲେ ।

163 ଠିକ୍ ପାଉଲଙ୍କ ପରି, ଉଭୟେ ସମାନ ଭାବରେ ତାଲିମ ପ୍ରାପ୍ତ ହୋଇଥିଲେ । ଆପଣ ଜାଣନ୍ତି, ମୋଶା ଇସ୍ରାଏଲର ସନ୍ତାନମାନଙ୍କୁ, ସାମରିକ ଶକ୍ତି ଦ୍ୱାରା ଉଦ୍ଧାର କରିବା ପାଇଁ ତାଲିମ ପ୍ରାପ୍ତ ହୋଇଥିଲେ । ପାଉଲ ସେଦିନର ଜଗତରେ ଥିବା ତାଙ୍କର ମହାନ ଧର୍ମସଂକ୍ରାନ୍ତୀୟ ଶକ୍ତି ଦ୍ୱାରା, ସେମାନଙ୍କୁ ରୋମୀୟମାନଙ୍କ ହାତରୁ ବାହାର କରି ସେମାନଙ୍କୁ ମୁକ୍ତ କରିବା ପାଇଁ ତାଲିମ ପ୍ରାପ୍ତ ହୋଇଥିଲେ । ପ୍ରଶିକ୍ଷଣର ମହାନ ବିଦ୍ୟାଳୟମାନ, ଗମଲିୟେଲଙ୍କ ଅଧୀନରେ ବୃଦ୍ଧି ସାଧନ କରିଥିଲେ ।

164 ଏବଂ ଦୁହେଁ ମରୁଭୂମିକୁ ଯାଇଥିଲେ, ଓଁ—ହଁ; ଭିନ୍ନ ମନୁଷ୍ୟ ଭାବରେ ଫେରି ଆସିଥିଲେ । ଦୁହେଁ ଅଗ୍ନିସ୍ତମ୍ଭକୁ ଦେଖିଥିଲେ । ଏବଂ ଦୁହେଁ ଭବିଷ୍ୟଦ୍‌ବକ୍ତା ଥିଲେ । କଅଣ ତାହା ଠିକ୍? ସେମାନେ ଉଭୟେ, ଭବିଷ୍ୟଦ୍‌ବକ୍ତା ଥିଲେ । ଏବଂ ଦୁହିଁଙ୍କୁ ଅଗ୍ନିସ୍ତମ୍ଭ କଥା କହିଥିଲେ, ତାହା ଅବିକଳ ଠିକ୍, ଏକ ଉଦ୍ଧାରକାରୀ ହେବା ପାଇଁ ଆସୁଥିଲେ । ସେମାନେ ସେଠାରେ ଥିଲେ; ଏକ ମରୁଭୂମିକୁ ଗଲେ । ସେମାନଙ୍କ ଘର ଛାଡି, କିଛି ବିଷୟ ପ୍ରାପ୍ତ କରିବାକୁ ମରୁଭୂମିକୁ ଗଲେ । ପରମେଶ୍ୱରଙ୍କ ଇଚ୍ଛା ପ୍ରାପ୍ତ କରିବା ପାଇଁ, ସେମାନଙ୍କର ଲୋକମାନଙ୍କୁ ଏବଂ ସବୁକିଛିକୁ ଛାଡି ଦେଇଥିଲେ । ବୁଝିଲେ?

165 ସେମାନଙ୍କୁ ଗୋଟିଏ ମାର୍ଗରେ ତାଲିମ ଦିଆଯାଇଥିଲା; ପରମେଶ୍ୱର ସେମାନଙ୍କୁ ଏକ ଅନ୍ୟ ବିଷୟକୁ ବଦଳାଇ ଦେଲେ। ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ଏକ ବନ୍ଦୀ ହେବାକୁ ପଡିଥିଲା, ସେମାନେ ଯେପରି କରିବାକୁ ଚାହୁଁଥିଲେ ସେହିଭଳି କାର୍ଯ୍ୟ କରିବା ପାଇଁ ନୁହେଁ, ବରଂ ପରମେଶ୍ୱର ଯେପରି ଚାହୁଁଥିଲେ ସେହିଭଳି କାର୍ଯ୍ୟ କରିବା ପାଇଁ। ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି।

166 ଏଗୁଡିକ ପ୍ରସ୍ତୁତ କରିବା ପାଇଁ କଅଣ ଆମ ପାଖରେ, ଆଉ ଦଶ ମିନିଟ୍ ଅଛି କି?

167 ମୁଁ ଶୀଘ୍ର ହିଁ ଅନ୍ୟ ଏକ ଚରିତ୍ରକୁ ଯିବି। ମୁଁ ବର୍ତ୍ତମାନ ମୋ ସମ୍ମୁଖରେ ଜଣକାକୁ ଦେଖୁଛି। ତାଙ୍କର ନାମ ଯୋଷେଫ। ସେ ଜଣେ ନିର୍ବାଚିତ ପୁତ୍ର ଥିଲେ। ସେ ଯୀଶୁ ଖ୍ରୀଷ୍ଟଙ୍କର ଏକ ସିଦ୍ଧ ପ୍ରତିଚିତ୍ରଣ ଥିଲେ। ସେ ଜଣେ ଭବିଷ୍ୟଦ୍‌ବକ୍ତା ଭାବରେ ଜନ୍ମ ହୋଇଥିଲେ। ସେ ମଧ୍ୟ, ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ବୁଝିଲେ? ଆଉ ତେବେ ସେ ଦର୍ଶନ ଦେଖି ପାରୁଥିଲେ। ଏବଂ ଯେତେବେଳେ ସେ ଏକ ଛୋଟ ପିଲା ହିଁ ଥିଲେ, ସେ ନିଜ ବିଷୟରେ ଏକ ଦର୍ଶନରେ ଗୋଟିଏ ସିଂହାସନରେ ବସିଥିବାର, ଏବଂ ତାଙ୍କ ଭାଇମାନେ ତାଙ୍କୁ ପ୍ରଣାମ କରୁଥିବାର ଦେଖିଲେ। ବୁଝିଲେ? ମାତ୍ର ଦେଖନ୍ତୁ। ସେ ହୋଇଗଲେ...ସେ ଅନୁଭବ କଲେ ଯେ ସେ ଜଣେ ମହାନ ବ୍ୟକ୍ତି ଅଟନ୍ତି। ବୁଝିଲେ? ସେମାନେ ସମସ୍ତେ...

168 ମାତ୍ର ପରମେଶ୍ୱରଙ୍କୁ କଅଣ କରିବାକୁ ପଡ଼ିଥିଲା? ସେ ସେହି ସମାନ କାର୍ଯ୍ୟ କଲେ ଯାହାକି ସେ ଅନ୍ୟ ବାକିମାନଙ୍କ ସହିତ କରିଥିଲେ। କାରଣ, ମୋଶା ଜଣେ ଉଦ୍ଧାରକାରୀ ଥିଲେ, ପାଉଲ ଜଣେ ଉଦ୍ଧାରକାରୀ ଥିଲେ, ଏବଂ ଏପରିସ୍ଥଳେ ଯୋଷେଫ ଜଣେ ଉଦ୍ଧାରକର୍ତ୍ତା ଥିଲେ। ସେ ତାଙ୍କର ଲୋକମାନଙ୍କୁ ଦୁର୍ଭିକ୍ଷରୁ ରକ୍ଷା କରିଥିଲେ।

169 ପରମେଶ୍ୱରଙ୍କୁ ତାଙ୍କ ସହିତ କଅଣ କରିବାକୁ ପଡ଼ିଥିଲା? ତାଙ୍କୁ କାରାଗାରରେ ରଖିଲେ, ତାଙ୍କୁ ସିଧାସଳଖ ଠିକ କାରାଗାରକୁ ନେଇ ଗଲେ। ହଁ, ଆଜ୍ଞା। ମନେରଖନ୍ତୁ, ସେ ତାଙ୍କର ଭାଇମାନଙ୍କ ଦ୍ୱାରା, ଜଣେ ମିସରୀୟକୁ ବିକ୍ରୟ କରାଗଲେ। ଏବଂ ସେମାନେ ତାଙ୍କୁ ପୋଟୀଫରକୁ ବିକ୍ରି କରି ଦେଲେ। ଏବଂ ପୋଟୀଫର ତାଙ୍କୁ ଟିକିଏ ସ୍ୱାଧୀନତା ଦିଅନ୍ତେ, ଏବଂ, ପ୍ରଥମ ବିଷୟ ଆପଣ ଜାଣନ୍ତି, ତାହା ତାଙ୍କଠାରୁ ନିଆଯାଇଥିଲା। ଏବଂ ସେଠାରେ ସେ କାରାଗାରରେ ବସି, କାନ୍ଦୁଥିଲେ, କ୍ରନ୍ଦନ କରୁଥିଲେ। ପରମେଶ୍ୱରଙ୍କୁ ତାଙ୍କୁ ଶୂନ୍ୟ କରିବାକୁ ପଡିଥିଲା।

170 ବର୍ତ୍ତମାନ ଧ୍ୟାନଦିଅନ୍ତୁ। ମାତ୍ର, ମୁଁ ବିଶ୍ୱାସ କରେ ଯେ, ସେ, ସବୁବେଳେ, ସେହି କାରାଗାରରେ, ସେ ଏହା ମନେ ରଖିପାରିଥିଲେ ଯେ ସେହି ଦର୍ଶନଟି ଏହା କହୁଥିଲା ଯେ ସେ ଏକ ସିଂହାସନରେ ବସିବାକୁ ଯାଉଛନ୍ତି, ଏବଂ ତାଙ୍କ ଭାଇମାନେ ତାଙ୍କୁ ପ୍ରଣାମ କରିବାକୁ ଯାଉଛନ୍ତି, କାରଣ ସେ ଜାଣିଥିଲେ ଯେ ତାଙ୍କର ବରଦାନ ପରମେଶ୍ୱରଙ୍କଠାରୁ ଆସିଅଛି। ଏବଂ ସେ ଜାଣିଥିଲେ ଯେ ଏହା ଘଟିବାକୁ ହିଁ ଥିଲା।

171 ଯଦି ଆମେ କେବଳ ତାହା ଆମର ମନ ଭିତରେ, ଏବଂ ପରମେଶ୍ୱରଙ୍କ ବାକ୍ୟ ଅନୁଯାୟୀ ରଖିପାରିବା, ଯେ ଏହି ଶେଷ ଦିନରେ ସେ ଏକ ମଣ୍ଡଳୀ ପ୍ରାପ୍ତ କରିବାକୁ ଯାଉଅଛନ୍ତି, ସେ ଏକ ଗୋଷ୍ଠୀକୁ ପାଇବାକୁ ଯାଉଅଛନ୍ତି । ଏବଂ ଏହିସବୁ ବିଷୟ ଯାହା ସେ ପ୍ରତିଜ୍ଞା କରିଥିଲେ, ସେ ତାହା କରିବାକୁ ଯାଉଅଛନ୍ତି । ସେ କହିଥିଲେ ଯେ ସେ କରିବେ, ଏବଂ ଆମେ ସେହି ସମୟରେ ବାସ କରୁଅଛୁ । ଆମେ ସେଠାରେ ଅଛୁ । ସେ ମାତ୍ର ବର୍ତ୍ତମାନ ଆମକୁ ତାଙ୍କ ସହିତ ଯୋଡିହୋଇ ରହି, ପ୍ରକୃତ ବନ୍ଦୀ କରି ରଖିବାକୁ ଚେଷ୍ଟା କରୁଛନ୍ତି ।

172 କଅଣ ଆପଣମାନେ ଗାଉଥିବା ସେହି ପୁରୁଣା ଗୀତଟି ଆପଣ ଶୁଣିଛନ୍ତି, "ଏବଂ ତେବେ ମୁଁ ପରମେଶ୍ୱରଙ୍କ ସହିତ ଏକପ୍ରକାର-ବନ୍ଦ ଅଟେ"? ମୁଁ ପରମେଶ୍ୱରଙ୍କ ସହିତ ବନ୍ଦ ହେବାକୁ ଚାହେଁ । ତେବେ, ଏହିଠାରେ ହିଁ ମୁଁ ଏ ବିଷୟରେ ଚିନ୍ତା କଲି । ପରମେଶ୍ୱରଙ୍କ ସହିତ ବନ୍ଦ ହେବା, ଅନ୍ୟ କିଛି ନୁହେଁ, ଏବଂ ଆପଣ କେବଳ ସେତେବେଳେ ଗତି କରନ୍ତି ଯେତେବେଳେ ପରମେଶ୍ୱର ଆପଣଙ୍କୁ ଗତି କରିବା ପାଇଁ କୁହନ୍ତି । ଆପଣ କେବଳ ତାହା କରନ୍ତୁ ଯାହା ପରମେଶ୍ୱର କରିବା ପାଇଁ କୁହନ୍ତି, ଦେଖନ୍ତୁ, ତେବେ ଯାଇ ଆପଣ ପରମେଶ୍ୱରଙ୍କ ସହିତ ବନ୍ଦ ହୋଇଥାଆନ୍ତି ।

173 ତେବେ ମନେରଖନ୍ତୁ, ସେ ଚିନ୍ତା କରିଥିଲେ । ସେ ମଧ୍ୟ ନିଜଠାରେ, ଏକ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । ସେ ଯାହା ସମସ୍ତ ଜାଣିଥିଲେ, ସେ ଯାହାସବୁ ବୁଝିଥିଲେ, ଏବଂ ସବୁକିଛି, ସେ ଏକ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । ଏହା କାମ କରି ନ ଥିଲା । ତାଙ୍କୁ ଏପରି ଏକ ପରିସ୍ଥିତିରେ ରଖାଯାଇଥିଲା ଯେଉଁଠାରେକି କେହି ତାଙ୍କ କଥା ଶୁଣି ନ ଥିଲେ । ସେ ଜଣେ ବନ୍ଦୀ ଥିଲେ । ବୁଝିଲେ? ସେ ଏପ୍ରକାର ଏକ ପରିସ୍ଥିତିରେ ରଖାଯାଇଥିଲେ, ଯେ ଅବିଶ୍ୱାସୀମାନେ ବିଶ୍ୱାସ କରି ନ ଥିଲେ । କଅଣ ଆପଣ ବୁଝୁଛନ୍ତି ଯେ ମୋର କହିବାର ଅଭିପ୍ରାୟ କଅଣ? ତାଙ୍କର ସେବାକାର୍ଯ୍ୟ ପ୍ରଭାବ ବିହୀନ ଥିଲା । ଲୋକମାନେ ସେମାନଙ୍କର ମୁଣ୍ଡକୁ ବୁଲାଇ ଦେଇଥିଲେ । ସେମାନେ କାରାଗାରରେ ତାଙ୍କ ପ୍ରତି ଧ୍ୟାନ ଦେଲେ ନାହିଁ । ତାଙ୍କର ସେବାକାର୍ଯ୍ୟର କ'ଣ ଲାଭ ହେଲା? ସେ ହୁଏତ କାରାଗାରର ଲୁହାଦଣ୍ଡ ପାଖରେ ଛିଡ଼ା ହୋଇ ସେମାନଙ୍କ ନିକଟରେ ପ୍ରଚାର କରିପାରନ୍ତି; ସେମାନେ ରାସ୍ତାରେ କେବଳ ଚାଲି ଯାଇଥିଲେ । ବୁଝିଲେ? କିନ୍ତୁ ସେ ଜଣେ ବନ୍ଦୀ ହେଲେ । ଏବଂ ପରମେଶ୍ୱର ତାଙ୍କୁ, ଜଣେ ବନ୍ଦୀ କରି ରଖିଲେ, ଯେପର୍ଯ୍ୟନ୍ତକି ଚକ ଠିକ୍ ଭାବରେ ଗଡ଼ିଲା ନାହିଁ । କହିଲେ, "ଏଠାରେ ଆମ୍ଭର ଲୋକ ଅଟେ ।" ମହିମା! ସମ୍ପୂର୍ଣ୍ଣ ବିଫଳତା!

174 ଶେଷରେ, ପରମେଶ୍ୱର ତାଙ୍କ କାରାଗାରରେ ତାଙ୍କ ନିକଟକୁ ଆସିଲେ । ପାଉଲଙ୍କ ପରି, ଅନ୍ୟ ସମସ୍ତଙ୍କ ପରି, ସେ ତାଙ୍କ ନିକଟକୁ ଆସିଲେ । ଏବଂ ସେ ତାଙ୍କୁ ଦେଇଥିବା ସେହି ବରଦାନକୁ ତାଙ୍କୁ ସେଠାରୁ ବାହାର କରିବା ପାଇଁ, ବ୍ୟବହାର କଲେ । ତାହା ଠିକ୍ । ସେ ତାଙ୍କୁ ତାଙ୍କ କାରାଗାରରୁ ଆଣିଲେ । ସେ କଅଣ କଲେ? ସେ ତାଙ୍କୁ କାରାଗାରରୁ ଆଣିବା ମାତ୍ରେ, ତାଙ୍କୁ ରାଜା, ତାଙ୍କ ରାଜାଙ୍କ ଦ୍ୱାରା କ୍ଷମତା ଦିଆଗଲା, ଯେ ସେ ତାଙ୍କ

ପାଖରେ ବସିବେ, ଯାହାଙ୍କ ଅଧୀନରେ ସେ ଥିଲେ । ତାଙ୍କୁ କାରାଗାରରୁ ଅଣାଯାଇଥିଲା ଏବଂ କ୍ଷମତା ଦିଆଯାଇଥିଲା, ତାହା ପ୍ରତି ଯେ, ସେ ଯାହା ଯାହା କହିବେ, ତାହା ଘଟିବାକୁ ହିଁ ଥିଲା । ଆମେନ୍ ।

175 ତାଙ୍କ କାରାଗାରରେ, ସେ ନିରନ୍ତର ମନେ ରଖିଥିଲେ, ଯେ ସେ ଏକ ଉଦ୍ଦେଶ୍ୟ ପାଇଁ ଜନ୍ମ ହୋଇଥିଲେ । ସେ ଜଣେ ରାଜାଙ୍କ ପାଖରେ ବସିବାକୁ ଯାଉଥିଲେ । ବାକି ଅନ୍ୟାନ୍ୟ ସମସ୍ତେ ତାଙ୍କୁ ଆଣ୍ଠୁପାତ କରି ପ୍ରଣାମ କରିବାକୁ ଯାଉଥିଲେ । ତାଙ୍କର ଦର୍ଶନ ତାଙ୍କୁ ସେପରି କହିଥିଲା । ଆମେନ୍ । କିନ୍ତୁ ତାଙ୍କର ଦର୍ଶନ ସମ୍ପୂର୍ଣ୍ଣରୂପେ ସଫଳ ହେବା ପୂର୍ବରୁ, ତାଙ୍କୁ ଏକ ବନ୍ଦୀ ହେବାକୁ ପଡିଥିଲା । ଆମେନ୍ । ଏବଂ ତା'ପରେ ହିଁ ସେ ଜଣେ ଶାସକ ହେଲେ । ଏବଂ ଯେତେବେଳେ ସେ ତାଙ୍କ କାରାଗାରରୁ ଆସିଲେ, ଓ ପରମେଶ୍ୱରଙ୍କ ବାକ୍ୟର ଏକ ବନ୍ଦୀ ହେଲେ, ଯେ ସେ କେବଳ ତାହାହିଁ କହିପାରିଥିଲେ ଯାହା ପରମେଶ୍ୱର ତାଙ୍କ ମୁଖରେ କହିବା ପାଇଁ ରଖୁଥିଲେ, ତା'ପରେ ଯାଇ ପରମେଶ୍ୱର ତାଙ୍କ ଦେଇ ଗମନାଗମନା କରିଥିଲେ ।

176 ଧ୍ୟାନଦିଅନ୍ତୁ, ଯେ ମୋଶାଙ୍କ ପାଖରେ ନିଜ ଇଚ୍ଛାରେ, ଫାରୋଙ୍କର ଅଧିପତିମାନଙ୍କୁ ବାନ୍ଧିବା ପାଇଁ ଶକ୍ତି ଥିଲା । "ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚି ଯା ।'" ଉ-ହୁ, ଉ-ହୁ । ଫାରୋଙ୍କର ଅଧିପତିମାନଙ୍କୁ ବାନ୍ଧିବା ପାଇଁ ତାଙ୍କ ପାଖରେ ଶକ୍ତି ଥିଲା । ସେମାନେ ଡିକନ୍ ହେଉନ୍ତୁ, କିମ୍ବା ଯାଜକବୃନ୍ଦ ହେଉନ୍ତୁ, କିମ୍ବା ସେମାନେ ସେହି—ସେହି ରାଜ୍ୟ ପ୍ରତିନିଧୀ କିଅବା ସେମାନେ ଯାହାକିଛି ବି ହେଉନ୍ତୁ । ସେ କହିଲେ, "ମୁଁ ତୁମକୁ ବାନ୍ଧୁଛି," ଏବଂ ସେମାନେ ବନ୍ଧା ହେଉଥିଲେ । ତାହା ସେପରି ଥିଲା । ସେ ନିଜ ଇଚ୍ଛାରେ, ନିଜ କଥାରେ ଏହା କରିପାରୁଥିଲେ । ଆମେନ୍ । ପରମେଶ୍ୱରଙ୍କ ଗୌରବ ହେଉ!

ଓଃ, ମୋ ପାଖରେ ଆଉ ମାତ୍ର ତିନି ମିନିଟ୍ ଅଛି, ତେଣୁ ମୁଁ ମୋର କଥାକୁ ରକ୍ଷା କରିବି ।

177 ତେବେ ଆମେ ଜାଣିବାକୁ ପାଉ, ଯେ ସେ—ସେ କଏଦୀଠାରୁ ଆରମ୍ଭ କରି ଜଗତ ପର୍ଯ୍ୟନ୍ତ, ପରମେଶ୍ୱରଙ୍କ ପାଇଁ ଜଣେ ବନ୍ଦୀ ହୋଇଥିଲେ । ଠାରୁ…ପାଉଲ, ସେହି ସମାନ ଭାବରେ । ଏବଂ ମୋଶା, ସେହିଭଳି, ଜଣେ ବନ୍ଦୀଠାରୁ ଆରମ୍ଭ କରି ନିଜ ଚିନ୍ତାଧାରା ପର୍ଯ୍ୟନ୍ତ, ପରମେଶ୍ୱରଙ୍କ ପାଇଁ ଜଣେ ବନ୍ଦୀ ଥିଲେ । ଏବଂ ଯେତେବେଳେ ସେ ବାହାରି ଆସିଲେ, ସେତେବେଳେ ତାଙ୍କ ପାଖରେ ପରମେଶ୍ୱରଙ୍କ ଶକ୍ତି ଥିଲା । ଏବଂ ଯେତେବେଳେ ସେ ପାଉଲ ହେଲେ…ଯେତେବେଳେ ମୋଶାଙ୍କ ନିଜ ଚିନ୍ତାଧାରା, ସେ ଏହାକୁ ସମର୍ପଣ କଲେ, ଏବଂ ଏଥିରୁ ଶୂନ୍ୟ ହେଲେ, ସେ ଖ୍ରୀଷ୍ଟଙ୍କ ବାକ୍ୟ ପ୍ରତି ଏକ ବନ୍ଦୀ ହେଲେ । କେବଳ ସେ ସ୍ଥାନକୁ ଯାଇପାରୁଥିଲେ ଯେଉଁଠାକୁକି…

ଆପଣ କହିବେ, "ଖ୍ରୀଷ୍ଟ?"

178 "ସେ ମିସରର ଧନ ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବାକୁ ଶ୍ରେଷ୍ଠତର ଧନ ବୋଲି ମନେ କଲେ ।" ତେଣୁ ସେ ଖ୍ରୀଷ୍ଟଙ୍କ ପାଇଁ ଜଣେ ବନ୍ଦୀ ଥିଲେ, ଠିକ୍ ଯେପରିକି ପାଉଲ ଥିଲେ ।

179 ମନେରଖନ୍ତୁ, ସେମାନେ ତିନିଜଣ ଯାକ ଭବିଷ୍ୟଦ୍‌ବକ୍ତା ଥିଲେ । ବୁଝିଲେ? ଏବଂ ପରମେଶ୍ୱରଙ୍କ ଇଚ୍ଛା ଏବଂ ମାର୍ଗରେ ବନ୍ଦୀ ହେବା ପାଇଁ, ସେମାନଙ୍କୁ ନିଜ ଚିନ୍ତାଧାରାରୁ ଶୁନ୍ୟ ହେବାକୁ ପଡିଥିଲା ।

180 ତା'ପରେ ଆମେ ମନେରଖୁ, ତେବେ, ତାଙ୍କ ପାଖରେ ଯେ ତାଙ୍କ ନିଜ କଥା ଅନୁସାରେ, ବାନ୍ଧିବାର ଶକ୍ତି ରହିଥିଲା । ତାଙ୍କ ନିଜ କଥାରେ, ତାଙ୍କ ପାଖରେ ମୁକ୍ତ କରିବାର ଶକ୍ତି ଥିଲା । ସେ କହିପାରିଥିଲେ, "ମୋର ରାଜାଙ୍କ ନାମରେ, ମୁଁ ତୁମକୁ ମୁକ୍ତ କରେ ।" ଆମେନ୍ । ଫାରୋ ଯୋଷେଫଙ୍କୁ ତାଙ୍କର ପୁତ୍ର କରିଥିଲେ ।

181 ଖ୍ରୀଷ୍ଟ ତାହାଙ୍କର ପୁତ୍ରଗଣଙ୍କୁ, ତାହାଙ୍କର ପ୍ରେମର ବନ୍ଦୀ, କରନ୍ତି । ଏବଂ ସେ ସେମାନଙ୍କୁ ସେହି ସମାନ ଶକ୍ତି, ସେହି ସମାନ ବିଷୟ ଯାହା ତାହାଙ୍କଠାରେ ଥିଲା ପ୍ରଦାନ କରନ୍ତି । ସାଧୁ ଯୋହନ 14:12, "ଯିଏ ମୋ ଠାରେ ବିଶ୍ୱାସ କରେ," ଦେଖନ୍ତୁ, "ମୁଁ ଯେଉଁ କାର୍ଯ୍ୟ କରେ, ସେ ମଧ୍ୟ କରିବ । ବରଂ ଏହାଠାରୁ ଅଧିକ ମଧ୍ୟ ସେ କରିବ ।" ତେବେ ଖ୍ରୀଷ୍ଟଙ୍କ ପ୍ରେମର ବନ୍ଦୀ ତାଙ୍କ ରାଜାଙ୍କ ଦ୍ୱାରା, ଯିଏକି ଖ୍ରୀଷ୍ଟ ଶକ୍ତି ପ୍ରାପ୍ତ ହୁଅନ୍ତି । ଆମେନ୍ । "ଆଉ ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚି ଯା,' ଏବଂ ନିଜ ହୃଦୟରେ ସନ୍ଦେହ ନ କର, ମାତ୍ର ବିଶ୍ୱାସ କର ଯେ ତୁମେ ଯାହା କହିଛ ତାହା ସଫଳ ହେବ, ତାହାହେଲେ ତୁମେ ଯାହା କହିଛ ତାହା ପ୍ରାପ୍ତ ହେବ । ଯଦି ତୁମ୍ଭେ ମୋ'ଠାରେ ରୁହ, ଏବଂ ମୋର ବାକ୍ୟ ତୁମଠାରେ ରୁହେ; ଯଦି ତୁମେ ମୋ ସହିତ ଯୁଆଳିରେ ଯୋତା ଯାଇଅଛ," କାରଣ ସେ ଏବଂ ତାହାଙ୍କର ବାକ୍ୟ ସମାନ ଅଟେ । "ଆରମ୍ଭରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତ ଥିଲା । ବାକ୍ୟ ଦେହବନ୍ତ ହେଲା ଏବଂ ଆମ ମଧ୍ୟରେ ବାସ କଲା । କାଲି, ଆଜି, ଏବଂ ଚିରକାଳ ସମାନ! ଯଦି ତୁମେ ମୋ'ଠାରେ ରୁହ," *ଏଠାରେ* ଏବଂ *ସେଠାରେ* ନୁହେଁ, "ମୋ'ଠାରେ ରୁହ, ଏବଂ ମୋ ବାକ୍ୟ ତୁମଠାରେ ରୁହେ; ତୁମର ଯାହା ଇଚ୍ଛା ମାଗ, କିମ୍ବା ତୁମର ଯାହା ଇଚ୍ଛା ତାହା କୁହ, ଏହା ତୁମ ପାଇଁ ହୋଇଯିବ ।" ତାଙ୍କ ପାଖରେ ଶକ୍ତି ଥିଲା ।

182 ଧ୍ୟାନଦିଅନ୍ତୁ, ସେ ବାହାରକୁ ଆସିବା ପୂର୍ବରୁ, ତାଙ୍କୁ ବାହାରକୁ ନିଆଯିବାକୁ ଓ ଛେଦନ ହେବାକୁ ପଡିଥିଲା । ସେ ତାଙ୍କର ରାଜାଙ୍କୁ ଭେଟି ପାରିବା ପୂର୍ବରୁ କେତୋଟି ବିଷୟରୁ ତାଙ୍କୁ ଅଲଗା ହେବାକୁ ପଡିଥିଲା । ବୁଝିଲେ?

183 ଓଃ, ପରମେଶ୍ୱର ବେଳେବେଳେ ନିଜ ଲୋକମାନଙ୍କୁ ସେହିପରି ବାହାରକୁ ନେଇଯାଆନ୍ତି, ଏବଂ ସେମାନଙ୍କର ନିଜ ଇଚ୍ଛା ମଧ୍ୟରୁ କେତେକକୁ ଛେଦନ କରିଦିଅନ୍ତି, ସେମାନଙ୍କୁ ଦେଖାନ୍ତି ଯେ ସେମାନେ ଯାହା କରିବାକୁ ଇଚ୍ଛା କରନ୍ତି ସେମାନେ ମାତ୍ର ତାହା କରିପାରିବେ ନାହିଁ । ଆପଣ ଜାଣନ୍ତି ଯେ ମୋର କହିବାର ଅର୍ଥ କଅଣ । ସେମାନେ ଯାହା କରିବାକୁ ଚାହାଁନ୍ତି ତାହା କରିବାକୁ ସେମାନଙ୍କର—ସେମାନଙ୍କର ସ୍ୱାଧୀନତା ନାହିଁ । ସେମାନେ ପୂର୍ଣ୍ଣ କ୍ଷମତାକୁ ଆସିପାରିବା ପୂର୍ବରୁ ଏବଂ ଖ୍ରୀଷ୍ଟଙ୍କ ପ୍ରେମର-ଦାସ ହୋଇପାରିବା ପୂର୍ବରୁ, ସେମାନଙ୍କୁ ଛେଦନ କରାଯିବାକୁ ଅଛି ଏବଂ ତାହାପରେ ଉପସ୍ଥାପିତ କରାଯିବାକୁ

ଅଛି । ବେଳେବେଳେ ସେ ସେମାନଙ୍କୁ ତାହା କରିବା ପାଇଁ, ସେମାନଙ୍କୁ ଛେଦନ କରିବାକୁ, ମରୁଭୂମିକୁ ନେଇଯାଆନ୍ତି । ଏବଂ ତାହାପରେ ସେମାନଙ୍କୁ, ସେହି ଅଭିଷିକ୍ତ ଜଣଙ୍କୁ, ସେହି ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବା ପାଇଁ ବାହାରକୁ ଆଣନ୍ତି ଯେଉଁ ଉଦ୍ଦେଶ୍ୟକି ସେ ସେମାନଙ୍କ ପାଇଁ ନିଯୁକ୍ତ କରିଛନ୍ତି । କ'ଣ ଆପଣ ବୁଝିଲେ ଯାହା ମୁଁ କହୁଅଛି?

ଭାଇମାନେ, ଆମେ ଶେଷ ସମୟରେ ଅଛୁ ।

184 ମନେରଖନ୍ତୁ, ଅନ୍ୟ ସମସ୍ତ ସମୟରେ, ସେ ଯାହା କରିଅଛନ୍ତି । ତାହାଙ୍କୁ ସର୍ବଦା ଜଣେ ବ୍ୟକ୍ତିଙ୍କୁ ନେଇ ନିଜ ନିମନ୍ତେ ଏକ ବନ୍ଦୀ କରିବାକୁ ପଡ଼ିଥିଲା, ସେହି ବ୍ୟକ୍ତିକୁ ତାହାର ନିଜ ବିଷୟକୁ ପରିତ୍ୟାଗ କରିବାକୁ ପଡିଥାଏ । ସେ ଜାଣିଥିବା ସମସ୍ତ ବିଷୟକୁ ତ୍ୟାଗ କରିବାକୁ ପଡିଥାଏ, ତାଙ୍କର ସମସ୍ତ ପ୍ରଶିକ୍ଷଣ ବିଷୟକୁ, ସବୁକିଛିକୁ ଭୁଲିବାକୁ ପଡିଥାଏ, ଯେପରିକି ପରମେଶ୍ୱରଙ୍କ ଇଚ୍ଛାକୁ ଜାଣନ୍ତି ଏବଂ ପରମେଶ୍ୱରଙ୍କୁ ଅନୁସରଣ କରନ୍ତି ।

185 ସେ ଏପରି କୌଣସି ବିଷୟକୁ ଯାହାକି ସମାନ ସମୟରେ, ମଣିଷର ଏବଂ ପରମେଶ୍ୱରଙ୍କର ଅଟେ, ତାହା ଅନୁସରଣ କରିପାରିବ ନାହିଁ । ଏହା ତ ଜଣେ ଅନ୍ୟ ପ୍ରତି, ଅତ୍ୟନ୍ତ ବିପରୀତ ଅଟେ । ଆପଣ ଗୋଟିଏ ସମୟରେ ପୂର୍ବ ଏବଂ ପଶ୍ଚିମକୁ ଯାଇପାରନ୍ତି ନାହିଁ । ଆପଣ ଗୋଟିଏ ସମୟରେ ଡାହାଣ ଏବଂ ବାମକୁ ଯାଇପାରନ୍ତି ନାହିଁ । ଆପଣ ଗୋଟିଏ ସମୟରେ ଠିକ୍ ଏବଂ ଭୁଲ୍ କରିପାରନ୍ତି ନାହିଁ । ଆପଣ ଗୋଟିଏ ସମୟରେ ମଣିଷ ଏବଂ ପରମେଶ୍ୱରଙ୍କୁ ଅନୁସରଣ କରିପାରନ୍ତି ନାହିଁ । ନା, ମହାଶୟ । ଆପଣ ହୁଏତ ପରମେଶ୍ୱରଙ୍କୁ ଅନୁସରଣ କରୁଛନ୍ତି କିମ୍ବା ମଣିଷକୁ ଅନୁସରଣ କରୁଛନ୍ତି ।

186 ବର୍ତ୍ତମାନ, ତେବେ, ଯଦି ଆପଣ ପରମେଶ୍ୱରଙ୍କୁ ଅନୁସରଣ କରୁଛନ୍ତି ଏବଂ ନିଜକୁ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରିଛନ୍ତି, ତେବେ ଆପଣ ସେହି ପରମେଶ୍ୱରଙ୍କ ନିକଟରେ, ସେହି ବାକ୍ୟ, ସେହି ଇଚ୍ଛା ପାଇଁ ଜଣେ ବନ୍ଦୀ ହୋଇଯାଆନ୍ତି । ଅନ୍ୟ କେହି ଯାହା ବି କଥା କୁହନ୍ତି ଏଥିରେ କିଛି ଯାଏ ଆସେ ନାହିଁ, ଆପଣ ତ ଏଥିପ୍ରତି ଜଣେ—ଜଣେ ବନ୍ଦୀ ହୋଇଯାଆନ୍ତି ।

187 ଶୁଣନ୍ତୁ । ଆମେ ଶେଷ ସମୟରେ ଅଛୁ । ଏବଂ ମୁଁ ଏହାକୁ ଆଦର ଏବଂ ସମ୍ମାନ ସହିତରେ କହିବି, ଯେତେବେଳେକି ଶେଷ କେତେକ ମିନିଟ୍ ଅତିକ୍ରମ କରୁଛି । ଦେଖନ୍ତୁ । ମୋ ମତରେ, ପରମେଶ୍ୱର ଯାହା କରିବେ, ଏବଂ ନିଶ୍ଚିତରେ କରିବା ଉଚିତ୍, ଆଉ ଏହି ଶେଷ ଦିନରେ କରିବେ, ତାହା ହେଉଛି ଅମଳ ବା ଶସ୍ୟସଂଗ୍ରହ ପାଇଁ ଏକ ଉପକରଣ ଖୋଜିବା । ଭୂମିକୁ ସଫା କରିବା ପାଇଁ, ତାହାଙ୍କୁ ଏକ ଉପକରଣ ଖୋଜିବାକୁ ଅଛି । ଯେକୌଣସି କୃଷକ, ଯେତେବେଳେ ସେ ତାଙ୍କର ଅମଳ କରିବାକୁ ଯାଆନ୍ତି, ସେତେବେଳେ ତାହା କରିବା ପାଇଁ ତାଙ୍କୁ ଏକ ଉପକରଣ ରଖିବା ଆବଶ୍ୟକ; ନିଶ୍ଚିତରେ, ଶସ୍ୟକୁ ଝାଡିବା ପାଇଁ ତାଙ୍କୁ ଏକ ତୀକ୍ଷ୍ଣ ଦାଆ, କିମ୍ବା ସେପରି କିଛି, କିଛି ଯନ୍ତ୍ର ରଖିବାକୁ ଅଛି । ଏବଂ ଫସଲ ତ ପାଚିଗଲାଣି ।

188 ପରମେଶ୍ୱର, ଆମକୁ ତୁମ ହାତରେ ନିଅ । ଆମକୁ ତୁମ ପ୍ରେମର ବନ୍ଧକ-ଦାସ କର । ଆଜି ଆମେ ରହୁଥିବା ଏହି ପାପପୂର୍ଣ୍ଣ, ଅଭିଶପ୍ତ ପୃଥିବୀକୁ ହୃଦୟଙ୍ଗମ କରାଇବାକୁ, ଆମକୁ ସାଧନ ରୁପେ ବ୍ୟବହାର କର, ଯେ ଯୀଶୁ ଖ୍ରୀଷ୍ଟ କାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି ।

189 ମୋ ନିଜ ପାଇଁ, ପରମେଶ୍ୱର, ମୋତେ ଏକ ବନ୍ଦୀ ହେବାକୁ ଦିଅ । ଯଦି ମୋର ସମସ୍ତ ଭାଇ ମୋତେ ପ୍ରତ୍ୟାଖ୍ୟାନ କରି ଦିଅନ୍ତି, ଯଦି ମୋର ସମସ୍ତ ବନ୍ଧୁ ମୋତେ ପ୍ରତ୍ୟାଖ୍ୟାନ କରି ଦିଅନ୍ତି, ତଥାପି ମୁଁ ଯୀଶୁ ଖ୍ରୀଷ୍ଟ ଏବଂ ତାହାଙ୍କ ବାକ୍ୟର ଏକ ବନ୍ଦୀ ହେବାକୁ ଚାହେଁ, ଯେପରିକି ମୁଁ ପବିତ୍ରଆତ୍ମାଙ୍କ ଦ୍ୱାରା, ତାହାଙ୍କ ବାକ୍ୟରେ ଯୋଚା ଯାଇପାରେ, ଏହା ଦେଖିବା ପାଇଁ ଯେ ପବିତ୍ରଆତ୍ମା ପରମେଶ୍ୱରଙ୍କ ବାକ୍ୟକୁ ସେହି ସମାନ ବିଷୟ ଦ୍ୱାରା ସୁନିଶ୍ଚିତ କରୁଛନ୍ତି ଯାହା ସେ କରିବେ ବୋଲି କହିଥିଲେ । ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଏକ ବନ୍ଦୀ ହେବାକୁ ଚାହୁଁଛି ।

ଆସନ୍ତୁ ପ୍ରାର୍ଥନା କରିବା ।

190 ଆଜି ରାତି, ମୁଣ୍ଡ ନୁଆଁଇ, ମୁଁ ଆଶ୍ଚର୍ଯ୍ୟ କରେ, ଯେ ଯଦି ସେହି ଅଭିଳାଷ ଯାହାକି ଆମର ଅଛି, ଅନ୍ୟ କିଛି ଗୋଟାଏ ହେବାର, କିମ୍ବା ବୋଧହୁଏ ଏପରି କିଛି ବିଷୟର ଯାହାକି ଆମେ ଭାବିପାରିବା, ଏକ ସ୍ୱାର୍ଥପର ବିଷୟ ହୋଇପାରେ, ମୁଁ ଆଶ୍ଚର୍ଯ୍ୟ ମଣେ ଯେ ଆମେ ତାହାକୁ କେଜାଣି ଏକପ୍ରକାର ପାର୍ଶ୍ୱରେ ରଖିପାରିବା ନାହିଁ କି ।

191 ମୁଁ ଭାବୁଛି ଯଦି ଏଠାରେ କୌଣସି ଯୁବକ, ଆଜି ରାତିରେ, ଚାରିପାଖକୁ ଦେଖି, କୁହନ୍ତି, "ମୁଁ ହେବାକୁ ଯାଉଛି, ଯେତେବେଳେ ମୁଁ ବଡ଼ ହେବି, ମୁଁ ଏକ *ନିର୍ଦ୍ଦିଷ୍ଟ-ନିର୍ଦ୍ଦିଷ୍ଟ* ବିଷୟ ହେବାକୁ ଯାଉଛି ।" ମୁଁ ଭାବେ ଯଦି ଆପଣ ନିଜ ଜୀବନରେ ପରମେଶ୍ୱରଙ୍କ ସେହି ଇଚ୍ଛାକୁ ଅନୁଭବ କରିପାରିବେ, ଏବଂ କହି ପାରିବେ, "ନା, ନା । ଉ-ହୁ, ହୁ-ଉ । ମୁଁ—ମୁଁ...ମୋର ଅଭିଳାଷମାନ ବର୍ତ୍ତମାନ ନଷ୍ଟ ହୋଇଯାଇଛି । ଗତ କିଛିଦିନ ହେବ, ପବିତ୍ରଆତ୍ମା ମୋ ସହିତ କଥା ହେଉଅଛନ୍ତି । ମୁଁ—ମୁଁ—ମୁଁ—ମୁଁ ନିଜକୁ ପରମେଶ୍ୱରଙ୍କ ନିକଟରେ ସମର୍ପଣ କରିବାକୁ ଚାହୁଁଛି, ଯେ ଏହି ଶେଷ ଦିନର ଏକ ସଫେଇକାରୀ ଉପକରଣ ହେବି ।"

192 କୌଣସି ଯୁବା ଝିଅ ଯାହା ପାଖରେ ହୁଏତ ଏକ ସୁନ୍ଦର ମହିଳାର ଚରିତ୍ରର ଅଭିଳାଷ ଥାଇପାରେ, କିମ୍ବା—କିମ୍ବା ବୋଧହୁଏ ଏକ ସୁନ୍ଦର ଛୋଟ ମିସ୍ ହେବାକୁ, କିଅବା ହୁଏତ ଦିନେ ହଲିଉଡ ସିନେମା ଜଗତକୁ ନିଜର ପେଶା କରିବାକୁ, ମୁଁ—ମୁଁ ଆଶ୍ଚର୍ଯ୍ୟ କରୁଛି ଯେ ଆପଣ ବର୍ତ୍ତମାନ ପରମେଶ୍ୱରଙ୍କ ଉପସ୍ଥିତିରେ ଏବଂ ତାହାଙ୍କର ବାକ୍ୟରେ ନିଜର ଅଭିଳାଷକୁ ସମର୍ପିତ କରିବାକୁ ଇଚ୍ଛା କରୁ ନାହାଁନ୍ତି କି, ନିଜ ଜୀବନରେ ପରମେଶ୍ୱରଙ୍କ ଡାକ ଶୁଣିବାକୁ ଇଚ୍ଛା କରୁ ନାହାଁନ୍ତି କି । ପରମେଶ୍ୱର ଜାଣନ୍ତି ଆପଣ କିଏ ଅଟନ୍ତି ।

193 ମୁଁ ଆଶ୍ଚର୍ଯ୍ୟ ମଣେ ଯେ ଯଦି ଜଣେ ସେବକ ଘନିଷ୍ଠ, କିମ୍ବା ଜଣେ ଦାସ, ମଣ୍ଡଳୀର କୌଣସି ସ୍ଥାନରେ ଜଣେ କାର୍ଯ୍ୟକାରୀ ଅଛନ୍ତି କି । ମୁଁ ତ ମାତ୍ର ବେଳେ ବେଳେ, ଏଠାକୁ ଆସେ । ମୁଁ—ମୁଁ ଆଜି ରାତିରେ, ଏଠାରେ ବସିଥିବା ଲୋକମାନଙ୍କ ମଧ୍ୟରୁ ଏକ-ତୃତୀୟାଂଶଙ୍କୁ ଜାଣେ ନାହିଁ, କିନ୍ତୁ ମୁଁ... ଏହି ଅଳ୍ପ କେତେକ ହାତଗଣତି ଯାହାକି ଏଠାରେ ଅଛନ୍ତି । ମୁଁ ଆଶ୍ଚର୍ଯ୍ୟ

କରେ ଯେ ଏପରି ଜଣେ ବ୍ୟକ୍ତି ଥିବେ କି, ଯାହାକୁ ଆପଣ ଏହା କହିବାକୁ ଇଚ୍ଛା କରିବେ, "କେହି ଯାହା ବି କୁହନ୍ତି ମୁଁ ସେଥିପ୍ରତି ଧ୍ୟାନ ଦିଏ ନାହିଁ । ମୁଁ ବର୍ତ୍ତମାନ ପରମେଶ୍ୱରଙ୍କର ଗୋଲାମ ଅଟେ । ମୁଁ—ମୁଁ—ମୁଁ ଯେକୌଣସି ଭାବେ, ତାହାଙ୍କର ବାକ୍ୟକୁ ପ୍ରଚାର କରିବାକୁ ଯାଉଛି । ମୁଁ ପରବାହ କରେ ନାହିଁ ଯେ, ମୋର—ମୋର ସଂସ୍ଥା ମୋତେ ବାହାର କରି ଦିଏ, ମୁଁ ତଥାପି ସେହି ବାକ୍ୟ ସହିତରେ ରହିବାକୁ ଯାଉଛି । ମୁଁ—ମୁଁ ଏହା କରିବାକୁ ଯାଉଛି । ମୋର ଇଚ୍ଛା ହେଉଛି ପରମେଶ୍ୱରଙ୍କର ଇଚ୍ଛା । ପରମେଶ୍ୱରଙ୍କର ଇଚ୍ଛା ମୋର ଇଚ୍ଛା ଅଟେ । ମୁଁ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଜଣେ ବନ୍ଦୀ ହେବାକୁ ଯାଉଛି । ତାହାଙ୍କର ଅନୁଗ୍ରହ ଏବଂ ସାହାଯ୍ୟ ଦ୍ୱାରା, ମୁଁ ତାହା କରିବି ।"

194 ଆମେ ମୁଣ୍ଡ ନୁଆଁଇଥିବା ବେଳେ, ଏହା ବିଷୟରେ ଚିନ୍ତା କରନ୍ତୁ । ଆଜି ରାତିରେ, କେତେ ଜଣଙ୍କ ପାଖରେ ସେହି ଉଚ୍ଚାଅଭିଳାଷ ଅଛି? ଆପଣ ହାତ ଉଠାଇବେ କି । ମୋର ମଧ୍ୟ, ତାହା ଅଟେ । ମୁଁ ସମସ୍ତକିଛି ସମର୍ପଣ କରେ । ତେବେ ଆମମାନଙ୍କର ମୁଣ୍ଡ ନୁଆଁଇ ଥିବା ବେଳେ, ଧୀରେ ଧୀରେ ବର୍ତ୍ତମାନ, ଯେତେବେଳେ ଆପଣ ଏହା ଉପରେ ବର୍ତ୍ତମାନ ଚିନ୍ତା କରନ୍ତି, ଯେତେବେଳେ ଆପଣ ପ୍ରାର୍ଥନା କରନ୍ତି ।

> ମୁଁ ସମସ୍ତକିଛି ସମର୍ପଣ କରେ,
> ମୁଁ ସମସ୍ତକିଛି ସମର୍ପଣ କରେ,
> ମୋର ଧନ୍ୟ ତ୍ରାଣକର୍ତ୍ତା, ସମସ୍ତକିଛି ତୁମ ନିକଟରେ,
> ମୁଁ ସମସ୍ତକିଛି ସମର୍ପଣ କରେ ।
>
> ମୁଁ ସମର୍ପଣ-...

195 କଅଣ ଆପଣଙ୍କର ପ୍ରକୃତରେ ତାହା ଅଭିପ୍ରାୟ କି? "ମୁଁ ଜଣେ ବନ୍ଦୀ ହେବାକୁ ଚାହୁଁଛି ।"

> ମୁଁ...

"ହେ ପ୍ରଭୁ, ମୋତେ ନିଅ । ଆଜି ରାତିରେ, ମୋତେ କୁମ୍ଭାର ଘରକୁ ନେଇଯାଅ । ମୋତେ ସମ୍ପୂର୍ଣ୍ଣ ଭାଙ୍ଗି ଦିଅ, ଏବଂ ମୋତେ ପୁନର୍ବାର ଗଢି ପକାଅ...?..."

> ...ମୋର ଧନ୍ୟ ତ୍ରାଣକର୍ତ୍ତା, ତୁମ ନିକଟରେ,
> ମୁଁ ସମସ୍ତକିଛି ସମର୍ପଣ କରେ ।

196 ସ୍ୱର୍ଗସ୍ଥ ପିତା, ଯେତେବେଳେ କି ଗୀତଟି ଚାଲୁ ରହିଛି, ମୁଁ ଭାବେ ଯେ ଏହି ସମୟରେ ଏହା ସର୍ବାଧିକ ଲାଭଦାୟକ ଅଟେ, ଯେ ମୁଁ—ମୁଁ ଗୀତଟିର ମଧ୍ୟ ଭାଗରେ ଆସେ ଏବଂ ତୁମ ସହିତ କିଛି ସମୟ କଥା ହୁଏ । ଯେତେବେଳେ ଲୋକମାନେ ଭାବୁଛନ୍ତି, "ମୁଁ ସମସ୍ତକିଛି ସମର୍ପଣ କରେ," ପିତା, ଆମେ ଏହା କରୁ, ଏହା ଭାବି ଯେପରିକି ଏହା କରିବା ଆମର ଶେଷ ସୁଯୋଗ ଅଟେ । ଆମେ ସମସ୍ତେ ନିଷ୍ଠାପରତାର ସହିତ ଆସୁ, ପ୍ରଭୁଙ୍କ ମେଜ ନିକଟକୁ ଆସୁ, ଯେପରିକି

ଏହା ଥିଲା, ଧୌତ ପୋଷାକ, ଧୌତ ପ୍ରାଣ, ଧୌତ ଇଚ୍ଛା, ଧୌତ ଅଭିଳାଷ, ସହିତ ଆପଣା-ଆପଣାକୁ ସମର୍ପଣ କରୁ ।

197 ଏବଂ ପରମେଶ୍ୱର ତାଙ୍କ ବାକ୍ୟକୁ ଗ୍ରହଣ କରନ୍ତୁ, ପରମେଶ୍ୱରଙ୍କ ବାକ୍ୟ ସହିତ, ଆମକୁ ଏକତ୍ର ଜୁଆଳିରେ ଯୋଚନ୍ତୁ । ଏବଂ ପବିତ୍ରଆତ୍ମା ଆମକୁ ବର୍ତ୍ତମାନ ନେଇଯାଆନ୍ତୁ, ଯେତେବେଳେକି ଆମେମାନେ ନିଜ ହୃଦୟରେ ଯୁଆଳିର ଟିକ୍ ଟିକ୍ ଶବ୍ଦକୁ ଶୁଣୁ, "ଆଜି ରାତିରୁ, ମୁଁ ତୁମକୁ ତୁମ ବାକ୍ୟରେ ଗ୍ରହଣ କରେ । ତେବେ ତୁମର ନିଜର ଚିନ୍ତାଧାରା ଭାବ ନାହିଁ । ମୋହର ଚିନ୍ତାଧାରା ଭାବ । ମୋହର ଇଚ୍ଛାକୁ ଭାବ । ମୁଁ ତୁମକୁ କଢ଼େଇ ନେବି ।" ପରମେଶ୍ୱର, ପ୍ରଦାନ କର ଯେ ଏହା ଆମ ସମସ୍ତଙ୍କ ପାଇଁ ଏକ ଅନୁଭୂତି ହେବ ।

198 ଏହି ଯୁବାବର୍ଗ ଏଠାରେ ବସିଛନ୍ତି; ସ୍ୱାମୀ ଏବଂ ସ୍ତ୍ରୀ; ଆଉ କେତେକେ ସ୍ୱାମୀ ଓ ସ୍ତ୍ରୀ ହେବାକୁ ଯାଉଛନ୍ତି । ଏଠାରେ ବୟସ୍କ ପୁରୁଷମାନେ ବସିଛନ୍ତି, ଯେଉଁମାନେକି ସେବକ ଅଟନ୍ତି, ଯେଉଁମାନେ ମାର୍ଗରେ ରହି ଆସିଛନ୍ତି । ଏବଂ, ପ୍ରଭୁ, ଏଠାରେ ଭାଇ ନେଭିଲ ଅଛନ୍ତି, ମୁଁ, ସିଡ଼ି ଉପରକୁ ଯାଉଅଛି । ଆମର ଦିନଗୁଡିକ ବର୍ତ୍ତମାନ ଗଣନା କରାଯାଇଅଛି । ଆମେ ଯାହା କରିଥିଲୁ ତା'ଠାରୁ ଆମର ପଦକ୍ଷେପଗୁଡ଼ିକ ଅଧିକ ଯତ୍ନବାନ କରା ଯାଇଅଛି । ଆମେ କେଉଁଠି ପାଦ ରଖୁଛୁ ତାହା ଲକ୍ଷ୍ୟ କରୁ । ଆମେ ପୂର୍ବରୁ ଯେପରି ଥିଲୁ, ଶାରୀରିକ ଭାବରେ କହୁଛି, ଆମେ ସେପରି ନିଶ୍ଚିତ-ପାଦ ନୋହୁଁ । କିନ୍ତୁ, ପ୍ରଭୁ, ଯେତେବେଳେ ଆମେ ଦେଖୁ ଯେ ମର୍ତ୍ତ୍ୟ ଜୀବନ କ୍ଷୀଣ ହୋଇଯାଉଅଛି, ଏବଂ ତୁମେ ଆମର ହାତକୁ ଧରିଥିବା ବିନା ଆମର କୌଣସି ପାଦଗତି ନିଶ୍ଚିତ ନୁହେଁ ।

199 ବର୍ତ୍ତମାନ, ପରମେଶ୍ୱର, ଆମକୁ ନିଅ, କଅଣ ତୁମେ ନେବ? ଆମର ହୃଦୟଗୁଡିକୁ ଏବଂ ଆମର ଇଚ୍ଛାକୁ ନିଜ ହାତରେ ନିଅ, ଏବଂ ହେଉ ଯେ ଆମେ, ଆଜି ରାତିରେ, ବାକ୍ୟ ପ୍ରତି, ଖ୍ରୀଷ୍ଟଙ୍କ ପାଇଁ ବନ୍ଦୀ ହୋଇଯାଉ । ଆମେ ଏଠାରେ ଈଶ୍ୱରୀୟ ଜୀବନଯାପନ କରୁ । ପ୍ରଭୁ, ଏହି ସ୍ତ୍ରୀମାନେ, ଏହି ଯୁବତୀମାନେ, ଏହି ଯୁବକମାନେ, ବାଳକ ଓ ବାଳିକାମାନେ, ନିଜ ଜୀବନକୁ ସମର୍ପଣ କରନ୍ତୁ । ଏବଂ ସେମାନଙ୍କର ଅଭିଳାଷ ଯୀଶୁ ଖ୍ରୀଷ୍ଟଙ୍କ ସେବା କରିବାର ଅଭିଳାଷ ହେଉ । ଏବଂ ଆସୁ ଆମେ ତାହାଙ୍କର ଐଶ୍ୱରୀୟ ଅନୁଗ୍ରହ ଏବଂ ଇଚ୍ଛାର ବନ୍ଦୀ ହେଉ । ପ୍ରଭୁ, ଏହା ପ୍ରଦାନ କର ।

200 ପ୍ରଭୁ, ଏହା ହିଁ ସମସ୍ତକିଛି ଅଟେ ଯାହା ମୁଁ କରିବା ଜାଣେ । ଏହି ଛୋଟ ଭଂଗା-ରୁଜା ଶବ୍ଦମାନ, ଏବଂ ମୁଁ—ମୁଁ ବିଶ୍ୱାସ କରେ ଯେ ତୁମେ ସେଗୁଡିକକୁ ଠିକ୍ ଭାବରେ, ଏକାଠି ରଖିବ । କାରଣ, ଏଠାରେ ଏହା ଗରମ ଲାଗୁଛି, ଆଉ ଲୋକମାନେ ଶୁଣିବାକୁ ଚାହୁଁଛନ୍ତି, କିନ୍ତୁ ଏହା ପ୍ରକୃତରେ ଉଷ୍ମ ଅଟେ । ଏବଂ ଅନେକଙ୍କୁ ଘରକୁ ଯାଇ ଅତି ଶୀଘ୍ର କାମକୁ ଯିବାକୁ ଅଛି । କିନ୍ତୁ ସେହି ବୀଜଗୁଡ଼ିକ କେବଳ ସେମାନଙ୍କ ହୃଦୟରେ ପଡ଼ି ରହିଥାଉ, "ଜଣେ ବନ୍ଦୀ ।"

201 ଘରକୁ ଯାଆନ୍ତୁ ଏବଂ ପତ୍ନୀଙ୍କୁ କୁହନ୍ତୁ, ଯେପରି ସେମାନେ…'ଏହା ଆଗରୁ କି ସେମାନେ ଓହ୍ଲାଇ ପ୍ରାର୍ଥନା କରିବାକୁ ପ୍ରସ୍ତୁତ ହୁଅନ୍ତି, ଆଜି ଅପରାହ୍ନରେ, କିମ୍ବା ଆଜି ସନ୍ଧ୍ୟାରେ, ଶଯ୍ୟା

ନିକଟରେ, ପରସ୍ପରକୁ ଦେଖନ୍ତୁ, କୁହନ୍ତୁ, “ପ୍ରିୟେ, ଆଜି ରାତି, ତାହା ବିଷୟରେ କଅଣ? ଆମେ ପ୍ରକୃତରେ ଖ୍ରୀଷ୍ଟ ଏବଂ ତାହାଙ୍କ ଇଚ୍ଛାରେ ବନ୍ଦୀ ହୋଇଅଛୁ କି, ଅବା—ଅବା ଆମେ ନିଜ ଇଚ୍ଛାରେ କାମ କରୁଅଛୁ?”

202 ଅନେକ ଯୁବକ ଏବଂ ଯୁବତୀ, ସର୍ବତ୍ର, ବିଶେଷକରି ଯେଉଁମାନେ ଆଜି ରାତିରେ, ବାର୍ତ୍ତା ଶୁଣିଛନ୍ତି, ସେମାନେ ନିଜକୁ ସେହି ସମାନ ପ୍ରଶ୍ନ ପଚାରନ୍ତୁ, “କଅଣ ମୁଁ ମୋ ନିଜ ଜୀବନକୁ ତ୍ୟାଗ କରି, ଜଣେ କଏଦୀ ହେବାକୁ ପ୍ରସ୍ତୁତ କି?”

203 “ଯିଏ ନିଜ ଜୀବନ ରକ୍ଷା କରେ, ସେ ତାହା ହରାଇବ, କିନ୍ତୁ ଯିଏ ମୋ ପାଇଁ ଜୀବନ ହରାଇବ ସେ ତାହା ପାଇବ ।” ପିତା, ଆମେ ଜାଣୁ, ତାହା ହେଉଛି: ତୁମର ଏକ ବନ୍ଦୀ ହେବାକୁ ହେଲେ, ଆମର ନିଜର ଅଭିଳାଷ ଏବଂ ଆମର ନିଜର ଇଚ୍ଛାକୁ ହରାଇବାକୁ ହେବ, ଯେପରିକି ତୁମର ଖୋଜି ପାଉ, ତାହାହେଲେ ଆମର ଅନନ୍ତ ଜୀବନ ଅଛି । ପ୍ରଭୁ, ଏହା ପ୍ରଦାନ କର ।

204 କେବଳ ମାତ୍ର ବିଷୟ ମୁଁ ଜାଣେ, ଯେ ବର୍ତ୍ତମାନ ଏହାକୁ ତୁମ ହାତରେ ଦେବା । ଏବଂ ଏହା ହେଉ ଯେ ତାହା ଫଳପ୍ରଦ ହୋଇ ମହାନ—ମହାନ ସାଧନ ସବୁ ଏହି-ଶେଷ ଦିନର ଅମଳ ପାଇଁ ଉତ୍ପନ୍ନ ହେଉ, ପୁରୁଷ ଏବଂ ମହିଳାମାନେ, ବାଳକ ଏବଂ ବାଳିକାମାନେ, ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ଇଚ୍ଛାରେ ଆତ୍ମ ସମର୍ପଣ କରନ୍ତୁ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ବନ୍ଦୀ ହୋଇ, ତାହାଙ୍କ ପ୍ରେମରେ, ଖ୍ରୀଷ୍ଟଙ୍କ ପ୍ରତି ଈଶ୍ୱରୀୟ ପ୍ରେମର ବନ୍ଧନରେ ଆବଦ୍ଧ ହୁଅନ୍ତୁ । ଆମେ ତାହାଙ୍କ ନାମରେ ଏହା ମାଗୁଛୁ ।

> ମୁଁ ସମସ୍ତକିଛି ସମର୍ପଣ କରେ,

ଆମେ ଛିଡା ହେଉ ।

> ମୁଁ ସମସ୍ତକିଛି ସମର୍ପଣ କରେ,
> ସମସ୍ତକିଛି ତୁମକୁ, ମୋର...?...

205 ଆସନ୍ତୁ ଆମ ଆଖି ବନ୍ଦ କରି ଏବଂ ହାତ ଉପରକୁ ଉଠାଇ, ପୁଣିଥରେ କେବଳ ତାହା କହିବା ।

> ମୁଁ ସମସ୍ତକିଛି ସମର୍ପଣ କରେ,
> ମୁଁ ସମସ୍ତକିଛି ସମର୍ପଣ କରେ,
> ମୋର ଧନ୍ୟ ତ୍ରାଣକର୍ତ୍ତା, ସମସ୍ତକିଛି ତୁମକୁ ଦିଏ,
> ମୁଁ ସମସ୍ତକିଛି ସମର୍ପଣ କରେ ।

206 ତେବେ, ଯଦି ଆମେ ଆମର ମୁଣ୍ଡଗୁଡିକୁ ନୁଆଁଇବା, ଏବଂ ସେହି ବିଦାୟର ଗୀତ *ତୁମ ସହିତ ଯୀଶୁଙ୍କ ନାମ ନିଅ* ଗାଇବା ପୂର୍ବରୁ, ମୁଁ ପଚାରିବାକୁ ଯାଉଛି ଯେ—ଯେ ଏହି ଭାଇ ଏଠାରେ...ମୁଁ ତାଙ୍କ ନାମ ଭୁଲିଯାଉଛି । ଅନ୍ଧକାରର ଦର୍ଶନ ବିଷୟରେ ସାକ୍ଷ୍ୟ ଦେଇଥିବା ସେହି ଭଉଣୀ, ଯିଏକି ସୁସ୍ଥ ହୋଇଥିଲେ । ଏବଂ ମନେରଖନ୍ତୁ, ପଛକୁ ଚାହିଁଲା ବେଳେ,

ପରଦାଟି ଚାଲିଯାଇଥିଲା । ତାର ବିଶ୍ୱାସ ତାହା କଲା । ଆପଣ ଆମକୁ ପ୍ରାର୍ଥନାରେ ବିଦାୟ କରନ୍ତୁ, କଅଣ ଆପଣ କରିବେ କି, ଭାଇ? ଏବଂ ଆମମାନଙ୍କ ଉପରେ ପରମେଶ୍ୱରଙ୍କ ଆଶୀର୍ବାଦକୁ ମାଗନ୍ତୁ ।

***ଜଣେ ବନ୍ଦୀ*** ORI63-0717

(A Prisoner)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଜୁଲାଇ 17, ୧୯୬୩, ବୁଧବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org